# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଜୁଲାଇ ୧୪/୨୦୨୧ (୧୨ ପୃଷ୍ଠା) | Dhenkanal, Wednesday, July 14/2021 | ★★★★★

୧୭ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କୋନାର୍ଡ ୧୬ତମ ଷ୍ଟେଜ୍ ବିଜେତା

ଅଷ୍ଟ୍ରିଆର ପ୍ୟାଟ୍ରିକ୍ କୋନାର୍ଡ ମଙ୍ଗଳବାର ଅନୁଷ୍ଠିତ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୬ତମ ଷ୍ଟେଜ୍ ବିଜେତା ହୋଇଛନ୍ତି। ୦୯

୧୦

## ଅନନ୍ୟାଙ୍କ ପ୍ରଶଂସାରେ ପୋଲିସ

ସାଇବର କ୍ରାଇମ୍‌ରୁ ବର୍ତ୍ତିବାକୁ ସଚେତନତା ବାଣ୍ଟୁଥିବା ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ କାମକୁ ପ୍ରଶଂସା କରିଛି ମୁମ୍ବାଇ ପୋଲିସ।







*T&C Apply. **Ex-Showroom Price of Base Gloss Variant Odisha. Prices subject to change without prior notice. ^5 Years Warranty without any additional charges. ##Finance at the sole discretion of the financier and offers cannot be clubbed together. Accessories shown in the ad may not be a part of standard equipment. ##Offer Valid till 31st July, 2021. Available for 3 and 6 Months EMI on select Credit Cards. Terms and Conditions Apply.


# ବାଇଡେନ୍ ପଛରେ ସିବିଆଇ

ଅକ୍ଟୋବର ୧୯୯୪ରେ ମାଳଦ୍ୱୀପ ମହିଳା ମାରିଅମ୍ ରଶିଦାଙ୍କୁ କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ଗିରଫ କରାଯାଇଥିଲା। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରକେଟ୍ ଇଞ୍ଜିନ୍‌ର ଡ୍ରଇଂଗୁଡ଼ିକୁ ଚୋରିକରି ପାକିସ୍ତାନକୁ ବିକ୍ରି କରିବାକୁ ଯାଉଥିବାବେଳେ ତାଙ୍କୁ ଧରାଯାଇଥିବା ପୋଲିସ କହିଥିଲା। ସେତେବେଳେ ଇସ୍ରୋ ବୈଜ୍ଞାନିକ ଏସ୍. ନମ୍ବି ନାରାୟଣନ୍ କ୍ରାୟୋଜେନିକ୍ ପ୍ରକଳ୍ପର ନିର୍ଦ୍ଦେଶକ ଥିଲେ। ତାଙ୍କ ସହ ଇସ୍ରୋ ଡେପୁଟି ଡାଇରେକ୍ଟର ଡି. ଶଶୀକୁମାର ଏବଂ ରଶିଦାଙ୍କ ବାନ୍ଧବୀ ମାଳଦ୍ୱୀପ ନାଗରିକ ଫଉଜିଆ ହାସନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଭାରତର ମହାକାଶ କାର୍ଯ୍ୟକ୍ରମର କେତେକ ଗୋପନୀୟ ଦସ୍ତାବିଜକୁ ନମ୍ବି ବିଦେଶକୁ ପଠାଉଥିବା ନେଇ ଆସିଥିବା ଗୁପ୍ତଚର ମାମଲା ସେତେବେଳେ ଚାରିଆଡ଼େ ଚର୍ଚ୍ଚାର ବିଷୟ ହୋଇଥିଲା। ହେଲେ ଏପ୍ରିଲ ୧୯୯୬ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ଏଥିସହିତ ସୁପ୍ରିମକୋର୍ଟ ୧୯୯୮ରେ ଏହି ମାମଲାରେ ନମ୍ବି ଦୋଷୀ ନୁହନ୍ତି ବୋଲି କହିଥିଲେ। ପୁଣି ୨୦୧୮ରେ ସର୍ବୋଚ୍ଚ ନ୍ୟାୟାଳୟ ନମ୍ବିଙ୍କ ସମ୍ମାନହାନି ହୋଇଥିବାରୁ କେରଳ ସରକାରଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମିଥ୍ୟା ଅଭିଯୋଗ ଅଣାଯାଇ ତାଙ୍କୁ ଯେଭଳି ଭାବେ ଗିରଫ କରାଯାଇଥିଲା, ସେଥିରେ କେରଳ ପୋଲିସର ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ବିଷୟରେ ଖୋଳତାଡ଼ କରିବା ସକାଶେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଡି. କେ. ଜୈନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୯ ଜୁଲାଇ ୨୦୨୧ରେ ସିବିଆଇ ଅବସରପ୍ରାପ୍ତ ଦୁଇ ପୋଲିସ ଅଧିକାରୀ ଏସ୍. ବିଜୟନ୍ ଏବଂ ଥାମ୍ପି ଏସ୍. ଦୁର୍ଗାଦତ୍ତଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା। କାରଣ ଏହି ଦୁଇ ଅଧିକାରୀ ବୈଜ୍ଞାନିକ ନମ୍ବିଙ୍କୁ ଗିରଫ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଠାରେ ସୂଚନା ଦିଆଯାଇପାରେ ଯେ, ମିଥ୍ୟା ଅଭିଯୋଗ ଅଣାଯାଇ ନମ୍ବିଙ୍କୁ ଗିରଫ କରାଯିବା ପରେ ଭାରତରେ କ୍ରାୟୋଜେନିକ୍ ପ୍ରଯୁକ୍ତି ବିକଶିତ ହେବାରେ ବିଳମ୍ବ ଘଟିଥିଲା ବୋଲି କୁହାଯାଉଛି।

ଏବକାର ସ୍ଥିତି ଦେଖିଲେ ଏହି ଘଟଣା ଆଉ ଏକ ଭିନ୍ନ ମୋଡ଼ରେ ପହଞ୍ଚିଲାଣି। ନମ୍ବିଙ୍କୁ ଚାକିରିରୁ ବହିଷ୍କାର କରିବା ଲାଗି ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନେତୃତ୍ୱରେ ସେତେବେଳେ ଭାରତ ବିରୋଧୀ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ହୋଇଥିଲା ବୋଲି ଏବେ ସିବିଆଇ ପ୍ରମାଣ ଯୋଗାଡ଼ କରିବାରେ ଲାଗିପଡ଼ିଛି। ଭାରତ ଗତ ଶତାବ୍ଦୀର ନବେ ଦଶକରେ ରୁଷିଆଠାରୁ କ୍ରାୟୋଜେନିକ୍ ପ୍ରଯୁକ୍ତି ହାସଲ ଲାଗି କାର୍ଯ୍ୟ ଆରମ୍ଭ କରିଥିଲା। ଏବେ କୁହାଯାଉଛି ଯେ, ଭାରତର କ୍ରାୟୋଜେନିକ କାର୍ଯ୍ୟକ୍ରମକୁ ବିଫଳ କରିବା ପାଇଁ ବାଇଡେନ୍ ୧୯୯୨ରେ ଅନ୍ତର୍ଘାତୀମୂଳକ ଷଡ଼ଯନ୍ତ୍ର କରିଥିଲେ। କାରଣ ଆମେରିକା ପ୍ରଶାସନ ସେତେବେଳେ ପାକିସ୍ତାନ ସପକ୍ଷବାଦୀ ପଦକ୍ଷେପ ନେଉ ବୋଲି ସେ ଚାହୁଁଥିଲେ। ତେବେ ୧୯୯୨ ମସିହାରେ ଆମେରିକାର ଆଜିର ରାଷ୍ଟ୍ରପତି ଜୋ ବାଇଡେନ୍ କେଉଁ ପଦବୀରେ ଥିଲେ ତାହା ଜାଣିବା ଦରକାର। ଆଜି ଡେମୋକ୍ରାଟିକ୍ ଦଳର ନେତା ଭାବେ ରାଷ୍ଟ୍ରପତି ନିର୍ବାଚନ ଜିଣିଥିବା ଜୋ ବାଇଡେନ୍ ସେହି ସମୟରେ ବିରୋଧୀ ଦଳର ଜଣେ ସିନେଟର ଥିଲେ। ସେତେବେଳେ ରାଷ୍ଟ୍ରପ୍ରତି ଥିଲେ ଜର୍ଜ ଏଚ୍.ଡବ୍ଲ୍ୟୁ ବୁଶ୍ ଓ ରିପବ୍ଲିକାନ୍ ଦଳର ଶାସନ ଆମେରିକାରେ ଚାଲିଥିଲା। ତେଣୁ ଆମେରିକା ପ୍ରଶାସନରେ ନ ଥିବା ତଥା ବିରୋଧୀ ଦଳର ସଦସ୍ୟ ଥିବା ବାଇଡେନ୍ କିଭଳି ଭାରତ-ରୁଷିଆ କ୍ରାୟୋଜେନିକ୍ କାର୍ଯ୍ୟକ୍ରମକୁ ବିଫଳ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଥିବେ ତାହା ବୁଝିବା କଷ୍ଟକର।

ଆଜିର ଭାରତରେ ତଦନ୍ତକାରୀ ସଂସ୍ଥା ଅନେକ ସମୟରେ ଅନ୍ଧାରରେ ବାଡ଼ି ବୁଲାଇ ତଥ୍ୟ ଖୋଜୁଛି। ଭାଗ୍ୟକୁ ସେହି ବାଡ଼ି ଠିକଣା ଜାଗାରେ ବାଜିଗଲେ ତା'ର ଗୁରୁତ୍ୱ ବୃଦ୍ଧିପାଉଛି, ନ ହେଲେ ମୋଡ଼ ବଦଳାଇ ଆଉ କାହାକୁ ଧରିପକାଉଛି। ଯେତେବେଳେ କୌଣସି ଅନ୍ତର୍ଜାତୀୟ ସମ୍ପୃକ୍ତି ନେଇ ଭାରତୀୟ ସଂସ୍ଥାଗୁଡ଼ିକ ମତ ଦେଉଛନ୍ତି, ସେତେବେଳେ ବଳିଷ୍ଠ ପ୍ରମାଣ ନ ପାଇ ଏଣୁତେଣୁ କହିଦେବା ଦ୍ୱାରା ଦେଶର ଗୁରୁତ୍ୱ ବିଶ୍ୱସ୍ତରରେ ହ୍ରାସ ପାଉଛି ଓ ଅନ୍ୟ ଦେଶ ସହ ସମ୍ପର୍କରେ ଘୋର କ୍ଷତି ଘଟୁଛି। ଏବେ ସିବିଆଇ ଯେଉଁ ଗମ୍ଭୀର ଅଭିଯୋଗ ଆଣିଛି ସେଥିରୁ ମନେହେଉଛି ଆମେରିକା ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ଭାରତ ଅଭିଯୁକ୍ତ ଭାବେ ଦର୍ଶାଇବାକୁ ଚେଷ୍ଟା କରୁଛି। ଏହାଦ୍ୱାରା ଭାରତର ଆମେରିକା ସହିତ ସମ୍ପର୍କ କେଉଁଭଳି ଭାବେ ସୁଦୃଢ଼ ହୋଇପାରିବ ବୁଝିବା ଅସମ୍ଭବ। ଏଥିସହିତ ସିବିଆଇର ଯାଞ୍ଚ କ୍ଷମତା ସମ୍ପର୍କରେ ପ୍ରାୟ ଦେଶବାସୀଙ୍କ ଧାରଣା ଅଛି। ଏବକାର ସ୍ଥିତିକୁ ଦେଖିଲେ ସିବିଆଇକୁ ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ କରିବାକୁ ପଡ଼ିବ। ବିଶେଷକରି ଯାଞ୍ଚରେ ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତିଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଉଛି। ସେଥିପାଇଁ ବାଇଡେନ୍ ପ୍ରଶାସନର ସିଧାସଳଖ ସାହାଯ୍ୟ ମିଳିଲେ ବାଇଡେନ୍‌ଙ୍କୁ ଦୋଷୀ ପ୍ରମାଣିତ କରିହେବ। ଏଠାରେ ମନେପଡ଼େ ୨୦୨୦ ନଭେମ୍ବର ନିର୍ବାଚନର ଫଳାଫଳ ପ୍ରକାଶ ସମୟର କଥା। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବିପୁଳ ବ୍ୟବଧାନରେ ପରାଜିତ କରି ବାଇଡେନ୍ ରାଷ୍ଟ୍ରପତି ହେଲେ। ପୃଥିବୀର ସବୁ ଦେଶର ନେତାମାନେ ତାଙ୍କୁ ବିଜୟ ପାଇଁ ଶୁଭେଚ୍ଛା ଜଣାଇଲେ। ବିଳମ୍ବ କଲେ କେବଳ ତିନୋଟି ଦେଶ-ଚାଇନା, ରୁଷିଆ ଏବଂ ଭାରତ। ପ୍ରଶ୍ନ ହେଉଛି କାହିଁକି ୩ଟି ଦେଶ ବିଳମ୍ବରେ ଶୁଭେଚ୍ଛା ଜଣାଇଥିଲେ। ଟ୍ରମ୍ପଙ୍କୁ ଜିତାଇବାରେ ରୁଷିଆ ଏବଂ ଚାଇନା ଉଭୟର ଇଚ୍ଛା ଥିଲା। ସେମାନଙ୍କ ହିସାବ ଅନୁଯାୟୀ ଟ୍ରମ୍ପଙ୍କ ଭଳି ଲୋକ ରାଷ୍ଟ୍ରପତି ରହିଲେ ଆମେରିକା ଦୁର୍ବଳ ହୋଇଚାଲିବ ଏବଂ ରୁଷିଆ-ଚାଇନା ମେଣ୍ଟ ପୃଥିବୀ ଉପରେ ରାଜ୍ କରିବେ। ଭାରତର ସମସ୍ୟା ଭିନ୍ନ ଥିଲା। ଆମେରିକା ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ସହ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେକ୍ସାସ୍‌ରେ ଆମେରିକୀୟ-ଭାରତୀୟଙ୍କୁ ଟ୍ରମ୍ପଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ନିଜେ ସ୍ଲୋଗାନ ଦେଇଥିଲେ- 'ଅବ୍‌କି ବାର୍ ଟ୍ରମ୍ପ ସରକାର'। ସେହି ଦୂରଦୃଷ୍ଟିହୀନ ଏବଂ ପିଲାଳିଆ ବୈଦେଶିକ ନୀତି ଯୋଗୁ ଭାରତ ଯଥାସମୟରେ ଶୁଭେଚ୍ଛାବାର୍ତ୍ତା ପଠାଇବା ପରିସ୍ଥିତିରେ ନ ଥିଲା।

ଏକ ଭିନ୍ନ ଚିତ୍ର ଦେଖାଯାଉ। ଧରିନିଆଯାଉ ୯୦ ଦଶନ୍ଧିରେ ଜୋ ବାଇଡେନ୍ ଭାରତ ଓ ରୁଷିଆ ମଧ୍ୟରେ ଚାଲିଥିବା କ୍ରାୟୋଜେନିକ୍ କାର୍ଯ୍ୟକ୍ରମକୁ ବିଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିରୋଧୀ ଦଳ ସିନେଟର ହୋଇଥିବା ସତ୍ତ୍ୱେ ବାଇଡେନ୍ ତାଙ୍କର କାର୍ଯ୍ୟ ଦ୍ୱାରା ଯଦି ଆମେରିକା ମହାକାଶ ସଂକ୍ରାନ୍ତ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିଥିଲେ, ତାଙ୍କ ଦେଶରେ ସେ ଜଣେ ଉଚ୍ଚକୋଟୀର ତଥା ଦକ୍ଷ ଦେଶପ୍ରେମୀଭାବେ ବିବେଚିତ ହେବେ। ଏହାଦ୍ୱାରା ତାଙ୍କର ରାଜନୈତିକ ଭାବମୂର୍ତ୍ତି ଆମେରିକାରେ ବଢ଼ିପାରେ। ଧରିନିଆଯାଉ ସିବିଆଇ ତାହାର ତଦନ୍ତରେ ସବୁ ପ୍ରମାଣ କରିଦେବ। ତାହା ଭାରତକୁ ସିଧାସଳଖ ଆମେରିକାର ରାଷ୍ଟ୍ରପତିଙ୍କ ବିରୋଧୀ ଭାବେ ପ୍ରମାଣିତ କରିଦେବ। 'ଔଷଧ ବିକଳରେ ତାଟିଆ କାମୁଡ଼ିବା' ଭଳି ବୈଦେଶିକ ନୀତିରେ ଘୋର୍ ବାଚାଳାମି ପ୍ରଦର୍ଶନ କରିଥିବା ଭାରତର ନେତୃତ୍ୱ ଏବେ ପୁନର୍ବାର ତ୍ରୁଟି କରୁଛନ୍ତି। 'ଅବ୍‌କି ବାର୍ ଟ୍ରମ୍ପ ସରକାର' ତ୍ରୁଟିକୁ ଘୋଡ଼ାଇବାକୁ ଯାଇ ପ୍ରମାଣ କରୁଛନ୍ତି ଯେ, ବାଇଡେନ୍ ଦୀର୍ଘଦିନରୁ ଭାରତ ବିରୋଧୀ ଥିଲେ। ତାଙ୍କୁ ହରାଇବା ଥିଲା ଭାରତର ନେତାଙ୍କ ମୁଖ୍ୟ ମହାନ୍ ଉଦ୍ଦେଶ୍ୟ। ଏବେ ସେହି ମହାନ୍ ଉଦ୍ଦେଶ୍ୟକୁ ଯଥାର୍ଥ ବୋଲି ଦେଶବାସୀଙ୍କ ସମ୍ମୁଖରେ ପ୍ରମାଣ କରିବାକୁ ଯାଇ ପୁନର୍ବାର ଅନ୍ୟ ଏକ ବଡ଼ ତ୍ରୁଟି ସିବିଆଇ ଦ୍ୱାରା ଘଟାଇବାକୁ ଯାଉଛନ୍ତି।

**ତଥାଗତ ସତପଥୀ**

# ଦ୍ୱିତୀୟ ନ ଯାଉଣୁ ତୃତୀୟ ଭୟ

- ଓଡ଼ିଶାର ୪ ଜିଲାରେ ୫% ଉପରେ ସଂକ୍ରମଣ ହାର
- ଭୁବନେଶ୍ୱର, କଟକ ପାଇଁ ଲୋଡ଼ା ସ୍ୱତନ୍ତ୍ର ଷ୍ଟ୍ରାଟେଜି
- ବିଶେଷଜ୍ଞଙ୍କ ପରାମର୍ଶ: ଶଟ୍‌ଡାଉନ, ରାତ୍ରି କର୍ଫ୍ୟୁ ଜାରି ରହୁ
- ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ କଟକଣା ରହୁ: ଡିଏମ୍‌ଇଟି



ଭୁବନେଶ୍ୱର(ବ୍ୟୁରୋ)/ନୂଆଦିଲ୍ଲୀ,୧୩।୭

ଓଡ଼ିଶାରେ କୋଭିଡ୍ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ଗତ ଏପ୍ରିଲ ୧୩ରେ ରାଜ୍ୟରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମେ ୧୩ରେ ୧୯, ଜୁନ ୧୩ରେ ୪୫ ଏବଂ ଜୁଲାଇ ୧୩ରେ ୬୮ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ରାଜ୍ୟରୁ କରୋନାର ଦ୍ୱିତୀୟ ଲହର ଶେଷ ହୋଇ ନ ଥିବାବେଳେ ବିଶ୍ୱର ବିଭିନ୍ନ ଦେଶରେ ଏହି ମହାମାରୀର ତୃତୀୟ ଲହର ଆରମ୍ଭ ହୋଇଗଲାଣି। ଅନ୍ତର୍ଜାତୀୟ ଛବିକୁ ଦେଖିଲେ ବ୍ରିଟେନ, ସ୍ପେନ, ରୁଷିଆ, ଇରାନ, ଇଣ୍ଡୋନେସିଆ, ବାଂଲାଦେଶ, ଥାଇଲାଣ୍ଡ, ଆର୍ଜେଣ୍ଟିନା,ଦକ୍ଷିଣ ଆଫ୍ରିକା ଭଳି କେତେକ ଦେଶରେ ସଂକ୍ରମଣ ପୁଣିଥରେ ଉପରମୁହାଁ ହୋଇଛି। ଭାରତରେ ମଧ୍ୟ କୌଣସି ସମୟରେ ତୃତୀୟ ଲହରର ପ୍ରକୋପ ଆରମ୍ଭ ହୋଇପାରେ। ତେଣୁ ଏସମ୍ପର୍କିତ ଭବିଷ୍ୟବାଣୀକୁ ପାଣିପାଗ ଅପ୍‌ଡେଟ୍ ଭଳି ଗ୍ରହଣ ନ କରିବାକୁ ମଙ୍ଗଳବାର କେନ୍ଦ୍ର ସରକାର ଦେଶବାସୀଙ୍କୁ ଚେତାଇଦେଇଛନ୍ତି। ଦେଶର ୫ ରାଜ୍ୟରେ ୭୩.୪% ନୂଆ ସଂକ୍ରମଣ ମାମଲା ରହିଛି। ସର୍ବାଧିକ ସଂକ୍ରମିତ ଥିବା ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ରହିଥିବାରୁ ☞ପୃଷ୍ଠା-୪

## ଯୁକ୍ତ୨ ସିଟ୍ ବଢ଼ିବ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ରାଜ୍ୟରେ ଯୁକ୍ତ୨ରେ ସିଟ୍ ସଂଖ୍ୟା ବଢ଼ିବ। ଜୁନିୟର କଲେଜଗୁଡ଼ିକରେ ଯୁକ୍ତ୨ ସିଟ୍ ବଢ଼ାଇବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଯେଉଁ କଲେଜ୍‌ଗୁଡ଼ିକ ଚାହିଁବେ ଏନେଇ ଆବେଦନ କରିପାରିବେ। ସିଟ୍ ବୃଦ୍ଧି ପାଇଁ କଲେଜ୍‌ଗୁଡ଼ିକ ୭ଦିନ ମଧ୍ୟରେ ସାମ୍‌ସ ଜରିଆରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୬୨ ହଜାର ୧୦ ଛାତ୍ରୀଛାତ୍ର ମାଟ୍ରିକ ପାସ୍ କରିଛନ୍ତି। ଆଉ ସିବିଏସ୍‌ସି ଓ ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ପ୍ରତିବର୍ଷ ଏହି ଦୁଇ ବୋର୍ଡର ପ୍ରାୟ ☞ପୃଷ୍ଠା-୪

## ବଜ୍ରପାତ ନେଲା ୫ ଜୀବନ

- ଗଛ ତଳେ ଟଳିପଡ଼ିଲେ ୩ ଛାତ୍ରୀଛାତ୍ର
- ଚାଷ କରିବା ବେଳେ ଚାଷୀଙ୍କ ମୃତ୍ୟୁ
- ୨୦ରୁ ଊର୍ଦ୍ଧ୍ୱ ଛେଳି ମୃତ

ବାରିପଦା ଅଫିସ/ପରଜଙ୍ଗ/କାମାକ୍ଷାନଗର(ଡି.ଏନ୍.ଏ.), ୧୩।୭

ରାଜ୍ୟର ପୃଥକ୍ ସ୍ଥାନରେ ମଙ୍ଗଳବାର ବଜ୍ରପାତ ଘଟି ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାର ୪ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଛାତ୍ରୀଛାତ୍ର ଏବଂ ଜଣେ ମହିଳା। ସେହିପରି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଜଣେ ଚାଷୀ ବଜ୍ରପାତର ଶିକାର ହୋଇଛନ୍ତି।

ବଜ୍ରପାତରୁ ସବୁଠାରୁ ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ବାଘୁଆଶୋଳ ଗ୍ରାମରେ। ଗ୍ରାମର କାଳୀଚରଣ ନାଏକଙ୍କ ପୁଅ ବବୁଲ (୧୬), ରାଧାକାନ୍ତ ନାଏକଙ୍କ ପୁଅ ସୁଜିତ (୧୪) ଏବଂ ଜଗନ୍ନାଥ ନାଏକଙ୍କ ଝିଅ ବର୍ଷା (୧୨) ଛେଳି ଚରାଇବାକୁ ସବାଇଘାସ ଚାଷ ☞ପୃଷ୍ଠା-୪




ଆମେରିକୀୟ ରାପର୍ କେଟିଏସ୍ ଡ୍ରେଆକା ଲୋଣ୍ଡ୍ରେ ସିଲ୍‌ଭେଷ୍ଟର(୩୧) ଚିକାଗୋ ଜେଲରୁ ମୁକୁଳୁଥିବାବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। କେହି ତାଙ୍କ ଉପରକୁ ପ୍ରାୟ ୬୪ ଥର ଗୁଳି ଚଲାଇଥିଲେ। ସିଲ୍‌ଭେଷ୍ଟରଙ୍କ ଉପରକୁ ଆକ୍ରମଣବେଳେ ତାଙ୍କ ପାଖ ଦେଇ ଯାଇଥିବା ଜଣେ ମହିଳାଙ୍କ ଗୋଡ଼ରେ ଗୁଳିବାଜିବାରୁ ସେ ଗୁରୁତର ହୋଇଛନ୍ତି। ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଏବଂ ପୋଲିସକୁ ବିରୋଧ କରିବା ଅଭିଯୋଗରେ ୨୦୨୦ ଏପ୍ରିଲ ୨୦ରେ ସିଲ୍‌ଭେଷ୍ଟରଙ୍କୁ ଗିରଫ କରାଯାଇଥିଲା।





## ସଂକ୍ଷେପରେ

### ଲଙ୍କାଗୁଣ୍ଡ ପକାଇ ୭ କଏଦୀ ଫେରାର

ଇଟାନଗର, ୧୩।୭: ଅରୁଣାଚଳ ପ୍ରଦେଶର ପୂର୍ବ ସିଆଙ୍ଗ ଜିଲା ପସିଘାଟ ଜେଲର ୭ ଜଣ ବିଚାରାଧୀନ କଏଦୀ ରବିବାର ସନ୍ଧ୍ୟାରେ ସିକ୍ୟୁରିଟି ଗାର୍ଡଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଫେରାର ହୋଇଯାଇଛନ୍ତି। ଲକ୍-ଅପ୍ ଖୋଲି ଅନ୍ତେବାସୀଙ୍କୁ ଖାଦ୍ୟ ଦିଆଯାଉଥିବାବେଳେ ୭ କଏଦୀ ହଠାତ୍ ଜଗୁଆଳିଙ୍କ ଆଖିରେ ଲଙ୍କା ଗୁଣ୍ଡ ଫିଙ୍ଗିଥିଲେ। ପରେ ସେମାନଙ୍କୁ ଠେଲାପେଲା କରିବା ସହ ମୋବାଇଲ ଫୋନ୍ ଛଡ଼ାଇନେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏଥିରେ ୫ ସିକ୍ୟୁରିଟି ଗାର୍ଡ ଆହତ ହୋଇଛନ୍ତି। ସେମାନଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେଶନ ଚାଲିଛି।

### ରାହୁଲଙ୍କୁ ଭେଟିଲେ ପ୍ରଶାନ୍ତ କିଶୋର

#### ଏଏପିକୁ ସିଦ୍ଧୁଙ୍କ ପ୍ରଶଂସା

ନୂଆଦିଲ୍ଲୀ,୧୩।୭: ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଆଲୋଚନା ବେଳେ ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପଞ୍ଜାବ ପ୍ରଭାରୀ ହରିଶ ରାୱତ ଉପସ୍ଥିତ ଥିଲେ। ସାକ୍ଷାତ ବେଳେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣାପଡ଼ିନାହିଁ। ତେବେ ପଞ୍ଜାବ କଂଗ୍ରେସରେ ବିଦ୍ରୋହ ପରିପ୍ରେକ୍ଷୀରେ ଉଭୟଙ୍କ ଭେଟକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ଆସନ୍ତା ମାର୍ଚ୍ଚ ଆଡ଼କୁ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଅସନ୍ତୁଷ୍ଟ କଂଗ୍ରେସ ନେତା ନଭଜୋତ୍ ସିଂ ସିଦ୍ଧୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଇତିମଧ୍ୟରେ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ସିଦ୍ଧୁଙ୍କ ଏକ ଟୁଇଟ୍ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି। ସିଦ୍ଧୁ ଟୁଇଟ୍ କରି ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ପ୍ରଶଂସା କରିଛନ୍ତି। ପଞ୍ଜାବରେ ଏଏପି ସବୁବେଳେ ତାଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟକୁ ସ୍ୱୀକୃତି ଦେଇଛି ଏବଂ ରାଜ୍ୟ ପାଇଁ ପ୍ରକୃତରେ କିଏ ଲଢ଼େଇ କରୁଛି ତାହା ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ଜାଣିଥିବା ସେ ଟୁଇଟ୍ କରିଛନ୍ତି।

### ଟୁଇଟ୍ ହଟାଇବାକୁ ସାକେତଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୭: କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସ୍ତ୍ରୀ ତଥା ଜାତିସଂଘର ପୂର୍ବତନ ସହକାରୀ ମହାସଚିବ ଲକ୍ଷ୍ମୀ ପୁରୀଙ୍କ ବିରୋଧରେ କରିଥିବା ଅପମାନଜନକ ଟୁଇଟ୍ ହଟାଇବା ପାଇଁ ସାମାଜିକ କର୍ମୀ ସାକେଟ ଗୋଖଲେଙ୍କୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ମୀ ତାଙ୍କ ଆୟ ବାହାରେ ବେଆଇନ ଭାବେ ସୁଇଜରଲାଣ୍ଡରେ ଘର କିଣିଥିବା ନେଇ ସାକେଟ ଗତ ମାସରେ ଏକ ଟୁଇଟ କରିଥିଲେ। ଉକ୍ତ ଟୁଇଟ୍ ମିଥ୍ୟା ତଥ୍ୟ ଉପରେ ଆଧାରିତ ଏବଂ ଏହା ତାଙ୍କ ମାନହାନି କରୁଥିବା ଅଭିଯୋଗ ଆଣି ଲକ୍ଷ୍ମୀ ପୁରୀ ଲ' ଫାର୍ମ କରଞ୍ଜାୱାଲା ଆଣ୍ଡ୍ କୋ ଜରିଆରେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସାକେଟ ତୁରନ୍ତ ଉକ୍ତ ଟୁଇଟ ହଟାଇବା ସହ କ୍ଷତିପୂରଣ ବାବଦକୁ ୫ କୋଟି ଟଙ୍କା ଦିଅନ୍ତୁ ବୋଲି ଲକ୍ଷ୍ମୀ ଦାବି କରିଥିଲେ। ସାକେଟ ୨୪ ଘଣ୍ଟା ମଧ୍ୟରେ ଟୁଇଟ ନ ହଟାଇଲେ ଟୁଇଟର ତାହାକୁ ନିଜ ଆଡୁ ଡିଲିଟ କରିବାକୁ ଜଷ୍ଟିସ୍ ସି. ହରି ଶଙ୍କର ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅନ୍ୟ କୌଣସି ପ୍ଲାଟଫର୍ମରେ ମଧ ମାନହାନି ହେଉଥିବା ଭଳି ପୋଷ୍ଟ କରିବାକୁ କୋର୍ଟ ସାକେଟଙ୍କୁ ବାରଣ କରିଛନ୍ତି।



## ପାକ୍‌ରେ ମାଲାଲାଙ୍କୁ ବିରୋଧ

ବ୍ରିଟେନରେ ରହୁଥିବା ନୋବେଲ ପୁରସ୍କାର ବିଜୟିନୀ ଶିକ୍ଷା ଅଧିକାର କର୍ମୀ ମାଲାଲା ୟୁସୁଫ୍‌ଜାଇଙ୍କ ବିରୋଧରେ ପାକିସ୍ତାନର ଘରୋଇ ସ୍କୁଲ ସଂଘ ପକ୍ଷରୁ ଏକ ବୃତ୍ତଚିତ୍ର ଲଞ୍ଚ୍ କରାଯାଇଛି। ଜୁଲାଇ ୧୨ରେ 'ମାଲାଲା ଦିବସ' ପାଳନ ଅବସରରେ ଘରୋଇ ସ୍କୁଲଗୁଡ଼ିକରେ ମାଲାଲା ବିରେଧୀ ଶିକ୍ଷା ଓ ଆଲୋଚନାଚକ୍ରର ଆୟୋଜନ କରାଯାଇଛି। ଗୁଲବର୍ଗରେ ଅଲ୍ ପାକିସ୍ତାନ ପ୍ରାଇଭେଟ୍ ସ୍କୁଲ୍ସ ଫେଡେରେଶନ୍ ଅଧକ୍ଷ କାଶିଫ୍ ମିର୍ଜା କହିଛନ୍ତି, 'ଆଇ ଆମ୍ ନଟ୍ ମାଲାଲା' ଶୀର୍ଷକ ଡକ୍ୟୁମେଣ୍ଟାରି ଫିଲ୍ମ ଜରିଆରେ ଦେଶର ୨ ଲକ୍ଷ ଘରୋଇ ସ୍କୁଲର ୨ କୋଟି ଛାତ୍ରୀଛାତ୍ରଙ୍କୁ ମାଲାଲାଙ୍କ ଇସ୍‌ଲାମ ବିରୋଧୀ ଆଭିମୁଖ୍ୟ, ବିବାହ ଉପରେ ବିବାଦୀୟ ମନ୍ତବ୍ୟ ଓ ପାଶ୍ଚାତ୍ୟ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଛୁ। ୨୦୧୨ ଅକ୍ଟୋବର ୯ରେ ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶର ସ୍ୱାତ୍ ଉପତ୍ୟକାରେ ତେହରିକ୍-ଇ-ତାଲିବାନ ପାକିସ୍ତାନ ଆତଙ୍କବାଦୀମାନେ ମାଲାଲାଙ୍କୁ ଗୁଳି କରିଥିଲେ।

## ବ୍ରାନ୍‌ସନ୍‌ଙ୍କଠାରୁ ଟିକେଟ କିଣିଲେ ମସ୍କ



ସ୍ପେସ୍‌ଏକ୍ସ ଏବଂ ଟେସ୍‌ଲା ସିଇଓ ଏଲନ ମସ୍କ ଗତ ୧୧ ତାରିଖରେ ମହାକାଶ ଯାଇ ଫେରିଥିବା ବ୍ରିଟିଶ ବିଲିୟନେୟାର ରିଚାର୍ଡ ବ୍ରାନସନ୍‌ଙ୍କଠାରୁ ସ୍ପେସ୍ ଟିକେଟ କିଣିଛନ୍ତି। ବ୍ରାନ୍‌ସନ୍‌ଙ୍କ କମ୍ପାନୀ ଭର୍ଜିନ ଗାଲାକ୍ଟିକ୍‌ର ସ୍ପେସ୍‌କ୍ରାଫ୍ଟ ଟିକେଟ ପାଇଁ ମସ୍କ ୨ ଲକ୍ଷ ୫୦ ହଜାର ଡଲାର ଦେଇଛନ୍ତି। ତେବେ ୱେଟିଂ ଲିଷ୍ଟରେ ମସ୍କ କେତେ ନମ୍ବରରେ ଅଛନ୍ତି ତାହା ଜଣାପଡ଼ିନାହିଁ। ଭର୍ଜିନ ଗାଲାକ୍ଟିକ୍ ଏ ବାବଦରେ ୮୦ ମିଲିୟନ ଡଲାର ସଂଗ୍ରହ କରିଛି। ଏକ ସାକ୍ଷାତକାରରେ ବ୍ରାନ୍‌ସନ୍ କହିଛନ୍ତି, ମସ୍କ ତାଙ୍କ ବନ୍ଧୁ। ଦିନେ ସେ ମସ୍କଙ୍କ ସ୍ପେସ୍‌ଶିପ୍‌ରେ ଯାତ୍ରା କରିବେ।

# ଧନୀ ଦେଶଙ୍କ ଲୋଭ, ଗରିବ ବଞ୍ଚିତ



ଜେନେଭା,୧୩।୭

ବିଶ୍ୱର ଧନୀ ରାଷ୍ଟ୍ରଗୁଡ଼ିକର କରୋନା ଭାକ୍ସିନ ଲୋଭ ବଢ଼ିବାରେ ଲାଗିଛି। ଅନେକ ଧନୀ ଦେଶ ନିଜ ନାଗରିକମାନଙ୍କୁ ଦ୍ୱିତୀୟ ଡୋଜ୍ ଦେବା ପରେ ବୁଷ୍ଟର ଡୋଜ୍ ବା ଅତିରିକ୍ତ ଖୋରାକ ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏଥିଯୋଗୁ କେତେକ ଗରିବ ଦେଶରେ ଟିକା ସଙ୍କଟ ସୃଷ୍ଟି ହୋଇଛି। ଏ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି ଯେ, ଜାଣିଶୁଣି ଦୁର୍ବଳ ଦେଶଗୁଡ଼ିକୁ ମହାମାରୀ ସହ ଯୁଝିବାକୁ ଛାଡ଼ିଦେଇଥିବା ବିଶ୍ୱ ଆଗାମୀ ଦିନରେ ଲଜ୍ଜିତ ହେବ। ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓ ସେହି ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକୁ ମଧ ଭର୍ତ୍ସନା କରିଛି, ଯେଉଁମାନେ ବିଶ୍ୱର ବିଭିନ୍ନ ଦେଶକୁ କରୋନା ଭାକ୍ସିନର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଦେବା ପରିବର୍ତ୍ତେ ବୁଷ୍ଟର ଡୋଜ୍ ତିଆରି କରିବାରେ ଲାଗିଛନ୍ତି। ଅଧିକାଂଶ ଗରିବ ଦେଶରେ ଅଦ୍ୟାବଧି ସାଧାରଣ ଲୋକଙ୍କ କଥା କିଏ ପଚାରେ, ସ୍ୱାସ୍ଥ୍ୟକର୍ମୀ ଓ ବୟସ୍କମାନଙ୍କୁ ମଧ ଟିକା ଦିଆଯାଇପାରିନାହିଁ। ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନୋମ୍ ଘେବ୍ରେୟେସସ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମହାମାରୀ କେବେ ଶେଷ ହେବ ବୋଲି ପ୍ରଶ୍ନ କରାଯାଉଛି। ଆମେ ଏହାକୁ ଶୀଘ୍ର ଶେଷ କରିପାରିବା। କାରଣ ଆମ ପାଖରେ ଅସ୍ତ୍ର ଅଛି। ତେବେ ଏହାକୁ ନେଇ ବିଶ୍ୱ ସ୍ତରରେ ନିର୍ଣ୍ଣାୟକ ନେତୃତ୍ୱ ଦେଖିବାକୁ ମିଳୁନାହିଁ। ଭାକ୍ସିନକୁ ନେଇ ଜାତୀୟତାବାଦ ଅର୍ଥାତ୍ କେବଳ ନିଜ ସମ୍ପର୍କରେ ଚିନ୍ତା କରାଯାଉଥିବାରୁ ମହାମାରୀ ବଢ଼ିବାରେ ଲାଗିଛି।

### ଟିକାକରଣ ସ୍ଥିତି

| ଦେଶ | ଭାକ୍ସିନ୍ ନେଲେଣି |
|---|---|
| ଚାଇନା | ୧.୩୯ ବିଲିୟନ |
| ଉତ୍ତର ଆମେରିକା | ୪୫୬.୪୭ ମିଲିୟନ |
| ଭାରତ | ୩୮୧.୪୭ ମିଲିୟନ |
| ଆମେରିକା | ୩୩୪.୬ ମିଲିୟନ |
| ଦକ୍ଷିଣ ଆମେରିକା | ୨୧୪.୪୭ ମିଲିୟନ |
| ବ୍ରାଜିଲ | ୧୧୫.୮୩ ମିଲିୟନ |
| ଜର୍ମାନୀ | ୮୨.୪୫ ମିଲିୟନ |
| ବ୍ରିଟେନ | ୮୦.୮ ମିଲିୟନ |
| ଜାପାନ | ୬୧.୯୯ ମିଲିୟନ |
| ଫ୍ରାନ୍ସ | ୫୯.୭୮ ମିଲିୟନ |

### ଟିକା ମିଶ୍ରଣ ବିପଜ୍ଜନକ

ସାରା ବିଶ୍ୱରେ କରୋନା ଭାଇରସ୍ ବିରୋଧୀ ଲଢ଼େଇରେ ସବୁଠୁ ଉପଯୋଗୀ ଅସ୍ତ୍ର ରୂପେ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି। ଅନେକ ସ୍ଥାନରେ ଟିକାର ଡୋଜ୍ ମିଶ୍ରଣ ନେଇ ଚିନ୍ତା କରାଯାଉଥିବାବେଳେ ଆଉ କିଛି ସ୍ଥାନରେ ଏହାର ପ୍ରୟୋଗ ଆରମ୍ଭ ହୋଇଗଲାଣି। ଏହାକୁ ନେଇ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ବୈଜ୍ଞାନିକ ସୋମ୍ୟା ସ୍ୱାମୀନାଥନ୍ ଚିନ୍ତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଭିନ୍ନ ଭିନ୍ନ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଟିକାକୁ ମିଶାଇ ଦିଆଯାଉଛି। ଏହା ଏକ ବିପଜ୍ଜନକ ଧାରା। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡ଼ିବ ତାକୁ ନେଇ କୌଣସି ଅଧୟନ କରାଯାଇ ନାହିଁ। ଭାକ୍ସିନ ମିକ୍ସିଂ ଓ ମ୍ୟାଚିଂର ପ୍ରଭାବକୁ ନେଇ କିଛି ତଥ୍ୟ ନାହିଁ। ଲୋକେ କେବେ କେଉଁ ଡୋଜ୍ ନେବେ ତାହା ସତର୍କ ହୋଇ ନିଜେ ନିଷ୍ପତ୍ତି ନିଅନ୍ତୁ।

## କ୍ୟାବିନେଟ କମିଟି ପୁନର୍ଗଠିତ





### ସୋନୋୱାଲ, ଇରାନୀଙ୍କୁ ଗୁରୁଦାୟିତ୍ୱ

ନୂଆଦିଲ୍ଲୀ,୧୩।୭

କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ୬ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ କମିଟିଗୁଡ଼ିକୁ ପୁନର୍ଗଠନ କରିଛନ୍ତି। ମଙ୍ଗଳବାର ପୁନର୍ଗଠିତ ପ୍ରଭାବଶାଳୀ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି (ସିସିଇଏ)କୁ ଛୋଟ କରାଯାଇଥିବାବେଳେ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିପିଏ)ରେ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଗିରିରାଜ କିଶୋର, ଭୂପିନ୍ଦର ଯାଦବ ଓ ସର୍ବାନନ୍ଦ ସୋନୋୱାଲଙ୍କୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳିଛି। କିନ୍ତୁ ସିସିଇଏରେ କୌଣସି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ ପ୍ରତିନିଧିତ୍ୱ ମିଳିନାହିଁ। ସେହିପରି ସିସିପିଏରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର କୌଣସି ସହଯୋଗୀ ଦଳ, ଦଳିତ ଓ ସଂଖ୍ୟାଲଘୁ ସମୁଦାୟକୁ ସ୍ଥାନ ନ ମିଳିବା ସମସ୍ତଙ୍କୁ ବିସ୍ମିତ କରିଛି। ପୂର୍ବରୁ ସିସିଇଏରେ ଶିରୋମଣି ଅକାଳୀ ଦଳର ହରସିମରତ୍ କୌର୍‌ଙ୍କ ସମେତ ୧୧ ସଦସ୍ୟ ଥିବାବେଳେ ନୂଆ ପ୍ୟାନେଲରେ ମାତ୍ର ୮ ଜଣଙ୍କୁ ରଖାଯାଇଛି। ସେମାନେ ହେଲେ ରାଜନାଥ ସିଂ (ପ୍ରତିରକ୍ଷା), ଅମିତ୍ ଶାହା (ସ୍ୱରାଷ୍ଟ୍ର), ନୀତିନ ଗଡ଼କରୀ(ସଡ଼କ ପରିବହନ ଓ ରାଜପଥ), ନିର୍ମଳା ସୀତାରାମନ (ଅର୍ଥ ଓ କର୍ପୋରେଟ୍ ବ୍ୟାପାର), ନରେନ୍ଦ୍ର ସିଂ ତୋମାର (କୃଷି ଓ କୃଷକ କଲ୍ୟାଣ), ଏସ୍. ଜୟଶଙ୍କର (ବହିର୍ବ୍ୟାପାର), ପୀୟୂଷ ଗୋୟଲ (ବାଣିଜ୍ୟ, ଶିଳ୍ପ ଓ ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ, ବୟନଶିଳ୍ପ) ଏବଂ ଧର୍ମେନ୍ଦ୍ର ପ୍ରଧାନ (ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକ)। ଗ୍ରାମାଞ୍ଚଳ ବିକାଶ ପାଇଁ କେନ୍ଦ୍ର ପକ୍ଷରୁ ନୂଆ ନୀତି ଘୋଷଣା କରାଯାଇଥିବାବେଳେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ଅର୍ଥନୀତି ସହ ଜଡ଼ିତ ସିସିଇଏରେ ରଖାଯାଇ ନାହିଁ। ସେହିପରି ରେଳପଥ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ଭଳି ମନ୍ତ୍ରଣାଳୟଗୁଡ଼ିକ ମଧ ଏଥିରେ ସ୍ଥାନ ପାଇ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସିସିପିଏରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ, ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଏବଂ ଆୟୁଷ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ସାମିଲ କରାଯାଇଛି। ଏମାନଙ୍କ ସହ ରାଜନାଥ, ଶାହା, ଗଡ଼କରୀ, ସୀତାରାମନ, ତୋମାର, ଗୋୟଲ ଏବଂ ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ରଖାଯାଇଛି। ରାଜନାଥଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ ବ୍ୟାପାର କମିଟିରେ ବୀରେନ୍ଦ୍ର କୁମାର(ସାମାଜିକ ନ୍ୟାୟ ଓ ସଶକ୍ତୀକରଣ), କିରନ ରିଜିଜୁ (ଆଇନ ଓ ନ୍ୟାୟ) ଓ ଅନୁରାଗ ଠାକୁର (ସୂଚନା ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡ଼ା)ଙ୍କୁ ସଦସ୍ୟ ଭାବେ ରଖାଯାଇଛି। ନିଯୁକ୍ତି ଓ ଦକ୍ଷତା ବିକାଶ କମିଟିରେ ନୂଆ ସଦସ୍ୟ ରୂପେ ଅଶ୍ୱିନୀ ବୈଷ୍ଣବ(ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା), ଭୂପିନ୍ଦର ଯାଦବଙ୍କୁ ରଖାଯାଇଛି। ସେହିପରି ନିବେଶ, ଅଭିବୃଦ୍ଧି ସମ୍ପର୍କିତ କ୍ୟାବିନେଟ କମିଟିରେ ନାରାୟଣ ରାଣେ (ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ), ଜ୍ୟୋତିରାଦିତ୍ୟ ସିନ୍ଧିଆ (ବେସାମରିକ ବିମାନ ଚଳାଚଳ) ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ସଦସ୍ୟଭାବେ ସୁଯୋଗ ମିଳିଛି।

## ସେପ୍ଟେମ୍ବରରେ ସିରମ୍ ଆଣିବ ସ୍ପୁଟନିକ୍-ଭି




ରୁଷିଆ କରୋନା ଟିକା ସ୍ପୁଟନିକ୍ ଭି'କୁ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଏସ୍‌ଆଇଆଇ) ଉତ୍ପାଦନ କରିବ। ଏ ନେଇ ରୁଷିଆ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ(ଆର୍‌ଡିଆଇଏଫ୍) ଏବଂ ଏସ୍‌ଆଇଆଇ ମଙ୍ଗଳବାର ଘୋଷଣା କରିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଟିକାର ପ୍ରଥମ ବ୍ୟାଚ୍ ସିରମ୍ କମ୍ପାନୀରେ ପ୍ରସ୍ତୁତ ହେବ। ଭାରତରେ ବର୍ଷକୁ ୩ ଶହ ନିୟୁତ ଡୋଜ୍ ପ୍ରସ୍ତୁତ କରିବାକୁ ସିରମ୍ ଲକ୍ଷ୍ୟ ରଖିଛି। ସ୍ପୁଟନିକ୍ ଭି ପାଇଁ ରୁଷିଆର ଗାମେଲିଆ ସେଣ୍ଟରରୁ ଏସ୍‌ଆଇଆଇ ସେଲ୍ ଓ ଭେକ୍ଟର ନମୁନା ସଂଗ୍ରହ କରିସାରିଛି। ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ମଞ୍ଜୁରୀ ଦେବା ପରେ ଟିକା ପ୍ରସ୍ତୁତି ଆରମ୍ଭ ହୋଇଛି। ଭାରତରେ ସିରମ୍ କୋଭିଶିଲ୍ଡ ଟିକା ଉତ୍ପାଦନ କରୁଛି।

## କୋଭାକ୍ସିନକୁ ଖୁବ୍‌ଶୀଘ୍ର ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ

କରୋନାର ତୃତୀୟ ଲହରକୁ ରୋକିବା ପାଇଁ ଟିକାକରଣ ଜରୁରୀ ହୋଇପଡ଼ିଥିବାବେଳେ କୋଭାକ୍ସିନକୁ ନେଇ ବଡ଼ ଖବର ଆସିଛି। କୋଭାକ୍ସିନ ନିର୍ମାତା କମ୍ପାନୀ ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି ଯେ, ଏହି ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଞ୍ଜୁରୀ ଯଥାଶୀଘ୍ର ସମ୍ଭବ ମିଳିଯିବ। କୋଭାକ୍ସିନର ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ଏହାର ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ମିଳିପାରେ।




## ନେପାଳରେ ଦେଉବା ସରକାର

କାଠମାଣ୍ଡୁ, ୧୩।୭



ଶେର ବାହାଦୁର ଦେଉବା

### ୫ମ ଥର ପାଇଁ ପ୍ରଧାନମନ୍ତ୍ରୀ ହେଲେ

ନେପାଳୀ କଂଗ୍ରେସ ଅଧକ୍ଷ ଶେର ବାହାଦୁର ଦେଉବା ମଙ୍ଗଳବାର ୫ମ ଥର ପାଇଁ ନେପାଳର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଷ୍ଟ୍ରପତି ବିଦ୍ୟା ଦେବୀ ଭଣ୍ଡାରୀ ୭୪ ବର୍ଷୀୟ ଦେଉବାଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ବିଦାୟୀ ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି ଗତ ମେ'ରେ ପାର୍ଲାମେଣ୍ଟ ଭଙ୍ଗ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଥିଲେ। ଏଥିସହ ପାର୍ଲାମେଣ୍ଟ ପୁନଃସ୍ଥାପନ ପାଇଁ ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରି ବିରୋଧୀ ଦଳ ନେତା ଦେଉବାଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ରାଷ୍ଟ୍ରପତିଙ୍କୁ କହିଥିଲେ। ଦାୟିତ୍ୱ ନେବାର ୩୦ ଦିନ ମଧ୍ୟରେ ଦେଉବାଙ୍କୁ ଗୃହରେ ଆସ୍ଥାଭୋଟ୍ ଜିତିବାକୁ ପଡ଼ିବ। ଦେଉବା ୧୯୯୫, ୨୦୦୧, ୨୦୦୪, ଓ ୨୦୧୭ରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ନେପାଳ କମ୍ୟୁନିଷ୍ଟ ପାର୍ଟିରେ କ୍ଷମତା କନ୍ଦଳ ଯୋଗୁ ଗତବର୍ଷ ଡିସେମ୍ବର ୨୦ରେ ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବା ପରେ ଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା।

## ଦେଶର ପ୍ରଥମ କରୋନା ରୋଗୀ ପୁଣି ପଜିଟିଭ୍

ଥିରୁଭାନନ୍ତପୁରମ୍, ୧୩।୭

ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନା ରୋଗୀ ପୁଣିଥରେ ସଂକ୍ରମିତ ହୋଇଛନ୍ତି। ଡାକ୍ତରୀ ଛାତ୍ରୀ ଜଣକ ଚାଇନାର ଉହାନରୁ ଗତ ବର୍ଷ କେରଳକୁ ଫେରିଥିବାବେଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ପ୍ରାୟ ଦେଢ଼ବର୍ଷ ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ମଙ୍ଗଳବାର ଜଣାପଡ଼ିଛି। ଛାତ୍ରୀ ଜଣକ ଦିଲ୍ଲୀ ବିମାନବନ୍ଦର ଅଭିମୁଖେ ଯାତ୍ରା ପାଇଁ ବାହାରିଥିବାବେଳେ ତାଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ସେ ଟିକା ନେଇ ନ ଥିବା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ତାଙ୍କର କୌଣସି କରୋନା ଲକ୍ଷଣ ଦେଖାଦେଇ ନ ଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

## ୧୧୮ ଦିନରେ ସର୍ବନିମ୍ନ ସଂକ୍ରମଣ

ନୂଆଦିଲ୍ଲୀ, ୧୩।୭

- ୨୪ ଘଣ୍ଟାରେ ୩୧,୪୪୩ ମାମଲା
- କେରଳ, ମହାରାଷ୍ଟ୍ରରେ ଅଧା ସଂକ୍ରମିତ
- ଏମ୍‌ପି ବ୍ୟାକ୍‌ଲଗ୍ ଯୋଡ଼ିବାରୁ ମୃତ୍ୟୁସଂଖ୍ୟା ୨,୦୨୦

ଭାରତରେ କୋଭିଡ୍-୧୯ ସଂକ୍ରମଣ କମିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୧,୪୪୩ ନୂଆ ମାମଲା ସାମ୍ନାକୁ ଆସିଛି, ଯାହାକି ୧୧୮ ଦିନରେ ସର୍ବନିମ୍ନ। ସୋମବାର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୫୦% କେବଳ କେରଳ ଓ ମହାରାଷ୍ଟ୍ରର। କେରଳରେ ୭,୭୯୮ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ଏହିସଂଖ୍ୟା ୭୬୦୩ ରହିଥିଲା। ତେବେ ମଧ୍ୟପ୍ରଦେଶ ୧୪୭୮ ବ୍ୟାକ୍‌ଲଗ୍ ଯୋଡ଼ିବା ପରେ ଦେଶରେ ଦିନକର ମୃତ୍ୟୁସଂଖ୍ୟା ୨,୦୨୦କୁ ବୃଦ୍ଧି ପାଇଛି। ଏହାସହ କରୋନା ମୃତକଙ୍କ ମୋଟ ସଂଖ୍ୟା ୪୧୦,୭୮୪ରେ ପହଞ୍ଚିଛି।

ରାଜ୍ୟଗୁଡ଼ିକ ପ୍ରକୃତ କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଉଥିବାନେଇ ବାରମ୍ବାର ଅଭିଯୋଗ ଉଠୁଥିବାବେଳେ ମଧ୍ୟପ୍ରଦେଶ ମୋଟ ସଂଖ୍ୟାରେ ଆଉ ୧୪୭୮ କରୋନାଜନିତ ପୁରୁଣା ମୃତ୍ୟୁ ଯୋଡ଼ିଛି। ଫଳରେ ମଧ୍ୟପ୍ରଦେଶରେ ମୋଟ ମୃତ୍ୟୁ ସଂଖ୍ୟା ୧୦,୫୦୬କୁ ବୃଦ୍ଧି ପାଇଛି। ଏହା ଯୋଗ ହେବାପରେ ଦେଶରେ ଗତ ୨୪ ଘଣ୍ଟାରେ ଦୈନିକ ମୃତ୍ୟୁସଂଖ୍ୟା ୨୦୨୦ ରେକର୍ଡ ହୋଇଛି। ରାଜ୍ୟର ସବୁ ଜିଲା ଏହାର ସମୀକ୍ଷା କରି ଜୁଲାଇ ୩୦ ସୁଦ୍ଧା କେତେଜଣ କରୋନାରେ ଜୀବନ ହରାଇଛନ୍ତି ତାହାର ରିପୋର୍ଟ ଦେବାକୁ ଶିବରାଜ ସିଂ ଚୌହାନ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ମୋଟ ୧୭,୪୦,୩୨୫ ନମୁନା ଟେଷ୍ଟ ହୋଇଥିବାବେଳେ ଦୈନିକ ପଜିଟିଭ୍ ହାର ୧.୮୧ ପ୍ରତିଶତ ରହିଛି। ସାରା ଦେଶରେ ସୋମବାର ୪୯,୦୦୭ ରୋଗୀ ସୁସ୍ଥ ହେବା ପରେ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ମୋଟ ସଂଖ୍ୟା ୩୦,୦୬୩,୭୨୦ରେ ପହଞ୍ଚିଛି। ଏଥିସହ ରିକଭରି ରେଟ୍ ୯୭.୨୮%କୁ ବଢ଼ିଛି।ସକ୍ରିୟ ମାମଲା ୪,୩୧,୩୧୫ରେ ପହଞ୍ଚିଛି, ଯାହାକି ୧୦୯ ଦିନରେ ସବୁଠୁ କମ୍।



## କୋଭିଡ୍ ହସ୍ପିଟାଲରେ ନିଆଁ: ୬୦ ଦଗ୍ଧ

ବାଗ୍‌ଦାଦ, ୧୩।୭



ଇରାକର ଧି କର୍ ପ୍ରଦେଶର ନାସିରିୟା ସହରରେ ଥିବା ଅଲ୍-ହୁସେନ କୋଭିଡ୍ ହସ୍ପିଟାଲରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୬୦ ଜଣଙ୍କ ମୃତ୍ୟୁ ଘଟିଛି। ଶତାଧିକ ଲୋକ ଆହତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଅକ୍ସିଜେନ ସିଲିଣ୍ଡର ବିସ୍ଫୋରଣ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ମାତ୍ର ୩ ମାସ ତଳେ ହସ୍ପିଟାଲରେ ଏହି ନୂଆ ୱାର୍ଡ ଖୋଲାଯାଇଥବାବେଳେ ସେଥିରେ ୭୦ ଶଯ୍ୟା ରହିଥିଲା। ଘଟଣା ବେଳେ ସେହି ୱାର୍ଡରେ ୬୩ ଜଣ ଥିଲେ। ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ୍-କାଦିମି ଏକ ଜରୁରିକାଳୀନ ବୈଠକ ଡାକି ପ୍ରଦେଶର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିଲମ୍ବନ ସହ ଗିରଫ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସ୍ତରରେ ଏହାର ତଦନ୍ତ ଆରମ୍ଭ ହୋଇଛି।

ଡାକ୍ତରଖାନାଗୁଡ଼ିକର ଦୁର୍ବଳ ଭିତ୍ତିଭୂମି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବ୍ୟାପକ ଅବହେଳା ଯୋଗୁ ବହୁ ସଂଖ୍ୟାରେ ଜୀବନ ଯାଇଥିବା ଅଭିଯୋଗକରି ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରିକି ଆନ୍ଦୋଳନକାରୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଗତ ଏପ୍ରିଲରେ ବାଗ୍‌ଦାଦସ୍ଥିତ ଏକ ହସ୍ପିଟାଲରେ ଅକ୍ସିଜେନ୍ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ଅତିକମ୍‌ରେ ୮୨ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଜେଲରେ ଜୁମା, ପ୍ରତିବାଦରେ ଅରାଜକତା

### ଦକ୍ଷିଣ ଆଫ୍ରିକାରେ ଦଙ୍ଗା: ୪୫ ମୃତ

ଜୋହାନ୍ସବର୍ଗ/ଡର୍ବାନ,୧୩।୭

ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକୋବ ଜୁମା ଦୁର୍ନୀତି ମାମଲାରେ ଜେଲ୍ ଯିବା ପରେ ଦେଶର ବିଭିନ୍ନ ଭାଗରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ତାଙ୍କ ଗିରଫଦାରି ପ୍ରତିବାଦରେ ଗତ ସପ୍ତାହରେ ଆରମ୍ଭ ହୋଇଥିବା ବିକ୍ଷୋଭ କ୍ରମଶଃ ହିଂସ୍ର ହେବାରେ ଲାଗିଛି। ଲୋକେ ପୋଡ଼ାଜଳା, ଭଙ୍ଗାରୁଜା ଓ ଲୁଟ୍‌ରେ ମାତିଥିବାବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଓ ସେନା ପକ୍ଷରୁ ବଳ ପ୍ରୟୋଗ କରାଯାଇଛି।



ଜାକୋବ ଜୁମାଙ୍କ ଗିରଫଦାରି ପ୍ରତିବାଦରେ ଆଲେକ୍‌ଜାଣ୍ଡାରରେ ଦୋକାନଗୁଡ଼ିକୁ ଲୁଟ୍ କରି ନିଆଁ ଲଗାଇଦେଇଛନ୍ତି ବିକ୍ଷୋଭକାରୀ।

ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟି ୪୫ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଗଉଟେଙ୍ଗ୍ ଓ କ୍ୱାଜୁଲୁ-ନାଟାଲ ପ୍ରଦେଶର। ଏହି ଦୁଇ ପ୍ରଦେଶରେ ଲୋକେ ଦୋକାନଗୁଡ଼ିକରୁ ଖାଦ୍ୟ, ବୈଦ୍ୟୁତିକ ଉପକରଣ, ମଦ ଓ ବସ୍ତ୍ର ଚୋରି କରୁଥିବାବେଳେ ଦଳାଚକଟା ଏବଂ ଦଙ୍ଗା ସୃଷ୍ଟି ହୋଇଛି। ପ୍ରକାଶ ଯେ, ଜାକୋବ ଜୁମା ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଥିବାବେଳେ ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ବେଳେ ସେ କୋର୍ଟରେ ହାଜର ହେବାକୁ ମନା କରିଦେଇଥିଲେ। ଫଳରେ ତାଙ୍କୁ ଅଦାଲତ ଅବମାନନା ମାମଲାରେ ୧୫ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ଗତ ଗୁରୁବାର ଜୁମା ଏହି ଦଣ୍ଡାଦେଶ ଭୋଗିବା ପାଇଁ ଜେଲ ଯାଇଛନ୍ତି। ଏହାର ପ୍ରତିବାଦରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନରେ ସମ୍ପୃକ୍ତ ଶତାଧିକ ଲୋକ ଗିରଫ ହେଲେଣି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୮୩,୧୦,୫୨୯ | ୪୦,୫୮,୮୦୩ | ୧୭,୨୧,୧୧,୧୮୬ |
| ଭାରତ | ୩,୦୯,୧୩,୯୯୫ | ୪,୦୯,୩୩୮ | ୩,୦୦,୬୩,୭୨୦ |
| ଓଡ଼ିଶା | ୯,୪୩,୬୭୫ | ୪୭୩୦(+୫୩) | ୯,୧୮,୦୪୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**'ମୋ ସାଇକେଲ'କୁ ନେଉଛନ୍ତି କବାଡ଼ିବାଲା**




# ଏସ୍‌ପିସିବିକୁ ସିପିସିବିର ରିପୋର୍ଟ ତଲବ

**ବେଦାନ୍ତର ଓସ୍ତପାଳ ଖଣିର ବର୍ଜ୍ୟଜଳ ମାମଲା**

**ଯାଜପୁର ଅଫିସ,୧୩।୭**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓସ୍ତପାଳ କ୍ରୋମାଇଟ ଖଣିରୁ ଡମଶାଳା ନାଳକୁ ନିର୍ଗତ ବର୍ଜ୍ୟଜଳ ଅଭିଯୋଗ ମାମଲା କ୍ରମଶଃ ଜଟିଳ ହେବାରେ ଲାଗିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ର ଡିଏଚ୍‌-ପିଆର-ଡିଭିଜନ ପକ୍ଷରୁ ଏମ୍‌.କେ. ଚୌଧୁରୀ ପତ୍ରସଂଖ୍ୟା ସିବି/ପିଆର/ପିଜି/୨୦୨୧-୨୨/୧୩।୭।୨୦୨୧ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବଙ୍କୁ ଉକ୍ତ ମାମଲା ସଂକ୍ରାନ୍ତରେ ଜବାବ ତଲବ କରିଛନ୍ତି। ସିପିସିବିର ଏଭଳି ତଲବ ପରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ପୂର୍ବରୁ ବେଦାନ୍ତ ଖଣିର ବର୍ଜ୍ୟଜଳ ସଂକ୍ରାନ୍ତରେ ଦାଖଲ ହୋଇଥିବା ତଦନ୍ତ ରିପୋର୍ଟର ରହସ୍ୟ ଉନ୍ମୋଚନ ହେବ ବୋଲି ଅଭିଯୋଗକାରୀ ଆଶା କରିଛନ୍ତି।

ଅଭିଯୋଗ ଅନୁସାରେ ଓସ୍ତପାଳ କ୍ରୋମାଇଟ ଖଣି ଓ କଲରଙ୍ଗୀ ଅଟା କ୍ରୋମାଇଟ ଖଣିକୁ ବେଦାନ୍ତ ଲିଃ. କମ୍ପାନୀ ଲିଜ୍‌ ନେଇ ଅକ୍ଟୋବର ୨୦୨୦ରୁ ଖଣିଜ ପଦାର୍ଥ ଉତ୍ତୋଳନ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଖଣି ଭିତରେ ରହିଥିବା ପ୍ରାୟ ୧୫ ଲକ୍ଷ ଘନମିଟର ଊର୍ଦ୍ଧ୍ୱ ବିଷାକ୍ତ ପାଣିକୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ଜରିଆରେ ବିଶୋଧନ ନ କରି ସିଧାସଳଖ ଡମଶାଳା ନାଳରେ ଛଡ଼ାଯାଇଥିଲା। ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ ଏବଂ ଯାଜପୁର ଜିଲାପାଳ ଓ ଏସ୍‌ପିସିବିକୁ ସ୍ଥାନୀୟ ଅଞ୍ଚଳବାସୀ ଏନେଇ ଅଭିଯୋଗ କରିଥିଲେ। ଏହାପରେ ଏସ୍‌ପିସିବି ଜରିଆରେ ଏହି ଅଭିଯୋଗର ତଦନ୍ତ ହୋଇଥିଲେ ହେଁ ବେଦାନ୍ତକୁ ସୁହାଇଲା ଭଳି ରିପୋର୍ଟ ସିପିସିବିରେ ଦାଖଲ ହୋଇଥିଲା। ଅପରପକ୍ଷରେ ଇଟିପି ବାହାରେ ବର୍ଜ୍ୟଜଳ ଛଡ଼ାଯିବାକୁ ନେଇ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ହ୍ୱାଟ୍‌ସଆପ୍‌ ମାଧ୍ୟମରେ ହୋଇଥିବା ଚାଟିଂ ଭାଇରାଲକୁ ନେଇ ଧରିତ୍ରୀରେ ଗତ ୨୯ ତାରିଖରେ ସବିଶେଷ ତଥ୍ୟଭିତ୍ତିକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଅଭିଯୋଗକାରୀ ଆର୍‌.କେ. ସିଂ ପୁଣି ଗତ ୬।୭।୨୦୨୧ରେ ଅନୁରୂପ ଭାବେ ସିପିସିବିରେ ଅଭିଯୋଗ କରିଥିଲେ। ବେଦାନ୍ତ ଖଣିର ବର୍ଜ୍ୟଜଳ ସିଧାସଳଖ ଡମଶାଳା ନାଳରେ ଛଡ଼ାଯାଇଥିବା ପ୍ରମାଣିତ ହୋଇସାରିଛି, ଯାହାକି ବେଦାନ୍ତ ଖଣିର କର୍ମଚାରୀ ଓ ଅଧିକାରୀଙ୍କ ହ୍ୱାଟ୍‌ସଆପ ଗ୍ରୁପରୁ ଜଳଜଳ ହୋଇ ଦିଶୁଛି ବୋଲି ଅଭିଯୋଗକାରୀ ଦର୍ଶାଇବା ସହ ଏହାର ଉପଯୁକ୍ତ ତଥା ନିରପେକ୍ଷ ତଦନ୍ତ କରିବାକୁ ସିପିସିବିକୁ ଅନୁରୋଧ କରିଥିଲେ। ଉକ୍ତ ଅଭିଯୋଗକୁ ରେଜିଷ୍ଟ୍ରିଭୁକ୍ତ କରାଯାଇ ଠିକ୍‌ ଉତ୍ତର ଦେବାକୁ ସିପିସିବି ପକ୍ଷରୁ ଏସ୍‌ପିସିବିକୁ ନିର୍ଦ୍ଦେଶ ହୋଇଛି। ଏନେଇ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସିପିସିବିର ନିର୍ଦ୍ଦେଶ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


CENTRAL POLLUTION CONTROL BOARD
(Ministry of Environment, Forest & Climate Change)
'Parivesh Bhawan' C.B.D.Cum-Office Complex,
East Arjun Nagar, Shahdara, Delhi-110032
Tel. 22307078, 43102030, 43102454
Website: www.cpcb.nic.in

CB/PR/PG/2021-22/ dt: 13.07.2021

To,

The Member Secretary
Odisha Pollution Control Board,
A-118, Nilakanta Nagar, Unit –VIII,
Bhubaneshwar – 751012.

Sub: Vedanta Polluted Damsal Nala Sukinda odisha, discharged carcinogenic approx 15 Lacs Cumt Mine water. It is proved case, ETP in charge informed all including CEO about direct discharge to NALA. Officials didn't confront him even after solid evidence – reg.

Appeal: No. MOEAF/E/A/21/0000099 Date: 06/07/2021

Sir,

Please find herewith Grievance /Appeal of Sh. R.K. Singh, a resident of Amoura Post office Amoura Godari, Rohtas (Bihar) regarding the subject cited above. Details of Appeal are enclosed at Annexure-I.

It is requested to kindly look into the matter for providing appropriate reply to the petitioner with regard to the Appeal.

With regards,

Yours faithfully,
(M. K. Choudhury)
DH-PR-Division

CC to:
(i) Sh. R.K. Singh, Amoura Post office Amoura Godari, Rohtas (Bihar) Email id: replypl@rediff.com
(ii) DH- IPC-2 - for information pl.
(iii) Ps to MS - for kind information of MS pl.

***Use of electronic media - to minimise submission through files/papers in the current pandemic situation***

ସିପିସିବି ୧୩।୭।୨୦୨୧ରେ ଏସ୍‌ପିସିବିକୁ କରିଥିବା ରିପୋର୍ଟ ତଲବର ନକଲ ।

# ୩ ସପ୍ତାହ ମଧ୍ୟରେ ରାସ୍ତା ମରାମତି କର: ହାଇକୋର୍ଟ

**ଏନ୍‌ଏଚ୍‌-୨୧୫ର ଦୁରବସ୍ଥା ନେଇ ଜନସ୍ୱାର୍ଥ ମାମଲା**

**କଟକ ଅଫିସ,୧୩।୭**

ଏନ୍‌ଏଚ୍‌-୨୧୫ର ଦୁରବସ୍ଥା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଗତ ୯ ତାରିଖରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍‌. ମୁରଲୀଧର ଓ ଜଷ୍ଟିସ୍‌ ସାବିତ୍ରୀ ରଥଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ପ୍ରତିପକ୍ଷଙ୍କୁ ନୋଟିସ୍‌ ଜାରି କରିଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାର ମରାମତି ସମ୍ପୂର୍ଣ୍ଣ କରିବା ସହ ଅଦାଲତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୬କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ଯାଜପୁରର ପାଣିକୋଇଲିଠାରୁ କେଉଁଝରର ରିମୁଳି ଦେଇ ଯାଇଥିବା ୨୧୫ନଂ. ଜାତୀୟ ରାଜପଥର ନବୀକରଣ ତଥା ୪ ଲେନ୍‌ପାଇଁ ଗାୟତ୍ରୀ ପ୍ରୋଜେକ୍ଟସକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହାର ମରାମତି କରାଯାଉ ନ ଥିବାବେଳେ ଟୋଲ ଆଦାୟ କରାଯାଉଛି। ୧୬୩ କିମି ରାସ୍ତା ମଧ୍ୟରେ ଦୁଇଟି ଟୋଲ୍‌ଗେଟ୍‌ ରହିବା ବଦଳରେ ତିନୋଟି ଟୋଲ୍‌ ପ୍ଲାଜା ନିର୍ମାଣ କରାଯାଇ ଟୋଲ୍‌ ଆଦାୟ କରାଯାଉଛି। ବର୍ଷାଦିନ ଆସିଯାଇଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏନେଇ ଗତ ୬ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଆବେଦନକାରୀ ମିତ୍ରଭାନୁ ମହାପାତ୍ର ଓ ଅନ୍ୟମାନଙ୍କ ତରଫରୁ ଆଇନଜୀବୀ ସମ୍ବିତ ସାମଲ ଏବଂ ପ୍ରତିପକ୍ଷ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ବିଭାଗ ସଚିବଙ୍କ ପକ୍ଷରୁ ଆଇନଜୀବୀ ଏମ୍‌.ଏସ୍‌. ସାହୁ ମାମଲା ପରିଚାଳନା କରୁଛନ୍ତି।

# ପୁଅ ତଣ୍ଟି ଚିପି ବିଷ ପିଇଲେ ମା'

**ପାରିବାରିକ କଳହର କରୁଣ ପରିଣତି**

**ଆନନ୍ଦପୁର,୧୩। ୭(ସ୍ୱ.ପ୍ର.)**

ପାରିବାରିକ କଳହର କରୁଣ ପରିଣତି। ନିଷ୍ଠୁର ହେଲେ ମା'। ୫ ବର୍ଷର ଶିଶୁ ପୁତ୍ରକୁ ତଣ୍ଟି ଚିପି ହତ୍ୟା କରିବା ପରେ ନିଜେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମା' ଓ ପୁଅଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁ ପୁତ୍ରକୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ମା' ମୋନାଲିସା ପ୍ରଧାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ମୋନାଲିସାଙ୍କ ସହ ତାଙ୍କ ଶାଶୁ ଘର ଲୋକଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପୁଅର ତଣ୍ଟି ଚିପି ମାରିଦେବା ସହ ମୋନାଲିସା ବିଷ ପିଇ ଦେଇଥିବା ତାଙ୍କ ସ୍ୱାମୀ କହିଛନ୍ତି। ଏସଂକ୍ରାନ୍ତରେ ନନ୍ଦିପଦା ଥାନା ଅଧିକାରୀ ମଦନ ମୋହନ ନାୟକଙ୍କୁ ପଚାରିବାରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ମେଡିକାଲକୁ ଯାଇ ତଦନ୍ତ କରିବ ବୋଲି କହିଛନ୍ତି।

# ପୋଡ଼ିହୋଇ ଏସିଏଫ୍‌ଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ପାରଳାଖେମୁଣ୍ଡି,୧୩।୭(ଡି.ଏନ୍‌.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡିର ସହକାରୀ ବନ ସଂରକ୍ଷକ (ଏସିଏଫ୍‌) ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ରାତିରେ ସରକାରୀ ବାସଭବନରେ ସୌମ୍ୟରଞ୍ଜନ ପୋଡ଼ି ହୋଇ ଯାଇଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ତେବେ ସେ କିଭଳି ପୋଡ଼ି ହେଲେ ତାହାର କାରଣ ଅସ୍ପଷ୍ଟ ରହିଛି। ପାରଳାଖେମୁଣ୍ଡି ପୋଲିସ ଏସିଏଫ୍‌ଙ୍କ ଘରୁ ଏକ କିରୋସିନ ବୋତଲ ଜବତ କରି ଘଟଣାର ଖୋଳତାଡ଼ କରୁଛି।


ସୌମ୍ୟରଞ୍ଜନ ମହାପାତ୍ର

ସୌମ୍ୟରଞ୍ଜନ ୬ ମାସ ପୂର୍ବେ ବିବାହ କରିଥିଲେ। ସୋମବାର ସ୍ତ୍ରୀଙ୍କ ସହ ସେ ସରକାରୀ ବାସଭବନରେ ଥିଲେ। ରାତି ପ୍ରାୟ ୯ଟାରେ ହଠାତ୍‌ ସ୍ତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସୌମ୍ୟରଞ୍ଜନ ଜଳୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ବ୍ୟବସ୍ଥା କରିଥିଲେ। ସେତେବେଳକୁ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା। ସୌମ୍ୟରଞ୍ଜନ କିଭଳି ନିଆଁ ସଂସ୍ପର୍ଶରେ ଆସିଲେ ସେ ନେଇ ତାଙ୍କ ସ୍ତ୍ରୀ ମୁହଁ ଖୋଲିନାହାନ୍ତି। ତାଙ୍କ ହାତର କିଛି ଅଂଶରେ ମଧ୍ୟ ପୋଡ଼ାଚିହ୍ନ ରହିଛି ବୋଲି ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି।

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଖଇରା, ୧୩।୭(ଡି.ଏନ.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡିରେ ଏସିଏଫ୍‌ ଭାବେ କାର୍ଯ୍ୟ କରୁଥିବା ସୌମ୍ୟରଞ୍ଜନ ମହାପାତ୍ର(୩୧) ପୋଡି ହୋଇ ମୃତ୍ୟୁ ଘଟଣାରେ ମୁହଁ ଖୋଲିଛନ୍ତି ବାପା ଅଭିରାମ ମହାପାତ୍ର। ସୌମ୍ୟରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ବେଗୁନିଆ ଗ୍ରାମରେ। ରୋଷେଇ ପାଇଁ ଗାର୍ଡ ଓ ସ୍ତ୍ରୀ ଥିବା ବେଳେ ପୁଅର ଶରୀରରେ କିପରି ନିଆଁ ଲାଗିଲା ତାଙ୍କୁ ବିସ୍ମିତ କରିଛି। ଗୁରୁତର ଅବସ୍ଥାରେ ନିକଟସ୍ଥ ବିଶାଖାପାଟଣା ନିଆ ନ ଯାଇ କାହିଁକି ୫ଶହ କି.ମି. ଦୂର କଟକର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଗଲା ତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ଜଣାପଡ଼ିବ ବୋଲି ବାପା ଅଭିରାମ କହିଛନ୍ତି। ମଙ୍ଗଳବାର ଶେଷକୃତ୍ୟ ସମ୍ପନ୍ନ ପାଇଁ ଲିଖିତ ଅଭିଯୋଗ କରିପାରିନାହିଁ । ବୁଧବାର ଖଇରା ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି। ଘଟଣାରେ ବୋହୂ, ଗାର୍ଡ ଓ ଡିଏଫଓଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ।




Scan to know more
72198 21111 | BAJAJ FINANCE LTD - AF
*Terms and Conditions apply. Down payment for Pulsar 150 Single Disc variant. DCC charges and processing fees extra as applicable. Finance at sole discretion of the financer. Bajaj Auto reserves the right to withdraw any or all offers without prior notice.

Authorised Dealers for BAJAJ Auto Ltd.: Angul: JAMUNA BAJAJ 7682899351 • Dhenkanal SHIVAM BAJAJ 7873922722 • Keonjhar JR BAJAJ 9937697094 / 9439008692• Rourkela RM BAJAJ 9078083803. Authorised Service Centre: Kamakhayanagar 9437079287, Parajang 9178061624, 06768261573 Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576,Bhuban9438570111, Betnoti 8847874100, Rairangpur 9583777236, Bhuban 9438570111. Rasol 9938656276/9937513419

**ଆଜିର ମନ୍ତବ୍ୟ**

"ଟିକା ଅଭାବ ଏକ ସତ୍ୟ। ଅଧିକ ଟିକା ଉତ୍ପାଦନ ମିଛ। ଟିକା ରପ୍ତାନୀ ଏକ ରହସ୍ୟ। ଡିସେମ୍ବର ସୁଦ୍ଧା ଯୁବବର୍ଗଙ୍କ ସମ୍ପୂର୍ଣ୍ଣ ଟିକାକରଣ ଧୂଆଁବାଣ।
– ପି. ଚିଦାୟରମ୍, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା



ମିହିର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଡ଼ପ ମଣ୍ଡପକୁ ବିଜେ କଲେ ଦାରୁଦିଅଁ

**ପୁରୀ ଅଫିସ, ୧୩।୭**

ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପକୁ ମଙ୍ଗଳବାର ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୋଟି ପହଣ୍ଡିରେ ଦାରୁଦିଅଁମାନଙ୍କୁ ଜନ୍ମବେଦିକୁ ବିଜେ କରାଯାଇଛି। ବୁଧବାରଠାରୁ ଆଡ଼ପ ଅବଢ଼ା ମିଳିବ। ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଭକ୍ତ ଏବେ ଆଡ଼ପ ଅବଢ଼ାକୁ ଚାହିଁ ବସିଛନ୍ତି।

ସୋମବାର ସନ୍ଧ୍ୟାରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ନୀତିକାନ୍ତି ଯଥାବିଧି ସମ୍ପାଦିତ ହୋଇଥିଲା। ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପ ପରେ ରାତ୍ର ପ୍ରାୟ ୧ଟା ୪୦ ବେଳକୁ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ସମ୍ପନ୍ନ କରାଯାଇଥିଲା। ୨ଟାରେ ତିନିରଥରେ ବଡ଼ସିଂହାର ଭୋଗ ଶେଷ କରାଯାଇ ୨ଟା ୧୫ରେ ରାତ୍ରପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ତୃତୀୟା ତିଥିରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ଅବକାଶ ପୂଜା ହୋଇ ସକାଳ ୮ଟାରେ ବେଶ ଆରମ୍ଭ ହୋଇଥିଲା। ୮ଟା ୪୦ରେ ବେଶ, ୯ଟା ୩୫ରେ ଗୋପାଳବଲ୍ଲଭ ପୂଜା ଓ ୧୦ଟା ୫୫ରେ ସକାଳ ଧୂପ ଶେଷ ହୋଇଥିଲା। ୧୧ଟା ୫୦ରେ ମହାପ୍ରଭୁଙ୍କୁ ନୂଆଲୁଗା ଲାଗି ବେଶ, ଅପରାହ୍ନ ୧ଟାରେ ମଧ୍ୟାହ୍ନ ଧୂପ, ୧ଟା ୨୦ ମିନିଟ୍‌ରେ ସନ୍ଧ୍ୟା ଆଳତି ସରିଥିଲା। ୧ଟା ୪୫ରେ ସନ୍ଧ୍ୟା ଧୂପ ଛେକ ଓ ୨ଟା ୩୦ରେ ସନ୍ଧ୍ୟା ଧୂପ ପୂଜା ସରିଥିଲା। ଏହାପରେ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତିନି ରଥରୁ ଘୋଡ଼ା ଫିଟା ଓ ଚାରମାଳ ବନ୍ଧା ସହ ମୁଦିରସ୍ତଙ୍କ ଦ୍ୱାରା ଡୋରଲାଗି ଓ ପୁଷ୍ପାଞ୍ଜଳି ପରେ ବିଦ୍ୟାପତି ମହାପ୍ରଭୁଙ୍କ ଆଳତି କରିଥିଲେ। ଏହାପରେ ଘଣ୍ଟୁଆଙ୍କ ଘଣ୍ଟନାଦରେ ମହାପ୍ରଭୁ ଜନ୍ମବେଦିକୁ ବିଜେ କରିଥିଲେ। ପ୍ରଥମେ ରାମକୃଷ୍ଣ ଓ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ଅପରାହ୍ନ ୫ଟା ୪୦ରେ ବଳଭଦ୍ର, ସନ୍ଧ୍ୟା ୭ଟାରେ ସୁଭଦ୍ରା ଓ ରାତ୍ର ୮ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ପାଖାପାଖି ୯ଟାରେ ମହାପ୍ରଭୁଙ୍କ ପହଣ୍ଡି ଶେଷ ହୋଇଥିଲା।

### ଆଜିଠୁ ମିଳିବ ଆଡ଼ପ ଅବଢ଼ା



# ପୋଲିସ-ମାଓବାଦୀ ଗୁଳି ବିନିମୟ: ୩ ମାଓବାଦୀ ମୃତ

**ମାଲକାନଗିରି, ୧୩।୭(ଡି.ଏନ.ଏ.)**

ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ଉସୁରା ଥାନା ନିକଟସ୍ଥ ଗାଲଗାମର ଗ୍ରାମ ନିକଟ ଜଙ୍ଗଲରେ ମଙ୍ଗଳବାର ମଧ୍ୟାହ୍ନରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଗୁଳିରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି।

ଖବରରୁ ଜଣାପଡ଼ିଛି ଗାଲଗାମ ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ମେଳି କରିଥିବା ସୂଚନା ପାଇ ଜଙ୍ଗଲକୁ ଯବାନମାନେ କୋମ୍ବିଂ ଅପରେଶନ କରିବାକୁ ଯାଇଥିଲେ। ଯବାନଙ୍କ ଉପସ୍ଥିତି ଜାଣିପାରି ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ଏହାର ଯବାବ ଦେଇଥିଲେ। ଫଳରେ ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ମାଓବାଦୀଙ୍କ ଗୁଳିରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ତାଙ୍କ ଅଣ୍ଟାରେ ଗୁଳି ବାଜିଛି। ତାଙ୍କୁ ବିଜାପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ଅଧିକ ଯବାନ ପଠାଯିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଖବର ଲେଖା ହେବାଯାଏ ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି।

# ବୋଲ୍‌ବମ୍ ଉପରେ କଟକଣା

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

କରୋନା ସଂକ୍ରମଣର ତୃତୀୟ ଲହରକୁ ନେଇ ଆଶଙ୍କା ଲାଗି ରହିଥିବା ବେଳେ ରାଜ୍ୟ ସରକାର ଏ ବର୍ଷର ବୋଲ୍‌ବମ ବା କଉଡ଼ିଆ ଯାତ୍ରା ଉପରେ କଟକଣା ଲଗାଇଛନ୍ତି। ଏ ନେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ତଥା ପରିସ୍ଥିତିକୁ ଆକଳନ କରି ଶ୍ରାବଣ ମାସ(ଜୁଲାଇ/ଅଗଷ୍ଟ)ରେ ଶିବମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ପାଣି ଢାଳିବା ଉପରେ କଟକଣା ଜାରି କରାଯାଇଛି। କାଉଡ଼ିଆମାନେ ମଧ୍ୟ ପାଣିଭାର ନେଇ କୌଣସି ଶିବମନ୍ଦିରକୁ ଚାଲି ଚାଲି ରାସ୍ତାରେ ଯାଇପାରିବେ ନାହିଁ। ଏ ସମସ୍ତ ପ୍ରକାର ଧାର୍ମିକ ଗତିବିଧି ଓ ଏକଜୁଟ ହେବା ଉପରେ କଟକଣା ଜାରି ହୋଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପ୍ରକାର ସାମାଜିକ, ରାଜନୈତିକ, କ୍ରୀଡ଼ା, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକ୍ରମରେ ଲୋକଙ୍କ ଏକଜୁଟ ଉପରେ କଟକଣା ଥିବାବେଳେ ଧାର୍ମିକ ସ୍ଥଳଗୁଡ଼ିକ ବନ୍ଦ ରହିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାଉଡ଼ିଆମାନଙ୍କୁ ପାଣିଭାର ନେଇ ଶିବମନ୍ଦିରରେ ଜଳାଭିଷେକ କରିବାକୁ ସରକାର ଅନୁମତି ଦେଇ ନ ଥିଲେ।

## ଦ୍ୱିତୀୟ ନ ଯାଉଣୁ...

ପ୍ରଥମ ପୃଷ୍ଠାରୁ...

ଏଠାରେ ମଧ୍ୟ କୋଭିଡ୍ ନିୟମକୁ କଡ଼ାକଡ଼ି କରାଯିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଜୁଲାଇରେ କେରଳ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହି ୫ ରାଜ୍ୟରେ ନୂଆ କୋଭିଡ୍ ସଂକ୍ରମିତଙ୍କ ମାମଲା ଦେଶର ପ୍ରାୟ ୭୩.୪% ରହିଛି। ଦେଶର ୫୫ ଜିଲାରେ ସଂକ୍ରମଣ ହାର ୧୦%ରୁ ଉର୍ଦ୍ଧ୍ୱ ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସମେତ ମହାରାଷ୍ଟ୍ର, ଛତିଶଗଡ଼, ଆସାମ, ମେଘାଳୟ, ମିଜୋରାମ, ଅରୁଣାଚଳ ପ୍ରଦେଶ, ମଣିପୁର, ନାଗାଲାଣ୍ଡ ଓ ତ୍ରିପୁରାକୁ କୋଭିଡ୍ ପରିଚାଳନାରେ ସହାୟତା ଲାଗି କେନ୍ଦ୍ରୀୟ ଟିମ୍ ପଠାଯାଇଛି। ତେଣୁ ସମସ୍ତେ ଦାୟିତ୍ୱବାନ ହୋଇ ନିୟମ ମାନନ୍ତୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ ଏକ ଖବରଦାତା ସମ୍ମିଳନୀରେ ଚେତାଇ ଦେଇଛନ୍ତି।

୩ୟ ଲହର ଭୟ ଘାରୁଥିବାବେଳେ ଓଡ଼ିଶାରେ ଆଉ ଦିନକ ପରେ ଅର୍ଥାତ୍ ୧୬ ତାରିଖ ସକାଳ ୬ଟାରେ ଆଂଶିକ ଲକ୍‌ଡାଉନ୍ ବା ଅନ୍‌ଲକ୍ ପର୍ଯ୍ୟାୟ ସରୁଛି। ଏବେ ବି କିଛି ଜିଲାରେ ସଂକ୍ରମଣ ହାର ଅଧିକ ରହିଛି। ପୁରୀରେ ବିନା ଭକ୍ତରେ ରଥଯାତ୍ରା ଚାଲିଥିବାବେଳେ ସଂକ୍ରମଣ ହାର ୧୨.୪ ପ୍ରତିଶତ ରହିଛି। ଲୋକଙ୍କ ବେପରୁଆ ମନୋଭାବ ଯୋଗୁ ସେସବୁ ଜିଲାରେ ସ୍ଥିତି ଜଟିଳ ରହୁଥିବା କୁହାଯାଉଛି। ଏପରିସ୍ଥିତିରେ ଆଗକୁ ରାଜ୍ୟ ସରକାର କ'ଣ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ତାହାକୁ ନେଇ ଏବେଠୁ ଆରମ୍ଭ ହୋଇଛି ଆଲୋଚନା ଓ ପର୍ଯ୍ୟାଲୋଚନା। ସରକାରଙ୍କ ନିଷ୍ପତ୍ତିକୁ ରାଜ୍ୟବାସୀ ଚାହିଁ ରହିଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କେତେକ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର କହିଛନ୍ତି, ଅଧିକ ସଂକ୍ରମଣ ଜିଲାରେ ଶଟ୍‌ଡାଉନ ଜାରି କରିବା ସହିତ ନାଇଟ୍ କର୍ଫ୍ୟୁକୁ କଡ଼ାକଡ଼ି କରାଯାଉ। ଭୁବନେଶ୍ୱର, କଟକ ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ଆପଣାଇବା ଉଚିତ। ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଗତ କିଛିଦିନର ସଂକ୍ରମଣ ସଂଖ୍ୟାକୁ ତୁଳନା କଲେ ବର୍ତ୍ତମାନର ସଂଖ୍ୟା କମିକମି ଆସୁଛି। ବର୍ତ୍ତମାନ କଟକ, ଖୋର୍ଦ୍ଧା, ପୁରୀ ସମେତ ଆଉ କିଛି ଜିଲାକୁ ଅଧିକ ଫୋକସ୍ କରାଯାଉଛି। ତେବେ ଦୈନିକ ସଂକ୍ରମଣ ହାର ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ସରକାର ଅନ୍‌ଲକ୍ ସମ୍ପର୍କରେ ନିଷ୍ପତ୍ତି ନେବେ। ତେବେ ସଂକ୍ରମଣ ବଢୁଥିବା ରାଜ୍ୟରୁ ଆସୁଥିବା ଲୋକେ ପୁଣିଥରେ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଏମାନଙ୍କ ଉପରେ କଟକଣା ରହିବା ଦରକାର। କେନ୍ଦ୍ର ସରକାର ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ଡିଏମ୍‌ଇଟି କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ସାମଗ୍ରିକ ଭାବେ ସଂକ୍ରମଣ କମିଛି। କେସ୍ ଲୋଡ୍, ଟେଷ୍ଟ ପଜିଟିଭ୍ ରେଟ୍ ଓ ଲୋକଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନ୍‌ଲକ୍ ସମ୍ପର୍କରେ ନିଷ୍ପତ୍ତି ନେବେ। ନିୟମ କୋହଳ ହେଲେ ବି ଲୋକେ ନିଜ ଦାୟିତ୍ୱ ଭୁଲନ୍ତୁ ନାହିଁ। ନ ହେଲେ ପୁଣି ସଂକ୍ରମଣ ବଢ଼ିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସତର୍କ କରାଇଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି, କୋଭିଡ୍-୧୯ର ତୃତୀୟ ଲହର ନେଇ କରାଯାଉଥିବା ଭବିଷ୍ୟବାଣୀକୁ ଗମ୍ଭୀର ଭାବେ ନେବା ଉଚିତ। ଲୋକେ ଗାଇଡ୍‌ଲାଇନ୍‌କୁ ଅବଜ୍ଞା କରିଚାଲିଲେ ସଂକ୍ରମଣର ମୁକାବିଲାରେ ଯାହା ବି ସଫଳତା ମିଳିଛି ସବୁ ପାଣିରେ ପଡ଼ିବ। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ କହିଛନ୍ତି, ମହାମାରୀର ତୃତୀୟ ଲହର ବିଶ୍ୱର କେତେକ ଦେଶରେ ଆରମ୍ଭ ହୋଇଯାଇଛି। ଭାରତରେ ଯେଭଳି ତାହା ବିସ୍ତାର ନ ହେବ ସେଦିଗରେ ଲୋକେ ସତର୍କ ହୋଇ ଚଳିବା ଜରୁରୀ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଚେତାବନୀ ଏଭଳି ସମୟରେ ଆସିଛି ଯେତେବେଳେ ହଜାର ହଜାର ଲୋକ ପାର୍ବତ୍ୟାଞ୍ଚଳର ହିଲ୍ ଷ୍ଟେଶନଗୁଡ଼ିକରେ କୋଭିଡ୍ ନିୟମକୁ ଫୁଁ କରି ଭିଡ଼ ଜମାଉଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପକ୍ଷରୁ ମଧ୍ୟ ଏନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚୁଆଲି ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ମୋଦି କହିଛନ୍ତି, ଲୋକେ ସାମାଜିକ ଦୂରତ୍ୱକୁ ନ ମାନି ହିଲ୍ ଷ୍ଟେଶନଗୁଡ଼ିକରେ ବିନା ମାସ୍କରେ ଯେପରି ବୁଲୁଛନ୍ତି ତାହା ଚିନ୍ତାଜନକ। ଏକଥା ସତ ଯେ, କରୋନା ଯୋଗୁ ପର୍ଯ୍ୟଟନ ଓ ବ୍ୟବସାୟ ବାଧାପ୍ରାପ୍ତ ହୋଇଛି। କିନ୍ତୁ ବିନା ମାସ୍କରେ ହିଲ୍ ଷ୍ଟେଶନଗୁଡ଼ିକରେ ଭିଡ଼ ଜମାଇବା ଅନୁଚିତ। ତୃତୀୟ ଲହରକୁ ଅଟକାଇବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ। ସରକାରଙ୍କ ପକ୍ଷରୁ ଜାରି ପ୍ରୋଟୋକଲ ସହ ଲୋକେ କୌଣସି ପ୍ରକାର ସାଲିସ କରିବା ଅନୁଚିତ। କୋଭିଡ୍-୧୯ ଭୂତାଣୁ ରୂପ ବଦଳାଇ ଆସିପାରେ ବୋଲି ବିଶେଷଜ୍ଞମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଏଭଳି ସ୍ଥିତିରେ ଉଭୟ ନିରାକରଣ ଓ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କରୋନା ସ୍ଥିତିକୁ ତର୍ଜମା କଲେ ସରକାର ଓ ବିଶେଷଜ୍ଞଙ୍କ ପରାମର୍ଶ ରାଜ୍ୟରେ ବେଶ୍ ଗୁରୁତ୍ୱ ବହନ କରୁଛି। ସଂକ୍ରମଣ କମିବାରୁ ଗତ ୧ ତାରିଖରୁ ରାଜ୍ୟରେ ୧୫ଦିନିଆ ଅନ୍‌ଲକ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ୩୦ ଜିଲାକୁ ଦୁଇ ଭାଗ ଅର୍ଥାତ୍ ବର୍ଗ-୧ ଓ ୨ରେ ବିଭକ୍ତ କରାଯାଇ କଟକଣା କୋହଳ କରାଯାଇଥିଲା। ବର୍ଗ-୨ରେ ଥିବା ନୟାଗଡ଼, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାରେ ସଂକ୍ରମଣ ହାର କମୁଥିଲେ ମଧ୍ୟ ୫%ରୁ ଅଧିକ ଥିବାରୁ ଏଠାରେ ଅଧିକ କଟକଣା ଜାରି ରହିଥିଲା। ଏସବୁ ଜିଲା ମଧ୍ୟରୁ ଏବେ ୪ ଜିଲାରେ ସଂକ୍ରମଣ ହାର ୫% ଉପରେ ରହିଛି। ପୁରୀ ଜିଲାରେ ସର୍ବାଧିକ ସଂକ୍ରମଣ ହାର ୧୨.୪% ଥିବାବେଳେ ଖୋର୍ଦ୍ଧା ୭.୬, କଟକରେ ୬.୮ ଓ ନୟାଗଡ଼ରେ ୫.୫% ରହିଛି। ସେହିପରି ବାଲେଶ୍ୱରରେ ୪.୬%, ଭଦ୍ରକ ୪.୧ ଓ ମୟୂରଭଞ୍ଜରେ ଏହି ହାର ୪.୦% ରହିଛି। ସେହିଭଳି ଏବେବି ଦୈନିକ କରୋନା ମୃତ୍ୟୁ ୬୦ ଉପରେ ରହୁଛି। ତେଣୁ ସରକାରଙ୍କ ଆଗାମୀ ନିଷ୍ପତ୍ତି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ରାଜ୍ୟର କରୋନା ସ୍ଥିତିକୁ ନିର୍ଣ୍ଣାୟକ ମୋଡ଼ ଦେବ ବୋଲି କୁହାଯାଉଛି।

## ଯୁକ୍ତ୨ ସିଟ୍...

୧୦ହଜାର ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇଥାନ୍ତି। ହେଲେ ରାଜ୍ୟରେ ଯୁକ୍ତ୨ ସିଟ୍ ସଂଖ୍ୟା ରହିଛି ମାତ୍ର ୪ ଲକ୍ଷ ୪୩ ହଜାର ୩୫୪। ତେଣୁ ଏ ବର୍ଷ ନାମଲେଖା ପାଇଁ ସିଟ୍ ଅଭାବ ହେବ। ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ରଙ୍କ ମନରେ ନାମଲେଖାକୁ ନେଇ ଚିନ୍ତା ବଢ଼ିଯାଇଥିଲା। ରାଜ୍ୟରେ କଲେଜଗୁଡ଼ିକରେ ସିଟ୍ ସଂଖ୍ୟା ବଢ଼ିଲେ, ଯୁକ୍ତ୨ରେ ପାଠ ପଢ଼ିବାରେ ସମସ୍ୟା ହେବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ସରକାର ମଧ୍ୟ ଏହାକୁ ଗୁରୁତ୍ୱ ଦେଇ କଲେଜର ସିଟ୍ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ବଜ୍ରପାତ ନେଲା...

ଅଞ୍ଚଳକୁ ଯାଇଥିଲେ। ହଠାତ୍ ପ୍ରବଳ ବର୍ଷା ହେବାରୁ ସେମାନେ ଏକ ଗଛତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସମସ୍ତେ ଟଳି ପଡ଼ିଥିଲେ। ସୂଚନା ପାଇ ପରିବାର ଲୋକେ ଆମ୍ବୁଲାନ୍ସ ସହାୟତାରେ ସମସ୍ତଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ସହିତ ଗଛତଳେ ଆଶ୍ରୟ ନେଇଥିବା ୨୦ରୁ ଉର୍ଦ୍ଧ୍ୱ ଛେଳିଙ୍କ ମଧ୍ୟ ମୃତ୍ୟୁ ଘଟିଛି। ବବୁଲ ୧୦ମ, ସୁଜିତ ୯ମ ଏବଂ ବର୍ଷା ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟ ଏକ ଘଟଣାରେ ଶୂଳିଆପଦା ଥାନା ଅଧୀନ ବଡ଼ମାଚଣା ଗାଁରେ ବଜ୍ରପାତ ଘଟି ଅନୁପମା ବିଶ୍ୱାଳ(୪୮)ଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ଶୌଚ ହେବାକୁ ଯାଇଥିବାବେଳେ ସେ ବଜ୍ରପାତର ଶିକାର ହୋଇଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ ଗଡପଳାଶୁଣୀ ଗ୍ରାମ ମୁଣ୍ଡାସାହିର ରାଜୁ ଲମେଇ (୩୫) ଅପରାହ୍ନରେ ପାୱାର ଟିଲରରେ ଚାଷ କରୁଥିବାବେଳେ ବଜ୍ରପାତ ଘଟିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରେ ଉପସ୍ଥିତ ଜିତୁ ପାତ୍ର (୩୭), ସୁଶାନ୍ତ ମୁଦୁଲି (୪୮), ପ୍ରାଣବନ୍ଧୁ ବେହେରା (୬୦) ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତରଙ୍କ ଚିକିତ୍ସା ଚାଲିଛି। ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପାରିବାରିକ ପରିସ୍ଥିତି ପୂର୍ବପରି ରହିବା କାରଣରୁ କେତେକାଂଶରେ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ, କିନ୍ତୁ ସମସ୍ୟା ଲାଗିରହିବ। ଆଲୋଚନା ପରିସରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିବ।

**ବୃଷ** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଫଳରେ ମାନସିକ ସ୍ଥିରତା ରହି ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବା କାରଣରୁ ସାମୟିକ ବିଚଳିତ ହୋଇପାରନ୍ତି। ସରଳ ମନ ନେଇ ଅନ୍ୟକୁ ସହଜରେ ବିଶ୍ୱାସ କରି ପ୍ରତାରିତ ହୋଇପାରନ୍ତି।

**ମିଥୁନ** – ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** – କାମ ନ ଅଟକିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆକସ୍ମିକ ଆବଶ୍ୟକତା କାରଣରୁ ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଆତ୍ମୀୟମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବା ହେତୁ ବ୍ୟବସାୟିକ ଦିଗଟି ଭଲ ରହିବ।

**ସିଂହ** – ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ମନ ଭଲ ରହି ନ ପାରେ। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ବନ୍ଧୁମାନେ ଅସହଯୋଗ କରି ସମସ୍ୟା ବୃଦ୍ଧି କରି ପାରନ୍ତି।

**କନ୍ୟା** – ହାତକୁ ନେଇଥିବା ଆଜିର କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭାଇଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ, ପରିବହନ, କୃଷି ଓ ବାଣିଜ୍ୟ କଥା ଚିନ୍ତା କରିପାରନ୍ତି।

**ତୁଳା** – ସକାଳୁ ସକାଳୁ ମନ କୌଣସି ଶୁଭ ଖବର ପାଇ ଖୁସି ହୋଇଯିବ। ଆଜି ଦିନ ଭିତରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନିଜର ଫାଇଦା ହାସଲ ପାଇଁ ପାଖପଡୋଶୀ ଫନ୍ଦିଫିକର ଚଳାଇପାରନ୍ତି।

**ବିଛା** – କାର୍ଯ୍ୟହାନି କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଅବଶ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁ ମିଳନ, ଅର୍ଥ ସମ୍ପର୍କ ପ୍ରଭୃତିରୁ ସୁଫଳ ପାଇବେ। ସମସ୍ତ କାମ ଠିକ୍‌ଠାକ୍ ଭାବେ ଚାଲିବ ଓ କୌଣସି ଅସୁବିଧା ହେବ ନାହିଁ। ନିଜ ଲୋକ ବିଶ୍ୱାସଘାତ କରିପାରନ୍ତି। ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର, ସଭାସମିତି, ଆନୁଷ୍ଠାନିକ କାମ ସାମାନ୍ୟ ସମସ୍ୟା ମଧ୍ୟରେ ସମ୍ପନ୍ନ ହୋଇପାରେ।

**ମକର** – ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କାର୍ଯ୍ୟସାଧନ ପରିପ୍ରେକ୍ଷୀରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ।

**କୁମ୍ଭ** – ହାତକୁ ନେଇଥିବା କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଯୁକ୍ତିତର୍କ ସମୟରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ପରିବାରର ବରାଦ ଅନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର କରିଥିଲେ ମଧ୍ୟ ଠିକଣା ସମୟରେ ପ୍ରତିଦାନରେ କିଛି ପାଇବେ ନାହିଁ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର, ଜୁଲାଇ ୧୪ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ଓ ବିଦ୍ୟାରମ୍ଭ ପାଇଁ ଶୁଭ। ଦିବା ଘ.୦୭.୫୬ମି. ଗତେ ଘ.୧୧.୨୬ମି. ମଧ୍ୟେ, ଘ.୦୨.୦୩ମି. ଗତେ ଘ.୦୫.୩୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁକାଳ।

# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କହୁଥିବ ଜଗି,
ଚାଷକୁ ଥିବଟି ସଂଗୀ;
କେବେ ନୋହିପାର ରୋଗୀ।**

ଜଗି ରଖି କଥା କହିବା ଉଚିତ। କଥା କହିବାରେ ସାବଧାନତା ଅବଲମ୍ବନ କଲେ ଅସୁବିଧା ହୁଏ ନାହିଁ। ଘରଲୋକଙ୍କୁ ନେଇ ଚାଷବାସ କଲେ ଚାଷରେ ସଫଳତା ମିଳିବା ସୁନିଶ୍ଚିତ। ସେହିପରି ଶାରୀରିକ ପରିଶ୍ରମ କଲେ ସହଜରେ ବ୍ୟକ୍ତି ରୋଗାକ୍ରାନ୍ତ ହେଉନଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କେଉଁ ନ କରିବୁ ଟିକରା ଚାଷ,
କର ଦେଇ ନାହିଁ ଲାଭରେ ଆଶ।**

ନିଜ ବିଲ ବା ଜମିରେ ଚାଷ କଲେ ଯେତିକି ଅମଳ ହୁଏ ସେଥିରେ କେବଳ ନିଜର ହିଁ ଲାଭ ରହିଥାଏ। ପରନ୍ତୁ ଭାଗ ଚାଷ କଲେ ପରିଶ୍ରମ ତୁଳନାରେ କମ୍ ଲାଭ ମିଳିଥାଏ। ଏପରିକି ଯେତିକି ଉପାର୍ଜନ ହୋଇଥାଏ ସେଥିରେ ଧାର କରଜ ଶୁଝିବା ମଧ୍ୟ କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday
0674-2580101, 2549302




**BRIDE WANTED**

Khandayat groom Government officer 39/5'9" (Cast no bar) - 9338901177. D-21058

ବ୍ରାହ୍ମଣ ପୁତ୍ର ପାଇଁ ବ୍ରାହ୍ମଣ କନ୍ୟା (ଗରିବ, ମଧ୍ୟବିତ୍ତ) ଆବଶ୍ୟକ। ପୁଅ ପାରାଦୀପରେ କାର୍ଯ୍ୟରତ (ବୟସ-୨୯), ଘର-କେନ୍ଦ୍ରାପଡ଼ା। ଯୋଗାଯୋଗ- ୯୫୫୬୪୬୬୧୪୪. ଧ-୨୧୦୪୮

**Invited Khandayat Bride for a 29+Years Boy B.Tech V.S.S.U.T. Burla MBA from X.I.M.B Placed In TCS. Only Son, Father and Mother are retired Central and State Govt. Officers. Contact- 9437034277.** D-21079

Fresh Divorce Widow Bride for G.M, 37+/5'9" Handsome (Cast No Bar), Early Marriage- 7008468672. D-21059

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GROOM WANTED**

MPHIL Qualified Private School ମାଲିକ 51 ବୟସ୍କା କରଣ ବିଧବା ମହିଳା ନିଜ ପାଇଁ ଘରଜ୍ୱାଇଁ ଖୋଜୁଛନ୍ତି। 7608010434. D-71305

Jajpur ବାସିନ୍ଦା, ଶିକ୍ଷାନୁଷ୍ଠାନ କରିଥିବା 40 ବୟସ୍କା Khandayat, 5'1" ନିଃସନ୍ତାନ divorced ଝିଅଙ୍କୁ ରୋଜଗାରିଆ ପୁଅ ଦରକାର। 7606067313. D-71306

Kaibarta, Very Fair Bride, Searching Kaibarta Groom in Bhubaneswar. Kaibarta Groom (IAS Faculty in Delhi) Searching Very Fair Bride (Any Caste). Mob: 9990161440. D-21050




**SALE**

"Land for sale 17,400 sqft. in Gayalbank Bus stop @ Rs. 260/ per sqft. Call 8763701977". D-21076

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.- 2500/-, Contact: 9938447042.** D-70863

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

**2419sqft. plot with double storied building (1500x2) for sale at Indira Gandhi Housing colony, Lingipur, Bhubaneswar. 50meters from main road. Price 1crore 20lakhs. Contact- 9437034277.** D-21078




2BHK available for family at BDA HIG Duplex, Baramunda, Bhubaneswar. Contact: 9182574495. D-70862

**ହୀରକ ଜୟନ୍ତୀ**



**ଶ୍ରୀ ଅଦ୍ୱୈତ ଚରଣ ବିଶ୍ୱାଳ ଓ ଶ୍ରୀମତୀ ଗୋମତୀ ବିଶ୍ୱାଳ**

ପ୍ଲଟ୍ ନଂ.-୧୨୭୭/୧୨୭୮, ବମିଖାଲ
ଆପଣଙ୍କ ବିବାହ ବାର୍ଷିକୀର ହୀରକ ଜୟନ୍ତୀ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।
ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ, ପ୍ରସନ୍ନ କୁମାର ଭଞ୍ଜ ଓ କୁମାରେନ୍ଦ୍ର ମହାପାତ୍ର (ରାଜା) ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମ୍, ବମିଖାଳର ସଭ୍ୟବୃନ୍ଦ। ଧ-୬୬୪୧୦


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଶତକ ଛୁଇଁଲା କରୋନା ମୃତ୍ୟୁ

-୬୨ ଆକ୍ରାନ୍ତ, ୮୪ ସୁସ୍ଥ
-ପୁଣି ୨ ଜୀବନ ନେଲା ଭୂତାଣୁ

**ଢେଙ୍କାନାଳ ଅଫିସ, ୧୩।୭:** ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ଶହେ ଛୁଇଁଛି। ମଙ୍ଗଳବାର ଭୂତାଣୁ ଆଉ ଦୁଇଜଣଙ୍କ ମୁଣ୍ଡ ନେଇଛି। ମୃତକଙ୍କ ମଧ୍ୟରେ ସଦର ବ୍ଲକର ଜଣେ ୬୫ ବର୍ଷୀୟ ବୃଦ୍ଧ ଏବଂ ଗଁଦିଆ ବ୍ଲକର ୬୯ ବର୍ଷୀୟ ବୃଦ୍ଧ ରହିଛନ୍ତି। ଏହାପରେ ଜିଲାରେ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୧୦୦ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ୬୨ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮୪ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୧୪, ଓଡ଼ାପଡ଼ା ବ୍ଲକର ୧୨, ଢେଙ୍କାନାଳ ପୌରାଞ୍ଚଳର ୮, ପରଜଙ୍ଗ ବ୍ଲକରେ ୭, ସଦର ବ୍ଲକର ୬, ଗଁଦିଆ ବ୍ଲକର ୩, ଭୁବନ ବ୍ଲକର ୩, କାମାକ୍ଷାନଗର ବ୍ଲକର ୩, କଙ୍କଡ଼ାହାଡ଼ ବ୍ଲକର ୨, କାମାକ୍ଷାନଗର ଏନ୍‌ଏସିର ୨, ହିନ୍ଦୋଳ ଏନ୍‌ଏସିର ୨ଜଣ ଅଛନ୍ତି। ଜିଲାର ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭୨୧କୁ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବାଇକ୍ ଧକ୍କାରେ ଜଣେ ମୃତ

**କାମାକ୍ଷାନଗର, ୧୩।୭(ଡି.ଏନ.ଏ.):** କାମାକ୍ଷାନଗର ଥାନା ଭାଲୁମୁଣ୍ଡା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ (ନଂ. ଓଆର୍ ୦୪ ଏମ୍ ୫୦୩୯) ଧକ୍କାରେ ଅଭିମନ୍ୟୁ ପଲେଇ (୪୮)ଙ୍କ ମୃତ୍ୟୁ ଘଟିଛି। ଭାଲୁମୁଣ୍ଡା ଗ୍ରାମର ଅଭିମନ୍ୟୁ ପୋଖରୀକୁ ଯାଉଥିବାବେଳେ ଉକ୍ତ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିଛି। ବାଇକ୍ ଚାଳକଙ୍କୁ ଅଟକ ରଖାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଐତିହ୍ୟକୁ ଅବହେଳା

- ମରାମତି ଅପେକ୍ଷାରେ ୧୦୦ ବର୍ଷର ଜଗନ୍ନାଥ ମନ୍ଦିର
- ଅବକ୍ଷୟ ହୋଇଗଲାଣି ଦେଉଳ ଚୂଡ଼ା
- ମାଡ଼ିଗଲାଣି ଶିଉଳି, ଉଠିଲାଣି ଗଛ

**ଢେଙ୍କାନାଳ ଅଫିସ, ୧୩।୭**

ରାଜ୍ୟର ସମୃଦ୍ଧ ମନ୍ଦିର ପର୍ଯ୍ୟଟନ (ଟେମ୍ପଲ ଟୁରିଜମ୍)କୁ ନେଇ ରହିଛି ଅନେକ ସମ୍ଭାବନା। କୋଭିଡ୍ ମହାମାରୀ ସମୟରେ ବିପର୍ଯ୍ୟସ୍ତ ଅର୍ଥନୀତିକୁ ବାଟକୁ ଆଣିବାକୁ ପର୍ଯ୍ୟଟନ ଶିଳ୍ପ ପ୍ରମୁଖ ବିକଳ୍ପ ଭାବେ ଉଭା ହୋଇଛି। ତେଣୁ ପ୍ରାଚୀନ ମନ୍ଦିର, ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା, ସଂରକ୍ଷଣ ଏବଂ ଏହାର ନବକଳେବର ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଏ ଦିଗରେ ବିପୁଳ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଅନେକ ପ୍ରାଚୀନ କୀର୍ତ୍ତିରାଜି ଇତିହାସ ପାଲଟିଯିବାକୁ ବସିଛି। ଢେଙ୍କାନାଳର ଆରାଧ୍ୟଦେବତା ତଥା ପୁରାଣପ୍ରସିଦ୍ଧ ଶ୍ରୀ ବଳରାମ ମହାପ୍ରଭୁଙ୍କ ମନ୍ଦିର ବେଢ଼ାରେ ଥିବା ୧୦୦ ବର୍ଷ ପୁରୁଣା ଜଗନ୍ନାଥ ମନ୍ଦିର ଏହାର ଏକ ଉଦାହରଣ।

ଐତିହ୍ୟ, ପରମ୍ପରା ଏବଂ ପର୍ଯ୍ୟଟନକୁ ନେଇ ସମୃଦ୍ଧ ଢେଙ୍କାନାଳ ଜିଲାର ଅନ୍ୟତମ ପରିଚୟ ହେଉଛନ୍ତି ମହାପ୍ରଭୁ ବଳରାମ। ମହାପ୍ରଭୁ ଶ୍ରୀକୃଷ୍ଣ, ରୁକ୍ମିଣୀ, ଲକ୍ଷ୍ମୀ ମଧ୍ୟ ଏଠାରେ ପାର୍ଶ୍ୱ ବିଗ୍ରହ ଭାବେ ପୂଜା ପାଉଛନ୍ତି। ଏଠାରେ ପୂଜା ପାଉଥିବା ମୁଖ୍ୟ ଦେବତା ଶ୍ରୀବଳରାମ ହେଉଛନ୍ତି ପାଷାଣ ବିଗ୍ରହ। ଦ୍ୱାପର ଯୁଗର ପୌରାଣିକ କାହାଣୀ ଆଧାରରେ ମୁଖ୍ୟପୀଠରେ ସମସ୍ତ ନୀତିକାନ୍ତି ପାଳିତ ହେଉଛି। ୧୦୦ ବର୍ଷ ତଳେ ବଳରାମ ମନ୍ଦିର ପରିସରରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ନ ଥିଲା। ସେହି ସମୟରେ ରାଜବାଟୀରେ ପୂଜା ପାଉଥିବା ବିଗ୍ରହଙ୍କୁ ନେଇ ଆୟୋଜିତ ହେଉଥିଲା ରଥଯାତ୍ରା। ମହାରାଜା ସୁରପ୍ରତାପଙ୍କ ଶାସନ କାଳରେ ବଳରାମ ମନ୍ଦିର ପରିସରରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ମହାବାହୁଙ୍କ ପୂଜା ଆରମ୍ଭ ହୋଇଥିବା ଗବେଷକମାନେ ମତ ଦିଅନ୍ତି। ଏହାପରେ ଦୁଇଟି ରଥ ନିର୍ମାଣ କରାଯାଇଥିଲା। ବଡ଼ରଥରେ ବଳରାମ ମନ୍ଦିରରେ ପୂଜା ପାଉଥିବା ଜଗନ୍ନାଥ ଏବଂ ସାନରଥରେ ରାଜବାଟୀରେ ପୂଜିତ ବିଗ୍ରହ ଆସୀନ ହୋଇ ମାଉସୀ ମା' ମନ୍ଦିରକୁ ଯାଉଛନ୍ତି। ତେବେ ଦୀର୍ଘଦିନ ଧରି ମରାମତି କରାଯାଉ ନ ଥିବାରୁ ଜଗନ୍ନାଥ ମନ୍ଦିର ଅବହେଳିତ ହୋଇପଡ଼ିଛି। ବର୍ଷାଦିନେ ପାଣି ଗଳୁଛି। ମନ୍ଦିରରେ ଶିଉଳି ମାଡ଼ିଯାଇଥିବାବେଳେ ଗଛଲତା ଉଠିଲାଣି। ମନ୍ଦିର ଚୂଡ଼ା ଅବକ୍ଷୟ ହୋଇ ନଷ୍ଟ ହେବାକୁ ବସିଲାଣି। ଏପରି କି ସାମାନ୍ୟ ଚୂନ ଧଉଳା ମଧ୍ୟ ହେଉନାହିଁ। ବାରମ୍ବାର ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବୁଦ୍ଧିଜୀବୀ ମହଲରେ ଦାବି ପରେ ଶ୍ରୀ ବଳରାମ ମହାପ୍ରଭୁଙ୍କ ମନ୍ଦିରକୁ କିଛିବର୍ଷ ତଳେ ନୂଆ ଚୂନ ଲାଗି କରାଯାଇଛି। ହେଲେ ଜଗନ୍ନାଥ ମନ୍ଦିର ପ୍ରତି କାହାରି ଦୃଷ୍ଟି ପଡୁ ନ ଥିବା ବହୁ ଜଗନ୍ନାଥପ୍ରେମୀ ଅଭିଯୋଗ କରିଛନ୍ତି।


ଶ୍ରୀବଳରାମ ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର।

### ତୁରନ୍ତ ପଦକ୍ଷେପ ନେବା ଜରୁରୀ



"ପ୍ରାଚୀନ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ଲାଗି କାହାରି ମନରେ ନିଘା ନାହିଁ। ବର୍ଷାଦିନେ ମନ୍ଦିର ଅବସ୍ଥା ଶୋଚନୀୟ ହୋଇପଡୁଛି। ଶିଉଳି, ଗଛଲତା ମାଡ଼ିଯାଇଥିବାରୁ ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ଦେବୋତ୍ତର ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ।

-ଅବନୀ ମିଶ୍ର, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି

### ଦେବୋତ୍ତର ବିଭାଗ ଗୁରୁତ୍ୱ ଦେଉନି



"ଜଗନ୍ନାଥଙ୍କ ମନ୍ଦିରର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉନାହିଁ। ମନ୍ଦିର ମରାମତି ତ ଦୂରର କଥା, ଆଜି ପର୍ଯ୍ୟନ୍ତ ମୁଖଶାଳାଟିଏ ମଧ୍ୟ ନିର୍ମାଣ ହୋଇପାରିଲା ନାହିଁ। ଟଙ୍କା ଥାଇ ଦେବୋତ୍ତର ବିଭାଗ ଏଥିପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ।

-ପ୍ରଦ୍ୟୁମ୍ନ ରଥ,
ଜିଲା ସଭାପତି ଶ୍ରୀଜଗନ୍ନାଥ ଚେତନା ସମିତି

### ବର୍ଷା ପରେ ମରାମତି



"ଜଗନ୍ନାଥ ମନ୍ଦିରର ମରାମତି କରିବା ଲାଗି ବ୍ୟୟ ଅଟକଳ କରିବାକୁ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ବ୍ୟୟ ଅଟକଳ ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି। ସମସ୍ୟା ନଜରରେ ଅଛି। ବର୍ଷାଦିନ ପରେ ନିଶ୍ଚିତ ଭାବେ ଏହାର ମରାମତି କରାଯିବ।

-ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ

# ଶିଶୁଗୃହରେ କୋଭିଡ୍ ସଚେତନତା


ଶିଶୁ ଗୃହରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୩।୭:** ଢେଙ୍କାନାଳ ସକ୍ରିୟ ନାଗରିକ ପରିଷଦ ଏବଂ ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଟିମ୍ ସହଯୋଗରେ ମହୁଲପଡ଼ାସ୍ଥିତ ବିଶ୍ୱ କୁନ୍ତଳ ଶିଶୁଗୃହରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସସ୍ମିତା ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ସାନିଟାଇଜର ଷ୍ଟାଣ୍ଡ ଲୋକାର୍ପିତ କରିଥିଲେ। ଅନ୍ତେବାସୀଙ୍କୁ ସାନିଟାଇଜର, ସାବୁନ୍, ମାସ୍କ, ଚକୋଲେଟ୍, ବିସ୍କୁଟ୍ ପ୍ରଦାନ କରାଯାଇଥିଲା। ରୋଟାରିଆନ୍ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ସହଯୋଗୀ ସୁଜିତ୍ ନନ୍ଦ, ରଶ୍ମିତା ରଥ, କାଦମ୍ବିନୀ ମହାକୁଡ, ଚିନ୍ମୟ ଜେନା, ଶିବପ୍ରସାଦ ପଣ୍ଡା, ରାମେଶ୍ୱର ମାଇତି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ, ଉପସଭାପତି ଅଖିଳ ମହାପାତ୍ର, ସମ୍ପାଦକ ମଳୟ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ, ଈଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, ଭାଗ୍ୟଶ୍ରୀ ଚୌଧୁରୀ, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

WANTED
A SUPERVISOR FOR RE-ROLLING MILL
AT: JAGATPUR, CUTTACK.
Contact: 9937399588

REQUIRES EXPERIENCE STAFFS
• RECEPTIONIST - 1 No. • COOK - 2 Nos.
• ୱେଟର - ୪ଜଣ • ହାଉସ୍ କିପର (ଅଭିଜ୍ଞ ମହିଳା/ପୁରୁଷ) - ୨ଜଣ • TOURIST CAR DRIVER - 5 Nos. (With badge and Heavy Licence).
WALK-IN-INTERVIEW
Residency 24×7, 13 West, Ashok Nagar (Behind Khadi Niketan), BBSR (10 A.M. to 5 P.M.)
9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

क्षेत्रीय शिक्षा संस्थान, भुवनेश्वर
REGIONAL INSTITUTE OF EDUCATION, BHUBANESWAR
(National Council of Educational Research & Training)
Sachivalaya Marg, Bhubaneswar - 751022
Advt. No: 402 Dated: 09.07.2021
ADMISSION NOTICE 2021-2022
Online applications are invited for admission to **M.Phil in Education** course offered by Regional Institute of Education, Bhubaneswar for the session **2021-2022.** For details regarding Eligibility Criteria, Mode of Selection, Determination of Home State, Reservation, Fees Structure, Entrance Test etc., please visit our website **www.riebbs.ac.in.**
PRINCIPAL

# କାର୍ଯ୍ୟାଳୟରେ ପଶି ବନପାଳଙ୍କୁ ଆକ୍ରମଣ

- ବନ କର୍ମଚାରୀଙ୍କ ମାଡ଼ରେ ଯୁବକ ଗୁରୁତର
- ଥାନାରେ ପୃଥକ୍ ମାମଲା, ପୋଲିସର ତଦନ୍ତ

**କାମାକ୍ଷାନଗର/ପରଜଙ୍ଗ, ୧୩।୭(ଡି.ଏନ୍.ଏ.)**


ବନପାଳ ଚନ୍ଦ୍ରଶେଖର ବେହେରା।


ଅଭିଯୁକ୍ତ ଯୁବକ ପିଙ୍କୁ ପରିଡ଼ା।

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧୀନ ମୁକ୍ତାପଶି ବନପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅଭାବନୀୟ କାଣ୍ଡ ଘଟିଛି। କାମାକ୍ଷାନଗର ଥାନା ପଦ୍ମପୋଖରୀ ଗ୍ରାମର ପିଙ୍କୁ ପରିଡ଼ା (୨୭)ଙ୍କ ମରଣାନ୍ତକ ଆକ୍ରମଣରେ ବନପାଳ ଚନ୍ଦ୍ରଶେଖର ବେହେରା (୩୦) ଲହୁଲୁହାଣ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବନ କର୍ମଚାରୀ ମାଡ଼ ମାରିଥିବା ଯୁବକ ଜଣଙ୍କ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ ପୃଥକ୍ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ବନପାଳ ବେହେରା ଅଭିଯୋଗରେ ଦର୍ଶାଇଛନ୍ତି, ସେ ଖାଇବାକୁ ବସିଥିବାବେଳେ ପିଙ୍କୁ ଅଫିସରେ ପଶି ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ବାହାରେ ଥିବା କର୍ମଚାରୀ ଆସି ଯୁବକଙ୍କୁ କାବୁ କରିଥିଲେ। ଏଥିରେ ବନପାଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୫୪/୨୧, ଦଫା ୩୦୭ରେ ଏକ ମାମଲା ରୁଜୁ ହୋଇଛି।

ସେହିପରି ପିଙ୍କୁ ଅଭିଯୋଗରେ ଦର୍ଶାଇଛନ୍ତି, ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟା ପାଇଁ ସେ ଗ୍ରାମ ନିକଟ ଜଙ୍ଗଲରୁ ବାଇକ୍‌ରେ କାଠ ଆଣୁଥିଲେ। ସେଠାରେ ମୁତୟନ ଜଣେ ହାତୀସ୍କ୍ୱାଡ୍ କର୍ମଚାରୀ ପୂର୍ବ ଆକ୍ରୋଶରୁ ବନପାଳଙ୍କ ନିକଟରେ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗ କରିଥିଲେ। ଏଥିସହ ବନପାଳ ଡାକିଥିବା କହିଥିଲେ। ହାତୀସ୍କ୍ୱାଡ୍ କର୍ମଚାରୀଙ୍କ କଥା ଶୁଣି ପିଙ୍କୁ ବନପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେଠାରେ ଉପସ୍ଥିତ ବନ କର୍ମଚାରୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ପିଙ୍କୁଙ୍କ ଅଭିଯୋଗକ୍ରମେ ନଂ. ୨୫୬/୨୧ରେ ମାମଲା ରୁଜୁ ହୋଇଛି। ଉଭୟ ପକ୍ଷରୁ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ବନପାଳ ଚନ୍ଦ୍ରଶେଖରଙ୍କ ଆକ୍ରମଣରେ ଜୟପୁରାକାଟେଣୀ ଗ୍ରାମର ବ୍ରହ୍ମାନନ୍ଦ ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ସୁଭଦ୍ରା ଗତ ୪ ତାରିଖରେ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ।

ODISHA PUBLIC SERVICE COMMISSION
CUTTACK
Website - http://www.opsc.gov.in
NOTICE
No. 4674/P.S.C., (1E-13-2020-21) (DR-II), dt.13.07.21
**No. D-54:-** It is for information of all concerned that the written examination for recruitment to the post of Assistant Professor in 07 different Dentistry disciplines in Odisha Medical Education Service, under H. & F.W. Department, pursuant to Advertisement No.11 of 2018-19 will be held **on 06.08.2021 (Friday) from 10.00 A.M. to 1.00 P.M.** The detailed programme of the written examination showing venue will be notified in due course later on in the website of Commission.
The concerned candidates are advised to visit the website of Commission regularly.
OIPR-12002/11/0032/2122 Sd./- Secretary

# ବାସକୁ ନେଇ ବିବାଦ

- ଜିଦ୍‌ରେ ଅଟଳ ଜାମୁନାଳୀ ବାସିନ୍ଦା
- ରାସ୍ତା କଡ଼ରେ ଜାଗା ପ୍ରଦାନ ଦାବି
- ଧନୁତୀର, ଅସ୍ତ୍ରଶସ୍ତ୍ର ଧରି ପ୍ରତିବାଦ

**ପରଜଙ୍ଗ, ୧୩।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ପଞ୍ଚାୟତ ଅଧୀନ ଜାମୁନାଳୀ ଏବଂ ଆମ୍ବପଳାସ ଗ୍ରାମବାସୀଙ୍କ ମଧ୍ୟରେ ରାସ୍ତାପାର୍ଶ୍ୱ ଜମିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଜାମୁନାଳୀବାସୀ ବଡ଼କମର-ପଙ୍ଗାତୀରା ରାସ୍ତା ପାର୍ଶ୍ୱରେ ସ୍ଥାୟୀ ଭାବେ ରହିବାକୁ ଚାହୁଁଥିବାବେଳେ ଏହାକୁ ବିରୋଧ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଜିଦ୍‌ରେ ଅଟଳ ଜାମୁନାଳୀର ଶତାଧିକ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଥାନା ଆଗରେ ପ୍ରତିବାଦ କରିଥିବାବେଳେ ବିବାଦ ବଢ଼ିବାରେ ଲାଗିଛି।

ଜାମୁନାଳୀବାସୀଙ୍କ କହିବା କଥା, ଶତାଧିକ ଆଦିବାସୀ ପରିବାର ଦୀର୍ଘଦିନ ହେଲା ଜଙ୍ଗଲରେ ବସବାସ କରୁଥିଲେ। ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ଜଙ୍ଗଲ ପରିବେଶରେ ବନ୍ୟଜନ୍ତୁ ଆକ୍ରମଣର ଭୟ ରହୁଛି। ଛୋଟ ପିଲାମାନେ ଜଙ୍ଗଲିଆ ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି। ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ତେଣୁ ଆମ୍ବପଳାସ ନିକଟ ବଡ଼କମର-ପଙ୍ଗାତୀରା ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ସେମାନେ ଘର କରି ରହିବା ଲାଗି ଚାହୁଁଛନ୍ତି। ତେଣୁ ସରକାରୀ ଯୋଜନାରେ ସାମିଲ କରି ସ୍ଥାୟୀ ଭାବେ ସେଠାରେ ଥଇଥାନ କରିବାକୁ ସେମାନେ ଦାବି କରିଛନ୍ତି। ହେଲେ ଜାମୁନାଳୀବାସୀଙ୍କ ଏଭଳି ଦାବିକୁ ଆମ୍ବପଳାସ ଅଞ୍ଚଳର କେତେଜଣ ବିରୋଧ କରୁଛନ୍ତି। ସେମାନଙ୍କ କହିବା କଥା, ଆଦିବାସୀମାନେ ଜଙ୍ଗଲ ଭିତରେ ଗୋଷ୍ଠୀ କନ୍ଦଳରେ ଲିପ୍ତ ଅଛନ୍ତି। ସେମାନେ ରାସ୍ତାପାର୍ଶ୍ୱରେ ରହିଲେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଆଶଙ୍କା ରହିଛି। ତେଣୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୧୨ ତାରିଖରେ ଜାମୁନାଳୀ ଗ୍ରାମର ପପୁ ସିର୍କା ନାମକ ଜଣେ ଯୁବକ ମୋବାଇଲ ମରାମତି କରିବାକୁ ଆମ୍ବପଳାସ ଗ୍ରାମକୁ ଆସିଥିବାବେଳେ ମଧୁବନ ଛକ ନିକଟରେ ତାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଜାମୁନାଳୀ ଗ୍ରାମର ଶତାଧିକ ମହିଳାପୁରୁଷ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆମ୍ବପଳାସ ଅଞ୍ଚଳର କେତେଜଣ ଲୋକ ସେମାନଙ୍କ ଉପରେ ଅତ୍ୟାଚାର କରୁଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣା ପଛରେ ଉକ୍ତ ଜମିବିବାଦ ରହିଥିବା ଜଣାପଡ଼ିଛି। ଅଭିଯୋଗ ପରେ ଏସ୍‌ଡିପିଓ ଅନୀଲ କୁମାର ବେଉରା, ପରଜଙ୍ଗ ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ଆର୍‌ଆଇ ଗିରୀଶ ଚନ୍ଦ୍ର ସିଂ ପ୍ରମୁଖ ଜାମୁନାଳୀ ଗ୍ରାମକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ପପୁ ସିର୍କା ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଜାମୁନାଳୀ ଗ୍ରାମବାସୀ କୌଣସି ପରିସ୍ଥିତିରେ ରାସ୍ତାପାର୍ଶ୍ୱ ଜମିରୁ ହଟିବେ ନାହିଁ ବୋଲି କହିବା ଏବଂ ଏହାକୁ ଆମ୍ବପଳାସ ଅଞ୍ଚଳବାସୀ ବିରୋଧ କରିବା ପରେ ବିବାଦ ତେଜିବାରେ ଲାଗିଛି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।


ଜାମୁନାଳୀବାସୀଙ୍କ ପ୍ରତିବାଦ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୯୩୪୦/IND-II-PH-864 ତାରିଖ: ୦୯।୦୭।୨୧
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶିବା ସିମେଣ୍ଟ ଲିମିଟେଡ, ଓଡ଼ିଶା**ର ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ତହସିଲ ଅନ୍ତର୍ଗତ ଖାତକୁରବାହାଲ ଏବଂ ଖାଲ୍‌ସାକାନି ଗ୍ରାମରେ ୧୫୬.୪୩ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଖାତକୁରବାହାଲ (ଉତ୍ତର) ବ୍ଲକ ଚୂନପଥର ଖଣିରୁ ବାର୍ଷିକ ୧.୬ ନିୟୁତ ଟନ୍ (ଆର.ଓ.ଏମ୍.) ଚୂନପଥର ଉତ୍ତୋଳନ, ବାର୍ଷିକ ୦.୦୩୫ ନିୟୁତ ଟନ୍ ମିନେରାଲ ପ୍ରତ୍ୟାଖ୍ୟାନ, ବାର୍ଷିକ ୦.୦୩୩ ନିୟୁତ ଟନ୍ ଟପ୍ ମୃତ୍ତିକା ଏବଂ ବାର୍ଷିକ ୩.୮୭୫ ନିୟୁତ ଟନ୍ ଆବର୍ଜନା (ମୋଟ ଖନନ - ବାର୍ଷିକ ୫.୫୪୩ ନିୟୁତ ଟନ୍) ସହିତ ୮୦୦ ଟି.ପି.ଏଚ୍. କ୍ଷମତା ବିଶିଷ୍ଟ କ୍ରସର ଏବଂ ସ୍କ୍ରିନ୍ ପ୍ରତିଷ୍ଠା କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୩।୦୪।୨୦୨୧ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ତହସିଲ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: 'The Times of India' ଏବଂ 'ଧରିତ୍ରୀ'ରେ ତା୨୦।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ରାଜ୍ୟରେ ବଢୁଥିବା Covid-19 ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ଜନସମାଗମ ଉପରେ କଟକଣା ଯୋଗୁ ତା୨୩।୦୪।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୪।୦୮।୨୦୨୧ରିଖ ଦିବା ୦୯.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ବ୍ଲକ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୪।୦୮।୨୦୨୧ରିଖ ଦିବା ୦୯.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ବ୍ଲକ ଅନ୍ତର୍ଗତ ଖାତକୁରବାହାଲ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପଛରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ ଓ ପରିବେଶ (ପରିବେଶ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ। କୌଣସି ପ୍ରସ୍ତାବ, ମନ୍ତବ୍ୟ, ମତାମତ ବା ଆପତ୍ତି ଲିଖିତ ଆକାରରେ ଧାର୍ଯ୍ୟ ତାରିଖ ମଧ୍ୟରେ କିମ୍ବା ଲିଖିତ ବା ମୌଖିକ ଆକାରରେ ସର୍ବସାଧାରଣ ଶୁଣାଣି ବେଳେ କରା ନ ଗଲେ ତାହା ବିଚାରକୁ ନିଆଯିବନାହିଁ।
ସ୍ୱା./-ସଦସ୍ୟ ସଚିବ

> ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

# ସ୍ଥାୟୀ ରଥ ନିର୍ମାଣ ହେଉ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଓଡ଼ିଆର ଆରାଧ୍ୟ ଦେବତା। କେବଳ ଆମ ଦେଶରେ ନୁହେଁ, ସାରା ପୃଥିବୀରେ ସେ ପାଲଟିଛନ୍ତି ପ୍ରମୁଖ ପରିଚୟ। ବର୍ଷର ବାର ମାସରେ ତାଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରି ପାଳନ ହୋଇଥାଏ ତେରପର୍ବ। ତେବେ ତନ୍ମଧ୍ୟରେ ଶ୍ରେଷ୍ଠତମ ହେଲା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପୁରୁଷୋତ୍ତମପୀଠ ପୁରୀଠାରେ ଅନୁଷ୍ଠିତ ପ୍ରସିଦ୍ଧ ରଥଯାତ୍ରା ବା ଗୁଣ୍ଡିଚା ଯାତ୍ରା, ଯାହାକି ଏବେ ଦେଶର ଅସଂଖ୍ୟ ସ୍ଥାନ ସମେତ ସମଗ୍ର ବିଶ୍ୱର ବହୁ ସ୍ଥାନକୁ ସମ୍ପ୍ରସାରିତ ହେଲାଣି। ଓଡ଼ିଆ ଜାତି ପାଇଁ ଏହା ଏକ ଗର୍ବ ଓ ଗୌରବର ବିଷୟ। ପୁରୀର ରଥଯାତ୍ରା ଲାଗି ଅନୁସରଣ କରାଯାଏ ବହୁ ବିଧିବଦ୍ଧ ପାରମ୍ପରିକ ବିଧିବିଧାନ। ଏହାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ ପବିତ୍ର ଅକ୍ଷୟ ତୃତୀୟାଠାରୁ। ସେ ଦିନ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ପାଇଁ ତିନୋଟି ନୂଆ ରଥ ନିର୍ମାଣ ଲାଗି ଶୁଭ ଦିଆଯାଏ। ପୌରାଣିକ ମତ ଅନୁସାରେ ଏଥିରେ ବିଜେ କରି ସେମାନେ ଗୁଣ୍ଡିଚା ଦେବୀଙ୍କ ମନ୍ଦିରକୁ ଯାତ୍ରା କରନ୍ତି। ସେଠାରେ ଅବସ୍ଥାନ କରନ୍ତି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ।

ପ୍ରତିବର୍ଷ ଏହି ରଥଗୁଡ଼ିକର ତିଆରି ଲାଗି ନୟାଗଡ଼, ଦଶପଲ୍ଲା ଏବଂ ବୌଦ୍ଧ ବନଖଣ୍ଡରୁ ଅସନ, ଧଉରା ଏବଂ ଫାସି କାଠ ଏବଂ ଖୋର୍ଦ୍ଧା ବନଖଣ୍ଡରୁ ଶିମିଳି ଓ ଗମ୍ଭାରୀ କାଠ ସଂଗ୍ରହ ହୋଇଥାଏ। ଏଥିପାଇଁ ପ୍ରାୟ ଶହ ଶହ ପରିପକ୍ୱ ଗଛ କାଟିବାକୁ ପଡ଼େ। ସମୟ ଥିଲା ଯେତେବେଳେ ଆମ ରାଜ୍ୟ ବଣଜଙ୍ଗଲରେ ଭରି ରହିଥିଲା ସେତେବେଳେ ଏପରି କରିବା ପରିବେଶକୁ ବିଶେଷ ପ୍ରଭାବିତ କରୁ ନ ଥିଲା। କିନ୍ତୁ ବର୍ତ୍ତମାନ ସେ ଅବସ୍ଥା ନାହିଁ। ପରିବେଶ ପ୍ରଦୂଷଣ ଏବଂ ଜାଗତିକ ଉଷ୍ଣତା ଏକ ଘାତକ ସମସ୍ୟା ରୂପେ ଉଭା ହେଲାଣି। ଅତଏବ ଏବେ ଏହାର ପୁନର୍ବିଚାର କରିବାର ସମୟ ଆସିଛି।

ରାଜ୍ୟ ସରକାରଙ୍କ ଆକଳନ ଅନୁସାରେ ବର୍ତ୍ତମାନ ଓଡ଼ିଶାରେ ଜଙ୍ଗଲ ସର୍ବନିମ୍ନ ଆବଶ୍ୟକତା ପାଖାପାଖି ରହିଛି– ଏହାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗକିଲୋମିଟର ହେଲାବେଳେ ଜଙ୍ଗଲର ଆୟତନ ୫୧,୬୧୮ ବର୍ଗକିଲୋମିଟର (୨୦୧୯), ଅର୍ଥାତ୍ ପ୍ରାୟ ୩୩ ପ୍ରତିଶତ। ତେବେ ତହିଁରୁ ଅନେକ ଘଞ୍ଚଜଙ୍ଗଲ ନୁହେଁ। ଏଣୁ ପରିବେଶ ଉପରେ ଏହାର ପ୍ରଭାବ ଏତେଟା ଅନୁକୂଳ ନୁହେଁ। ଏପରିସ୍ଥଳେ ରଥଯାତ୍ରା ପାଇଁ ଏତେ ଏତେ ଗଛ କାଟିବା ଆଦୌ ସମୀଚୀନ ନୁହେଁ।

ପରିପକ୍ୱ ଗଛଗୁଡ଼ିକ ତାଙ୍କର ଆକାର ପ୍ରକାର ଉପରେ ନିର୍ଭର କରି ଆମକୁ ନିମ୍ନୋକ୍ତ ସେବା ପ୍ରଦାନ କରିଥାନ୍ତି– (୧) ଏହାର ଶୁଷ୍କ ଡାଳପତ୍ର ଗ୍ରାମାଞ୍ଚଳର ୪୦ ପ୍ରତିଶତ ଇନ୍ଧନ ଆବଶ୍ୟକତା ପୂରଣ କରେ, (୨) ଗୋଟିଏ ବଡ଼ଗଛ (ପ୍ରାୟ ୩୨ ଫୁଟ୍ ଉଚ୍ଚତା ବିଶିଷ୍ଟ) ବର୍ଷକୁ ୨୬୦ ପାଉଣ୍ଡ ଅମ୍ଳଜାନ ଉତ୍ପାଦନ କରେ, ଯେତେବେଳେ କି ଜଣେ ବ୍ୟକ୍ତି ତା'ର ଶ୍ୱାସକ୍ରିୟା ସମ୍ପାଦନ ଲାଗି ଆବଶ୍ୟକ କରିଥାଏ ୩୮୬ ପାଉଣ୍ଡ, (୩) ଏକ ଏକର ଜଙ୍ଗଲ ବାର୍ଷିକ ୬ ଟନ୍ ଅଙ୍ଗାରକାମ୍ଳ ଶୋଷଣ କଲାବେଳେ ୪ ଟନ୍ ଅମ୍ଳଜାନ ଉତ୍ପନ୍ନ କରେ, (୪) ଗଛଗୁଡ଼ିକ ୫୦ ପ୍ରତିଶତ ପର୍ଯ୍ୟନ୍ତ ଧ୍ୱନି ପ୍ରଦୂଷଣ ହ୍ରାସ କରନ୍ତି, (୫) ଗୋଟିଏ ବଡ଼ଗଛ ବାଷ୍ପୀକରଣ ମାଧ୍ୟମରେ ଯେତିକି ଶୀତଳତା ପ୍ରଦାନ କରେ ତାହା ୧୦ଟି ପ୍ରକୋଷ୍ଠକୁ ୨୦ ଘଣ୍ଟା ଧରି ଶୀତଳ ରଖିପାରିଲା ଭଳି ଶୀତତାପ ନିୟନ୍ତ୍ରିକ ସହିତ ସମାନ, (୬) ଗୋଟିଏ ୧୦,୦୦୦ ବୃକ୍ଷ ବିଶିଷ୍ଟ ଛୋଟ ଜଙ୍ଗଲ ୧୦ ନିୟୁତ ଗ୍ୟାଲନ୍ ବୃଷ୍ଟିଜଳ ଧରିରଖେ ଏବଂ ପ୍ରାକୃତିକ ବିଶୋଧନକାରୀ ରୂପେ କାର୍ଯ୍ୟ କରେ, (୭) ଆମେ ବ୍ୟବହାର କରୁଥିବା ଔଷଧଗୁଡ଼ିକରୁ ଏକ ଚତୁର୍ଥାଂଶ ଜଙ୍ଗଲରୁ ଆସେ,(୮) ଯଥେଷ୍ଟ ଗଛଲତା ନ ଥିବା ଅଞ୍ଚଳର ଲୋକଙ୍କ ମଧ୍ୟରେ ହୃଦ୍‌ରୋଗ ଏବଂ ଶ୍ୱାସକ୍ରିୟାଜନିତ ରୋଗରେ ଅକାଳ ମୃତ୍ୟୁ ସଂଖ୍ୟା ଅଧିକ, (୯) ବିସ୍ତୃତ ବୃକ୍ଷରାଜି ମନକୁ ଶାନ୍ତ କରେ ଏବଂ ଅପରାଧପ୍ରବଣତା ହ୍ରାସ କରେ, (୧୦) ଅରଣ୍ୟ ଓ ଗଛଲତା ବିବିଧ ପଶୁପକ୍ଷୀଙ୍କୁ ବାସ ଓ ସୁରକ୍ଷା ପ୍ରଦାନ କରି ଜୈବବିବିଧତା ସଂରକ୍ଷଣ କରନ୍ତି, (୧୧) ଗୋଟିଏ ଗଛ ତା' ଜୀବନର ୪୦ ବର୍ଷ ମଧ୍ୟରେ ୧ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରି ଜାଗତିକ ଉଷ୍ଣତା ହ୍ରାସ କରେ, (୧୨) ଝଡ଼ବାତ୍ୟା ଓ ବୃଷ୍ଟିପାତ ନିୟନ୍ତ୍ରଣ କ୍ଷେତ୍ରକୁ ଗଛଗୁଡ଼ିକ ଅବଦାନ ଅକଳନୀୟ।

ଅନ୍ୟପକ୍ଷରେ ଅର୍ଥନୈତିକ ଦୃଷ୍ଟିରୁ ବିଚାର କଲେ ପ୍ରଫେସର ଟି.ଏମ୍. ଦାସ (କଲିକତା ବିଶ୍ୱବିଦ୍ୟାଳୟ)ଙ୍କ ଆକଳନ ଅନୁସାରେ ୫୦ ବର୍ଷ ବଞ୍ଚୁଥିବା ଗୋଟିଏ ଗଛ ତା' ଜୀବନକାଳ ମଧ୍ୟରେ ଆମକୁ ଅମ୍ଳଜାନ ଉତ୍ପାଦନ, ପଶୁପାଳନ, ମୃତ୍ତିକା ସଂରକ୍ଷଣ ଓ ଜଳ ପୁନଃଚକ୍ରଣ, ବାୟୁମଣ୍ଡଳର ଆର୍ଦ୍ରତା ଓ ତାପମାତ୍ରା ନିୟନ୍ତ୍ରଣ, ବିବିଧ ପଶୁପକ୍ଷୀଙ୍କୁ ବାସ ଯୋଗାଣ ଆଦି ମାଧ୍ୟମରେ ଜୈବବିବିଧତାର ସୁରକ୍ଷା ଏବଂ ବାୟୁରୁ ଅଙ୍ଗାରକାମ୍ଳ, ଗନ୍ଧକ ଅକ୍‌ସାଇଡ୍, ଭାସମାନ ସୂକ୍ଷ୍ମକଣିକା ପ୍ରଭୃତି ପ୍ରଦୂଷକ ନିଷ୍କାସନ ଇତ୍ୟାଦି କ୍ଷେତ୍ରକୁ ଦେଉଥିବା ଅବଦାନର ମୂଲ୍ୟ ପ୍ରାୟ ୭୧୦,୨୬୦ ଡଲାର ( x ୭୫ ଟଙ୍କା)। ଅନ୍ୟ ଏକ ଆକଳନ ଅନୁସାରେ ସହରାଞ୍ଚଳର ଗୋଟିଏ ଗଛ ଝଡ଼ରୁ ସୁରକ୍ଷା, ଦୂଷିତ ଜଳ ବିଶୋଧନ, ବାୟୁର ମାନବୃଦ୍ଧି, ଶୀତଳୀକରଣ ହେତୁ ଶକ୍ତି ଆବଶ୍ୟକତା ହ୍ରାସ ଆଦିର ମୂଲ୍ୟ ଏଥିପ୍ରତି ବ୍ୟୟ କରାଯାଉଥିବା ଅର୍ଥର ପ୍ରାୟ ୫୩ରୁ ୬୭ ଗୁଣ ଅଧିକ। ଅତଏବ ଗୋଟିଏ ଗଛ କାଟିଲେ ଏତିକି ଅର୍ଥନୈତିକ କ୍ଷତି ଘଟେ। ଏପରିସ୍ଥଳେ ରଥଯାତ୍ରା ପାଇଁ ପ୍ରତିବର୍ଷ ଶହ ଶହ ଗଛ କାଟିବା କେତେ କ୍ଷତିକାରକ ତାହା କଳନା କରିବାର କଥା।

ସମ୍ଭବତଃ ଏସବୁ ବିଚାରକୁ ନେଇ ପ୍ରାକ୍ତନ ରାଜ୍ୟପାଳ ଭଗବତ ଦୟାଲ୍ ଶର୍ମାଙ୍କ ଅଧ୍ୟକ୍ଷତାରେ କମିଟିଟିଏ ଗଠନ କରାଯାଇଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ମୁକ୍ତିମଣ୍ଡପର ପଣ୍ଡିତ ସଭା ସହିତ ଆଲୋଚନା ପରେ ଏକ ସ୍ଥାୟୀ ରଥ ନିର୍ମାଣ ଲାଗି ଏହା ସୁପାରିସ କରିଥିଲା। ପୁନଶ୍ଚ ଏହି ସୁପାରିସ ଅନୁସାରେ ସମୟକୁ ସମୟ ଆବଶ୍ୟକ ହେଉଥିବା କାଠ ଯୋଗାଣ ପାଇଁ 'ଜଗନ୍ନାଥ ବନ ପ୍ରକଳ୍ପ' କାର୍ଯ୍ୟକାରୀ କରି ଢେଙ୍କାନାଳ, ଅନୁଗୋଳ ଏବଂ କଟକ ଜିଲା ସମେତ ମହାନଦୀର ଅବବାହିକାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟ ପରେ ଏହା ବନ୍ଦ ରହିଛି। ପୁନଶ୍ଚ ଯାହାବି ବୃକ୍ଷରୋପଣ କରାଯାଇଛି ଏବଂ ତହିଁରୁ ଯେତିକି ବଞ୍ଚିରହିଛି ତାହା ବ୍ୟବହାର ଉପଯୋଗୀ ହେବାକୁ ପ୍ରାୟ ୪୦ ବର୍ଷ ଲାଗିବ।

ଇତିମଧ୍ୟରେ ପ୍ରାୟ ବହୁ ବର୍ଷ ବିତିଯାଇଥିଲେ ହେଁ ସରକାର ସ୍ଥାୟୀ ରଥ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ପରିବେଶପ୍ରେମୀ ମୃଣାଳିନୀ ପାଢ଼ୀଙ୍କ ତରଫରୁ ଉଚ୍ଚତମ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲାଟିଏ ରୁଜୁ କରାଯାଇଥିଲା। ୨୦୧୯ ନଭେମ୍ବର ୪ ତାରିଖରେ ଏହାର ଶୁଣାଣି କରି ବିଚାରପତି ଏ ସମ୍ପର୍କରେ ମଧ୍ୟବର୍ତ୍ତୀ ନିର୍ଦ୍ଦେଶଟିଏ ଦେଇଥିଲେ। ତଥାପି ସରକାର ଏବେସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଏହାର ମୁଖ୍ୟ କାରଣ ହେଲା କିଛି ପ୍ରଭାବଶାଳୀ ବ୍ୟକ୍ତି ପରମ୍ପରା ନାଁରେ ଏହାର ବିରୋଧ କରିଆସୁଛନ୍ତି। ସେମାନେ ମନେରଖିବା ଉଚିତ ଯେ, କୌଣସି ପରମ୍ପରା ଚିରସ୍ଥାୟୀ ନୁହେଁ– ସମୟ ସହିତ ତାଳଦେଇ ତାହା ବଦଳିଥାଏ, ଯେମିତି ଘଟିଛି ସତୀଦାହ ପ୍ରଥା ଅଥବା ନରବଳି କ୍ଷେତ୍ରରେ। ପୁନଶ୍ଚ ଏବେ ପରମ୍ପରା ଅପେକ୍ଷା ପରିବେଶର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଣୁ ସମସ୍ତ ପରିବେଶପ୍ରେମୀ ଏବଂ ସଚେତନ ନାଗରିକ ଶର୍ମା କମିଟିର ସୁପାରିସକୁ କାର୍ଯ୍ୟକାରୀ କରି ସ୍ଥାୟୀ ରଥ ନିର୍ମାଣ ଲାଗି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ ଏବଂ ମୁକ୍ତିମଣ୍ଡପର ସଭ୍ୟମାନଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରରୋଚିତ କରନ୍ତୁ। ବିଶେଷକରି ଜଗନ୍ନାଥପ୍ରେମୀମାନେ ଏ ଦିଗରେ ନେତୃତ୍ୱ ନିଅନ୍ତୁ, କାରଣ ତାଙ୍କରି ଆରାଧ୍ୟ ଦେବତାଙ୍କ ଦ୍ୱାହିଦେଇ ହିଁ ପ୍ରତିବର୍ଷ ନୂତନ ରଥ ନିର୍ମାଣ ଲାଗି ଶହ ଶହ ଜୀବଜଗତର ମାତୃତୁଲ୍ୟ ବୃକ୍ଷଗୁଡ଼ିକୁ ଅନାବଶ୍ୟକ ଭାବେ ଛେଦନ କରାଯାଉଛି।

ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଅଳପ ଧନ ବହୁତ ମନ



ମୋହନ ଚରଣ ବିଷି

ସହର ପରି ଗାଁ ମଧ୍ୟ ଧୋବଧାଉଳିଆ। ସହରର ଚାକଚକ୍ୟ ଗାଁରେ ମଧ୍ୟ ଦେଖାଦେଲାଣି। ଚାଲିଚଳଣିରେ ଲୋକମାନଙ୍କ ଅନେକ ପରିବର୍ତ୍ତନ ହେଲାଣି। ଲୋକଙ୍କ ମାନସିକତାରେ ଭଲ ଘର, ଚାରିଚକିଆର ନିଶା ଘରକରିଛି। ଉପାର୍ଜନ ସ୍ୱଳ୍ପ କିନ୍ତୁ ଆଶାତୀତ ଆଶା। ସ୍ୱପ୍ନ ଦେଖିବା ତ ନିଜସ୍ୱ।

ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ଆତ୍ମବଳ, ଧୈର୍ଯ୍ୟ, ପରାକାଷ୍ଠା ଆବଶ୍ୟକ ତାହା ଆଉ ପରିଲକ୍ଷିତ ହେଉନାହିଁ। ଆମେ ପଢ଼ିଛୁ ଟାଟା, ବିର୍‌ଲା,ଡାଲମିଆ, ଅମ୍ବାନୀ ପରି ନାମୀଦାମୀ କମ୍ପାନୀ ମାଲିକଙ୍କ ସଂଘର୍ଷର କଥା। କେମିତି ସେମାନେ ଜିରୋରୁ ହିରୋ ହୋଇଛନ୍ତି। ସେମାନେ ଶିଖରକୁ ଛୁଇଁବା ପାଇଁ ଲମ୍ବା ପ୍ରତୀକ୍ଷା କରିଛନ୍ତି। ଅନେକ ଜୀବନକୁ ପ୍ରଭାବିତ କରିଛି ତାଙ୍କ ପ୍ରେରଣାପ୍ରଦ କାହାଣୀ। ବର୍ତ୍ତମାନ ପରିସ୍ଥିତି ଭିନ୍ନ ମୋଡ଼ ନେଉଛି। ଲମ୍ବା ସଂଘର୍ଷ କରି ବିତ୍ତଶାଳୀ ହେବା ପାଇଁ ଚାହୁଁ ନାହାନ୍ତି। ଅଧ୍ୟବସାୟ ଓ ପରିଶ୍ରମ ବିନା ରାତାରାତି ଧନୀ ହେବାର ନିଶା ଘାରିଛି। ଏହା ଅସମ୍ଭବ। କିନ୍ତୁ ଆଜିର ନୂତନ ପିଢ଼ିର କଳ୍ପନା ଭିନ୍ନ। ଏତେ ଲମ୍ବା ସମୟ କିଏ ଅପେକ୍ଷା କରିବ। ସେଥିପାଇଁ ଆପଣାଉଛନ୍ତି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ। ବିଶେଷକରି ଯୁବ ସମାଜ ଅତ୍ୟାଧୁନିକ ଜୀବନ ନିର୍ବାହ କରିବା ପାଇଁ ନିମ୍ନଗାମୀ ହେଉଛନ୍ତି। କଳା ବ୍ୟବସାୟ ପଛରେ ଯୁବଗୋଷ୍ଠୀଙ୍କୁ ପ୍ରଲୋଭିତ କରି ଲଗାଯାଉଛି। ନିର୍ବାଚନ ସମୟରେ ଯୁବକମାନଙ୍କୁ ବଡ଼ ଆଶା ଦେଖାଇ ଅସ୍ତ୍ରଭଳି ବ୍ୟବହାର କରାଯାଉଛି। ନିର୍ବାଚନକୁ ଏକ ଜୁଆଖେଳ ଭାବରେ କିଛି ଗୋଷ୍ଠୀ ବ୍ୟବହାର କରୁଛନ୍ତି। ନିର୍ବାଚନ ଜିତିବା ପରେ ଆଇନ ସବୁ ଯେମିତି ତାଙ୍କ ହାତରେ। ନିର୍ବାଚନରେ ଖଟେଇଥିବା ପଇସା ଯେମିତି ହେଲେ ମଧ୍ୟ ଠୁଳ କରିବାକୁ ହେବ। ତେଣୁ ଯେତେ ସବୁ ଠିକା କାମରେ ନିଜ ଲୋକ ଅବା କିଛି ଯୁବକମାନଙ୍କୁ ହାତବାରିସି କରି ପଚିଶ କାମକୁ ପାଞ୍ଚରେ ସାରିଦେଉଛନ୍ତି। ଯେମିତି ପିଚୁ ପକାଉ ପକାଉ ରସ୍ତାରୁ ପିଚୁ ଗାଏବ, ଗୃହ ପ୍ରବେଶ ପୂର୍ବରୁ ଛାତ ଭୁଶୁଡି ପଡ଼ିବା, ପୋଲ କାମ ଚାଲୁଥିଲା ବେଳେ ପୋଲ ଭାଙ୍ଗିଯିବା,ପୋଖରୀ କାମ ହୋଇଥିବ ଏପଟେ ପୋଖରୀ ଚୋରି ହୋଇଥିବ। ଆଜିକାଲି ପୁଣି ବ୍ୟବସାୟରେ ନକଲି କାରବାର କରି ମୁନାଫାଖୋର ମାଲାମାଲ୍। ସିନ୍ଥେଟିକ ଚାଉଳ, ପ୍ଲାଷ୍ଟିକ ଚାଉଳ, ନକଲି ଘିଅ,ଚା' ପତି, ମସଲା, ସୁଜି, ଅଟା ଆଦି ସହ ଏପରିକି ନକଲି ଔଷଧ ମଧ୍ୟ ପ୍ରସ୍ତୁତ କରିବାକୁ ପଛାଉନାହାନ୍ତି। ଅସଫଳ ହେଲେ ଆତ୍ମହତ୍ୟା କରୁଛନ୍ତି। ଆଜିର ଯୁବପିଢ଼ି ପାଖରେ ଅପେକ୍ଷା କରିବା ପାଇଁ ସମୟ ନାହିଁ। ସାଙ୍ଗେ ସାଙ୍ଗେ ଫଳ ଆଶା ରଖୁଛନ୍ତି। ଧୈର୍ଯ୍ୟବିଚ୍ୟୁତି କାରଣରୁ ମାନସିକ ସନ୍ତୁଳନ ହରାଇ ବସୁଛନ୍ତି। ଶସ୍ତା ଲୋକପ୍ରିୟତା ଅର୍ଜନ ଯୁବଗୋଷ୍ଠୀମାନଙ୍କର ଏକ ନିଶା ପାଲଟି ଯାଇଛି।

ଆଜିକାଲି ଏତେ ତଳକୁ ଖସିଯିବାର ଲୋକଙ୍କ ମାନସିକତା କାହିଁକି ? କ'ଣ ପାଇଁ ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି? ଆଜିର ଯୁବକ ଦେଶ ବିଦେଶ ସବୁ ଦେଖୁଛି। ଲୋକେ କେମିତି ଧନୀ ହେଉଛନ୍ତି ଓ ଆରାମରେ ରହୁଛନ୍ତି ସବୁ ଦେଖୁଛି। ସେ ନିଜେ ସେମିତି ଜୀବନ ଯାପନ କରିବା ପାଇଁ ଚେଷ୍ଟା କରୁଛି କିନ୍ତୁ ପ୍ରକୃତ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ ଆଦୌ ଇଚ୍ଛା ନାହିଁ। ଦେଖାଯାଉଛି ଯେଉଁ ଚାକିରିଆର ଯଦି ଦରମା କେବଳ ଭରସା, ଯେଉଁ ବ୍ୟବସାୟୀର ଯଦି ପ୍ରକୃତ ଲାଭ ଭରସା ସେମାନେ ହାତରୁ ପାଟିବାଲା। ସେମାନେ କଷ୍ଟେମଷ୍ଟେ ସଂସାର ଚଳେଇବାକୁ ସମର୍ଥ। କିନ୍ତୁ ଖବର ପାଉଛୁ ଯେ, କୋଟିପତି ସରକାରୀ ଡ୍ରାଇଭର, ପିଅନର ରାଜଉଆସ, ପାଞ୍ଚହଜାର ଟଙ୍କା ସରକାରୀ ଦରମା ପାଉଥିବା ଲୋକର କୋଟିଏ ସମ୍ପତ୍ତି। ଆଉ ବଡ଼ ଅଫିସରମାନେ ତ ସବୁବେଳେ ବଡ଼ ବଡ଼ କାରବାରରେ ଲିପ୍ତ ହୋଇ ନୋଟ୍ ଗଦାର ମାଲିକ। ଅବଶ୍ୟ ସମସ୍ତେ ଏମିତି ନୁହନ୍ତି। କିନ୍ତୁ ଗାଁଠାରୁ ସହର ଯାଏ ଅନୈତିକ ଉପାୟରେ ଅର୍ଥ ରୋଜଗାର କରିବାକୁ କାହିଁକି କେଜାଣି ଅଧିକାଂଶ ଲୋକଙ୍କ ପସନ୍ଦ ହେଲାଣି। ବୋଧେ ସେମାନେ ଅନୁଭବ କଲେଣି ଦରମା ଭରସାରେ କିମ୍ବା ବ୍ୟବସାୟିକ ପ୍ରକୃତ ଲାଭରେ ଧନୀହେବା କେବଳ ସ୍ୱପ୍ନରେ ରହିଯିବ।

କେବଳ ଦିଲ୍ଲୀରୁ ପଲ୍ଲୀ ନୁହେଁ ବିଦେଶରେ ମଧ୍ୟ ଏମିତି ଚେର କାୟାବିସ୍ତାର କରି ରହିଛି। ଏ ଚେରରେ ପରା ଗଛ ହୋଇଥାଏ। ଏଣୁ ସମସ୍ତଙ୍କ ପସନ୍ଦ ଏମିତି ଗଛ ଲଗାଇ ମନ ଭରି ଅମ୍ଳଜାନ ନେବା ପାଇଁ। ଏବେ ଯୁବମାନସିକତାରେ ଯେଉଁ ପରିବର୍ତ୍ତନ ଦେଖାଯାଉଛି ଯେ, ଆଉ ଆମେ ପରିଶ୍ରମ କରିବୁ ନାହିଁ କେବଳ ବୁଦ୍ଧିକୁ ଉପଯୋଗ କରି ରାତାରାତି କେମିତି ବିରାଟ ଧନୀ ହୋଇଯିବୁ। ଉପାୟ ସାଧୁ କି ଅସାଧୁ ପରବାୟ ନାହିଁ, ସମୟ ଆସିଲେ ଜଣାପଡ଼ିବ। କିନ୍ତୁ ରାତି ପାହିଲେ ଦାଢ଼ି ଲମ୍ବି ଯାଇଥିବ। ଲୋକେ ସକାଳୁ ଦେଖିବେ ମୋର ପାରିବାପଣିଆ ଗାଡ଼ିମୋଟର, ଚାକରବାକର ଥାଟବାଟ ପରିପାଟୀରେ ଦୁଆର ଭର୍ତ୍ତି। ମୋତେ ଦେଖି ଯେମିତି ସମ୍ମାନରେ ଲୋକଙ୍କ ମୁଣ୍ଡ ତଳକୁ ହୋଇଯାଉଥିବ। ଏମିତି କିଛି ଭାବନାରେ ଭାବୁକ ଯୁବସମାଜ ଯେକୌଣସି ଦେଶ ପାଇଁ ପ୍ରଗତିର ବାଧକ ନିଶ୍ଚୟ। ସତରେ ଯୁବପିଢ଼ିକୁ ଏମିତି ଭାବନାରୁ ବାହାରିବାକୁ ହେବ। ରାତାରାତି ଧନୀ ହେବା ନିଶାରୁ ଯୁବସମାଜକୁ ନିବୃତ୍ତ ହେବାକୁ ପଡ଼ିବ। ନିଜ ଉପାର୍ଜନକୁ ନେଇ ଧନୀ ହେବା ଶ୍ରେୟସ୍କର, ହୁଏତ ବିଳମ୍ବରେ କାର୍ଯ୍ୟସିଦ୍ଧି ହୋଇପାରେ। ସହଜ ସରଳ ବିନା ପରିଶ୍ରମରେ ଅର୍ଥ ଉପାର୍ଜନ ପରି ଉପାୟକୁ ତ୍ୟାଗକରି ନିଜ ଅଧ୍ୟବସାୟରେ ଉପାର୍ଜନ କଲେ ଦେଶ ଓ ଦଶର ମଙ୍ଗଳ ସୁନିଶ୍ଚିତ।

– ଅଧ୍ୟାପକ, ଗଡରାମାଳ, କୋକସରା, କଳାହାଣ୍ଡି
ମୋ:୯୭୭୭୪୬୮୮୪୧

## ଏଇ ଭାରତରେ

ବର୍ଜ୍ୟବସ୍ତୁ ଉପଯୋଗ କରି ମହାରାଷ୍ଟ୍ରର ଜଣେ କୃଷକଙ୍କ ହାତଗଢ଼ା ମୁଲ୍‌ଚିଂ ମେଶିନର ଚାହିଦା ଏବେ କାହିଁରେ କ'ଣ। ଏହି କୃଷକ ଜଣକ ହେଉଛନ୍ତି ନାସିକ ଜିଲାର ନୀତିନ ଘୁଲେ। ମାଟିରୁ ଘାସ ଦୂର କରି ସମାନ କରିବା ଓ ମାଟିକୁ ମୁଲ୍‌ଚିଂ ପେପରରେ ଘୋଡ଼ାଇବା କାର୍ଯ୍ୟରେ ଏହି ମେଶିନ ଉପଯୋଗ ହୋଇପାରୁଛି। ମେଶିନ ପାଇଁ ସେ ଏବେ ୧୦୦ ଅର୍ଡର ପାଇସାରିଲେଣି। କୃଷି ଶ୍ରମିକ ଅଭାବରେ କିଭଳି ଚାଷ କରାଯାଇପାରିବ ସେଥିପାଇଁ ସେ ଏହି ମେଶିନ ନିର୍ମାଣ କରିଛନ୍ତି। ନୀତିନଙ୍କ ବୟସ ୨୮। ବର୍ଷାଦିନେ ପ୍ରବଳ ବର୍ଷାରୁ ମାଟି, ଚାରା ଓ ଫସଲକୁ ସୁରକ୍ଷିତ ରଖିବା ଲାଗି ଏହି ମେଶିନ ବ୍ୟବହାର ହେଉଛି। ମୁଖ୍ୟତଃ ବର୍ଷାଦିନଆ ଗେଣ୍ଡୁଫୁଲ, ଟମାଟୋ ଓ ଲଙ୍କା ଚାଷ ପାଇଁ ଏହା ଦରକାର ହେଉଛି। ନୀତିନ ମାତ୍ର ୧୫ ଦିନରେ ଏହି ବର୍ଜ୍ୟବସ୍ତୁ ଉପଯୋଗ କରି ମେଶିନ ନିର୍ମାଣ କରିଛନ୍ତି ଓ ଲୋକଙ୍କ ଅର୍ଡର ପାଇବା ପରେ ଏବେ ଏକ ୱାର୍କଶପ୍‌ରେ ଏହି ମେଶିନ ନିର୍ମାଣ ଆରମ୍ଭ କରିଛନ୍ତି। ଏହାର ମୂଲ୍ୟ ରଖିଛନ୍ତି ୧୦,୦୦୦ ଟଙ୍କା। ମେଶିନକୁ ଫୋଲ୍ଡ କରି କମ୍ ଜାଗାରେ ରଖାଯାଇ ପାରୁଛି। ଏହାକୁ ଚଳାଇବା ଲାଗି ଦୁଇଜଣ ଦରକାର। ମାତ୍ର ୮ ଘଣ୍ଟାରେ ଏହା ୧ ଏକର ଜମିରେ ମୁଲ୍‌ଚିଂ ପେପର ବିଛାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଜୁଲାଇ ୧୯୯୬**

- ପୂର୍ବତନ ପାକିସ୍ତାନୀ ଟେଷ୍ଟ କ୍ରିକେଟ ଓପନର ନାଜର ମହମ୍ମଦଙ୍କ ୭୫ ବର୍ଷ ବୟସରେ ପରଲୋକ।
- ଜୈନ ହାୱାଲା ମାମଲାରେ ବୈଦେଶିକ ମୁଦ୍ରା ବିନିମୟ ଆଇନ (ଫେରା)ର ଉଲ୍ଲଙ୍ଘନ କରିଥିବା ଘଟଣାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବଳରାମ ଜାଖର, ଏନ୍.ଡି. ତିୱାରୀ ଏବଂ ଅରିଫ ମହମ୍ମଦ ଖାଁଙ୍କ ବିରୁଧରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ଅଭିଯୋଗଫର୍ଦ୍ଦ ଦାଖଲ।
- ବିହାର ଗଣହତ୍ୟା ଘଟଣାରେ ୨୦ ନକ୍ସଲପନ୍ଥୀଙ୍କୁ ହତ୍ୟା ଓ ୩୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଗିରଫ କରାଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | | 7 |
| | | 5 | | | 9 | 1 | | |
| 2 | 1 | | | 7 | | | 9 | |
| | | | 1 | | | 5 | 2 | |
| 9 | | | 7 | | | | | |
| 1 | 8 | | | 3 | | | | |
| | | | | 8 | 4 | | | 3 |
| | | 3 | | 6 | | | | |
| | 2 | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 9 | 2 | 5 | 6 | 8 | 7 | 1 |
| 8 | 5 | 7 | 9 | 3 | 1 | 6 | 2 | 4 |
| 6 | 1 | 2 | 7 | 8 | 4 | 9 | 5 | 3 |
| 2 | 6 | 5 | 8 | 1 | 9 | 4 | 3 | 7 |
| 7 | 3 | 1 | 4 | 6 | 2 | 5 | 8 | 9 |
| 9 | 8 | 4 | 5 | 7 | 3 | 1 | 6 | 2 |
| 5 | 7 | 3 | 1 | 4 | 8 | 2 | 9 | 6 |
| 1 | 9 | 8 | 6 | 2 | 7 | 3 | 4 | 5 |
| 4 | 2 | 6 | 3 | 9 | 5 | 7 | 1 | 8 |

ଗତକାଲିର ଉତ୍ତର

# ଅନିଶ୍ଚିତ ମହାମାରୀ ଓ ବିଭ୍ରାନ୍ତ ମତ



ହରିହର ତ୍ରିପାଠୀ

କରୋନା ସାରା ବିଶ୍ୱରେ ତାଣ୍ଡବ ରଚନା କରିଚାଲିଥିବାବେଳେ ଏହାକୁ ବୁଝିବାରେ ବିଫଳ ହୋଇଛି ବିଜ୍ଞାନୀ ମଣିଷ। ଯଦିଓ ଟିକା ବାହାରିଛି ଓ ଟିକାକରଣ ଚାଲିଛି; ମାତ୍ର ସଂକ୍ରମଣର ଗତି, ପ୍ରଭାବ ସମ୍ବନ୍ଧରେ କେବଳ ଅନୁମାନ କରିବା ବ୍ୟତୀତ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ବିଶେଷଜ୍ଞମାନଙ୍କ ନିକଟରେ ନାହିଁ। ଦ୍ୱିତୀୟ ଲହରର ସଂକ୍ରମଣ କମୁଛି, ଏହା ଆଶ୍ୱାସନାର ବିଷୟ। ଠିକ୍ ସେତିକିବେଳେ ତୃତୀୟ ଲହରର ଚିନ୍ତା ବଢ଼ିଚାଲିଛି। ଏହା ଭିତରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି କରୋନା ଭୂତାଣୁର ଡେଲ୍‌ଟା ପ୍ରଜାତି କୁଆଡ଼େ କରୋନାର ପ୍ରମୁଖ ପ୍ରଜାତି ହେବ। ବିଶ୍ୱର ପ୍ରାୟ ୧୦୦ ରାଷ୍ଟ୍ରରେ ଏହି ଡେଲ୍‌ଟା ପ୍ରଜାତି ପହଞ୍ଚି ସାରିଛି ବୋଲି ସଙ୍ଗଠନ କହିଛି। ଅଧିକାଂଶ ରାଷ୍ଟ୍ରରେ ସଂକ୍ରମଣ ବୃଦ୍ଧି ହେବା ସହ ହସ୍ପିଟାଲ୍‌ରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଟିକା ନେଇ ନ ଥିବା ଲୋକଙ୍କ ମଧ୍ୟରେ ଡେଲ୍‌ଟା ପ୍ରଜାତି ମାଡ଼ି ଚାଲିଛି।

ଏମ୍ସର ନିର୍ଦ୍ଦେଶକ ରଣଦୀପ ଗୁଲେରିଆ ଗତ ସପ୍ତାହରେ ଗଣମାଧ୍ୟମରେ କହିଥିଲେ ଯେ, ଦେଶରେ ତୃତୀୟ ଲହର ଆସିବା ଏକପ୍ରକାର ନିଶ୍ଚିତ। ସେ କହିଥିଲେ ଯେ, ତୃତୀୟ ଲହର ୬ରୁ ୮ ସପ୍ତାହ ଭିତରେ ଆସିପାରେ। କରୋନାର ଡେଲ୍‌ଟା ପ୍ଲସ ଭାରିଆଣ୍ଟ ତୃତୀୟ ଲହର ଆଣିପାରେ ବୋଲି ଭୂତାଣୁ ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତ। ଲୋକଙ୍କଠାରେ ଡେଲ୍‌ଟା ପ୍ଲସ ଭାରିଆଣ୍ଟ ଚିହ୍ନଟ ହେବା ପରେ ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଉଛି। ସଂକ୍ରମିତଙ୍କୁ ଆଇସୋଲେଟ୍ କରାଗଲେ ପ୍ରଭାବହୀନ ହେବ ଡେଲ୍‌ଟାପ୍ଲସ। ତେବେ ଆଶ୍ୱସ୍ତିକର କଥା, ଦ୍ୱିତୀୟ ଅପେକ୍ଷା ତୃତୀୟ ଲହରରେ ପ୍ରଭାବ କମ୍ ରହିବ ଏବଂ ଅଧିକ ଟିକାକରଣ ହେଲେ ତୃତୀୟ ଲହର ସେତେଟା ଘାତକ ହେବନି ବୋଲି କୁହାଯାଉଛି। ମାତ୍ର ଆଉ କିଛି ବିଶେଷଜ୍ଞଙ୍କ ମତ ହେଲା, କରୋନାର ନୂତନ ଭାରିଆଣ୍ଟ ପୂର୍ବରୁ ସଂକ୍ରମିତ ହୋଇ ସୃଷ୍ଟି ହୋଇଥିବା ଆଣ୍ଟିବଡିକୁ ବି ମାତ୍ ଦେଇପାରେ। ଏହା ଲୋକଙ୍କ ରୋଗ ପ୍ରତିରୋଧକ ସିଷ୍ଟମ୍‌କୁ ସଂକ୍ରମିତ କରିବାର ବି ଆଶଙ୍କା ରହିଛି। ଏହି ଭାରିଆଣ୍ଟ ଲୋକଙ୍କୁ ଟିକା ନେବା ପରେ ମଧ୍ୟ ସଂକ୍ରମିତ କରିପାରେ ବୋଲି କୁହାଯାଉଛି। ଭାରତର ବରିଷ୍ଠ ଭିରୋଲଜିଷ୍ଟ ପ୍ରଫେସର ଶାହିଦ ଜାମୀଲ ଆଶଙ୍କା କରିଛନ୍ତି ଯେ, କରୋନାର ଡେଲ୍ଟାପ୍ଲସ୍ ଭାରିଆଣ୍ଟ ଟିକା ଦ୍ୱାରା ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଭାରିଆଣ୍ଟଠାରୁ ଭିନ୍ନ। ଏଥିରେ କେ୪୧୭ଏନ୍ ଭାରିଆଣ୍ଟ ରହିଛି, ଯାହା ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଠାବ ହୋଇଥିବା ବିଟା ଭାରିଆଣ୍ଟରେ ଦେଖିବାକୁ ମିଳୁଥିଲା। ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ଆଲ୍‌ଫା ଓ ଡେଲ୍ଟା ଭାରିଆଣ୍ଟ ତୁଳନାରେ କରୋନା ଟିକାକୁ ମାତ୍ ଦେବାରେ ବିଟା ଭାରିଆଣ୍ଟ ଯଥେଷ୍ଟ ସକ୍ଷମ। ଏହି କାରଣରୁ ଦକ୍ଷିଣ ଆଫ୍ରିକା ସରକାର ଆଷ୍ଟ୍ରାଜେନେକାର ଗୋଟିଏ କନ୍‌ସାଇନ୍‌ମେଣ୍ଟକୁ ଫେରାଇ ଦେଇଥିଲେ।

ଅନ୍ୟପକ୍ଷରେ ଆଉ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ତୃତୀୟ ଲହର ଆସିବା ଖବରକୁ ଖାରଜ କରିଛନ୍ତି। ଜଣାଶୁଣା ଭିରୋଲୋଜିଷ୍ଟ ଡା. ଟି. ଜ୍ୟାକବ୍ ଜନ୍‌ଙ୍କ କହିବା ଅନୁଯାୟୀ, ଯେପର୍ଯ୍ୟନ୍ତ କରୋନା ଭାଇରସ୍‌ର ନୂଆ ଭାରିଆଣ୍ଟ ନ ଆସିଛି, ସେଯାଏ ଦେଶରେ ତୃତୀୟ ଲହର ଆସିବ ନାହିଁ। କରୋନାର ବର୍ତ୍ତମାନ ଭାରିଆଣ୍ଟ ସଂକ୍ରମଣର ତୃତୀୟ ଲହର ଉତ୍ପନ୍ନ କରିପାରିବ ନାହିଁ। ଜ୍ୟାକବ୍ କହିଛନ୍ତି, କରୋନାର ଡେଲ୍ଟା ଓ ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ସାମାନ୍ୟ ପରିବର୍ତ୍ତନ ସହ ଅଧିକ କିମ୍ବା କମ୍ ସଦୃଶ ଅଟେ। ଏହି ଭାରିଆଣ୍ଟ ଦୁର୍ବଳ ହେଉଛି। ଜୁଲାଇ ଶେଷ ସୁଦ୍ଧା ପାଣ୍ଡେମିକ୍ ଏପିଡେମିକରେ ପରିବର୍ତ୍ତିତ ହୋଇଯିବ। ଏହା ପରେ ଜୋରଦାର ଟିକାକରଣ ଅଭିଯାନ ଦ୍ୱାରା ଚଳିତବର୍ଷ କୋଭିଡ୍–୧୯ରୁ ମୁକ୍ତି ପାଇପାରିବା। କରୋନା ମହାମାରୀର ତୃତୀୟ ଲହର ଆସିବା ନେଇ ସେଭଳି କୌଣସି ବୈଜ୍ଞାନିକ ଆଧାର ନାହିଁ। ପୁଣି କିଛି ବୈଜ୍ଞାନିକଙ୍କ ମତରେ, ଦେଶ ଅକ୍ଟୋବର ମାସରେ କରୋନାର ତୃତୀୟ ଲହରକୁ ସାମ୍ନା କରିବ।

ଏହା ଭିତରେ ଦେଶର ଜାତୀୟ ବୈଷୟିକ ଉପଦେଷ୍ଟା ଗୋଷ୍ଠୀର ମୁଖ୍ୟ ଡାକ୍ତର ଏନ୍. କେ. ଅରୋରା କହିଛନ୍ତି ଯେ, ଡେଲ୍‌ଟା ପ୍ଲସ ପ୍ରଜାତି ଭୂତାଣୁର ପ୍ରଭାବ କ'ଣ ତାହା ଅଧିକ ମାମଲା ଚିହ୍ନଟ ପରେ ହିଁ ଜଣାପଡ଼ିବ। ତେବେ ସାଧାରଣରେ ଏହା ପ୍ରତୀୟମାନ ହେଉଛି ଯେ, ଯେଉଁମାନେ ଗୋଟିଏ କିମ୍ବା ଦୁଇଟି ଡୋଜ୍ ଟିକା ନେଇଛନ୍ତି ସେମାନଙ୍କଠାରେ ଉକ୍ତ ପ୍ରଜାତିର ପ୍ରଭାବ କମ୍ ରହୁଛି। କିନ୍ତୁ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ହେବ। ବିଶେଷଜ୍ଞମାନଙ୍କ ମତରେ, କୌଣସି ଐକ୍ୟ ନ ଥିବାରୁ ଏଭଳି ସ୍ଥିତିରେ ଲୋକେ ହିଁ ନିଜର ସୁରକ୍ଷା ନିଜେ କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି। ବ୍ୟାପକ ଟିକାକରଣ ସହିତ କରୋନା ଗାଇଡ୍‌ଲାଇନ ମାନି ଚଳିବାକୁ ପରାମର୍ଶ ଦିଆଯାଉଛି। ମାତ୍ର ଲୋକେ ସିନା ମାନିଲେ!

ଆମ ରାଜ୍ୟର କେତୋଟି ଜିଲାରେ ଯେଉଁ ଆଂଶିକ ଲକ୍‌ଡାଉନ୍ ଚାଲିଛି, ତାହାର କୌଣସି ଅର୍ଥ ନାହିଁ। ଲୋକେ ସ୍ୱାଭାବିକ ଭାବେ ଚଳାଚଳ କରୁଛନ୍ତି। ବଜାର ଖୋଲୁଛି। ଚା'ଦୋକାନରେ ଖଟି ହେଉଛି। ଦହିବରା, ଗୁପ୍‌ଚୁପ୍‌ବିକାଳିଙ୍କ ଚତୁଃପାର୍ଶ୍ୱରେ ଲୋକେ ମେଳିବାନ୍ଧି ଖାଉଛନ୍ତି। ମାଛ ମାଂସ ଦୋକାନରେ ପ୍ରବଳ ଭିଡ଼। ମଦ ଦୋକାନ କଥା ନ କହିବା ଭଲ। ପରିବା ମାର୍କେଟରେ ଲୋକେ ଚଢ଼ାଚଢ଼ି ହୋଇ କିଣାକିଣି କରୁଛନ୍ତି। ଏବେ ବାହାଘର ଋତୁ ଚାଲିଛି। ଶ୍ରାବଣ ମାସ ହୋଇଗଲେ ବାହାତିଥି ସରିଯିବ। ତେଣୁ ଲୋକେ ତରବରରେ ବାହାଘର କରିଦେଉଛନ୍ତି। ତେବେ ବାହାଘର, ବ୍ରତଘର ଆଦି ଅନୁଷ୍ଠାନରେ କଟକଣାକୁ ଲୋକେ ଫୁ କରିଦେଇଛନ୍ତି। ଗାଇଡ୍‌ଲାଇନ ଅଛି ୫୦ ଲୋକରୁ ଅଧିକ ହେବେ ନାହିଁ, ମାତ୍ର ଏମିତି କୌଣସି ବାହାଘର ନାହିଁ; ଯେଉଁଠି ୨୦୦ରୁ ଅଧିକ ଲୋକ ଏକତ୍ର ହେଉନାହାନ୍ତି। ପୁଣି ବାହାଘର ବ୍ରତଘର ଆଦିରେ ସମ୍ମିଳିତ ହେଉଥିବା ଲୋକେ କେହି ବି ମାସ୍କ ପିନ୍ଧୁଥିବା ଦେଖାଯାଉନି। ପୋଲିସ୍ ଚେକିଂକୁ ଆସିଲେ ଲୋକେ କେବଳ ମୁହଁରେ ମାସ୍କ ଦେଇଦେଉଛନ୍ତି। ଖିଆପିଆ ଲୁଚାଣିଆ ଜାଗାରେ ହେଉଛି। କରୋନା କଟକଣାକୁ ଲୋକେ ଏକ ସରକାରୀ ନିୟମ ବୋଲି ଭାବୁଛନ୍ତି। ତେଣୁ ଏହି ନିୟମକୁ ଉଲ୍ଲଂଘନ କରିବା ଲାଗି ସବୁପ୍ରକାର ବାଟ ଆପଣାଉଛନ୍ତି। ମାତ୍ର କୋଭିଡ୍ ନିୟମ ଯେ ଜନସାଧାରଣଙ୍କ ସମୂହ ହିତ ଲାଗି ଉଦ୍ଦିଷ୍ଟ, ତାହା ସମସ୍ତେ ପାସୋରି ପକାଉଛନ୍ତି।

କେବଳ ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ୍‌କୁ ଲୋକେ ସାମାନ୍ୟ ମାନିବା ଦେଖାଯାଉଛି। ତେବେ ଏଥିଲାଗି ଶୁକ୍ରବାର ବଜାରରେ ଯେଉଁଭଳି ଭିଡ଼ ହେଉଛି, ତାକୁ ଦେଖିଲେ ହୋସ୍ ଉଡ଼ିଯାଉଛି। ଶଟ୍‌ଡାଉନ୍‌ରେ ହଇରାଣ ନ ହେବା ପାଇଁ ଲୋକ କିଛି ବି ମାନୁ ନାହାନ୍ତି। ଗୋଟିଏ ପଟେ କରୋନାର ତୃତୀୟ ଲହର ଆସିବ କି ନାହିଁ ସେ ନେଇ ବିଶେଷଜ୍ଞମାନଙ୍କ କଥାରେ କିଛି ବି ତାଳମେଳ ନଥିବା ବେଳେ ଲୋକେ ଦିନକୁ ଦିନ ଅଧିକରୁ ଅଧିକ ଅମାନିଆ ହେଉଛନ୍ତି। ଏଭଳି ପରିସ୍ଥିତିରେ ସରକାର କଠୋର ହେବା ବ୍ୟତୀତ ଅନ୍ୟ କୌଣସି ଉପାୟ ପରିଦୃଷ୍ଟ ହେଉନି ।

– ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା
ମୋ: ୯୪୩୯୯୦୩୨୨୦

## ପାଠକ ଶ୍ରେଷ୍ଠ ବିଚାରକ

### କୋଭିଡ୍‌ର ସଫଳ ମୁକାବିଲା ନେଇ ଆଶଙ୍କା

ମହାଶୟ,

କୋଭିଡ୍ ମାନବ ସମାଜ ଏବଂ ସମଗ୍ର ଚିକିତ୍ସା ବିଜ୍ଞାନ ପାଇଁ ଏକ ଆହ୍ୱାନ ଭାବେ ପ୍ରମାଣିତ ହୋଇଛି। ପୁରୀ ସହର ସମେତ ଜିଲାର ୧୧ ଗୋଟି ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଟିକା ଅଭାବରୁ ଟିକାକରଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ଟିକା ପାଇଁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ/ଯୁବକଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ଚାତକ ପରି ଚାହିଁ ରହିଛନ୍ତି। କେବେ ଟିକା ଆସିବ ଓ ଜନସାଧାରଣଙ୍କୁ ଦିଆଯିବ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟ ଓ କେନ୍ଦ୍ର ସରକାର କୋଭିଡ୍ ସ୍ଥିତିର ସମୀକ୍ଷା କରିବା ସହ ସୁପରିଚାଳନା ଉପରେ ବିଶେଷକରି ଗୁରୁତ୍ୱାରୋପ କରୁଥିବାବେଳେ ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ଉପରୋକ୍ତ କାର୍ଯ୍ୟକ୍ରମର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ–ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ। –(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ରାସ୍ତାକୁ ନେଇ ଗଣ୍ଡଗୋଳ

ବଇଣ୍ଡା,୧୩ା୭(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଦଳିତସାହିରେ ରାସ୍ତାକୁ ନେଇ ଦାଦା ଓ ଝିଆରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଦାଦା ମୂଷା ନାୟକଙ୍କୁ ଝିଆରୀ କନକ ନାୟକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ମୂଷା ଦର୍ଶାଇଛନ୍ତି, ତାଙ୍କ ଘରକୁ ଯାଇଥିବା ରାସ୍ତାକୁ ଝିଆରୀ କନକ ଦଖଲ କରିବା ସହ ଘର ନିର୍ମାଣ ପାଇଁ ପ୍ରସ୍ତୁତି ହେଉଛନ୍ତି। ଏହାର ପ୍ରତିବାଦ କରିବାରୁ କନକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଛନ୍ତି। ପୋଲିସ ନମ୍ବର ୧୬୫/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି କନକ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଜମିରେ ଘର ନିର୍ମାଣ କରିବା ପାଇଁ ମାପଚୁପ କରୁଥିବା ବେଳେ ଦାଦା ମୂଷା ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ କନକ ଉଲ୍ଲେଖ କରିଛନ୍ତି। ପୋଲିସ ନମ୍ବର ୧୬୬/୨୧ରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୩ା୭(ଡି.ଏନ.ଏ.): କିଶୋରନଗର ଥାନା ତାଳପକା ଗ୍ରାମର ପୁଟି ରାଉତଙ୍କୁ ବାମୁର ଗ୍ରାମର ହରମୋହନ ପ୍ରଧାନ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ପୁଟି ଦର୍ଶାଇଛନ୍ତି, କେନ୍ଦୁପତ୍ର ସଂଗ୍ରହ ପାଇଁ ସେ ୫ ହଜାର ଟଙ୍କାରେ ଜମି ନିଲାମ ନେଇଥିବା ବେଳେ ୪ ହଜାର ଟଙ୍କା ଦେଇଥିଲେ। ୧ ହଜାର ଟଙ୍କା ମାଗିବାକୁ ହରମୋହନ ତାଙ୍କ ଘରକୁ ଆସିଥିଲେ। ଟଙ୍କା ପରେ ଦେବେ ବୋଲି କହିବା ପରେ ହରମୋହନ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ନମ୍ବର ୧୦୪/୨୧ରେ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ପୋଲିସ କହିଛି।

### ଥାନା ଅଧିକାରୀଙ୍କ ଯୋଗଦାନ

ଛେଣ୍ଡିପଦା/ ଆଠମଲ୍ଲିକ, ୧୩ା୭ (ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଜରପଡା ଥାନାରେ ନୂଆ ଆଇଆଇସି ଭାବେ ସରୋଜକାନ୍ତ ସାମଲ ଯୋଗ ଦେଇଛନ୍ତି। ସେ ପୂର୍ବରୁ ରେଙ୍ଗାଳି ଡ୍ୟାମ୍ ଥାନାରେ କାର୍ଯ୍ୟରତ ଥିଲେ। ସେହିପରି ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ଭାବେ ପ୍ରିୟବ୍ରତ ଦାସ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଆଠମଲ୍ଲିକ ଥାନାରେ କାର୍ଯ୍ୟରତ ଥିଲେ। ସେହିପରି ଆଠମଲ୍ଲିକ ଥାନାରେ ନୂଆ ଆଇଆଇସି ଭାବେ ନିରୋଦ କୁମାର ଦାସ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଖମାର ଥାନାରେ ନିଯୁକ୍ତି ପାଇଥିଲେ। ଆଇନଶୃଙ୍ଖଳା ରକ୍ଷା ସହ ଜନସାଧାରଣ ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ଦିଗରେ କାର୍ଯ୍ୟ କରାଯିବ ବୋଲି ନବନିଯୁକ୍ତ ପୋଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି।


ନିରୋଦ କୁମାର ଦାସ।

# ପୁରସ୍କାର ପରେ ଅପରିଷ୍କାର

ଅନୁଗୋଳ ଅଫିସ, ୧୩ା୭


ପୁରସ୍କାର ପାଇବା ପୂର୍ବରୁ ମେଡିକାଲ ପରିସର ଫୁଲଗଛରେ ସଜାଯାଇଛି। ପୁରସ୍କାର ପାଇବା ପରେ ଗଛଗୁଡ଼ିକର ଯତ୍ନ ନିଆଯାଉ ନାହିଁ।

- ସୌନ୍ଦର୍ଯ୍ୟକରଣ ପ୍ରତି ଆଗ୍ରହ ନାହିଁ
- ପରିମଳ ଦିଗରେ ଦିଆଯାଉନି ଦୃଷ୍ଟି
- ହ୍ରାସ ପାଉଛି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ସୁନାମ

୨୦୧୯ରେ କାୟାକଳ୍ପ ପୁରସ୍କାର ପାଇବା ପୂର୍ବରୁ ଚମକୁଥିଲା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ଏଠାକାର ପରିବେଶ କିପରି ପରିଦର୍ଶନକାରୀ ଟିମ୍‌ର ମନଛୁଇଁପାରିବ ସେ ନେଇ ନାନା ବ୍ୟବସ୍ଥା ହୋଇଥିଲା। ସୌନ୍ଦର୍ଯ୍ୟ ବଢ଼ାଇବାକୁ ରାତାରାତି କୁଣ୍ଡରେ ଭଳିକି ଭଳି ଗଛ ଲଗାଯାଇ ଫୁଲ ଫୁଟାଯାଇଥିଲା। ମୁଖ୍ୟ ଗେଟ୍ ନିକଟ ଚଟାଣ ଉପରେ ଝୋଟି ପକାଯାଇଥିଲା। ପରିମଳ ବ୍ୟବସ୍ଥାରେ କୌଣସି ଖୁଣ ରଖାଯାଇ ନ ଥିଲା। ହେଲେ ପୁରସ୍କାର ହାତେଇବା ପରଠାରୁ ଆଉ ପରିଷ୍କାର ପରିଚ୍ଛନ୍ନତା ଦିଗରେ ପୂର୍ବପରି ଉପଯୁକ୍ତ ଧ୍ୟାନ ଦିଆଗଲା ନାହିଁ। ଏହି କାରଣରୁ ୨୦୨୦ରେ ଅନୁଗୋଳ ମେଡିକାଲ ସ୍ୱଚ୍ଛ ତାଲିକାରେ ଆସିଲା ନାହିଁ। ଏପରି କି ଅର୍ଥ ଥିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଆଗ୍ରହ ନ ଥିବାରୁ ମେଡିକାଲ ସୌନ୍ଦର୍ଯ୍ୟ ମଉଳିବାରେ ଲାଗିଛି। ଲଗାଯାଇଥିବା ଗଛର ଯତ୍ନ ନିଆଯାଉ ନାହିଁ। ଭଲଭାବେ ଆବର୍ଜନା ଉଠାଯାଉ ନାହିଁ। ଫଳରେ ଅପରିଷ୍କାର ଯୋଗୁ ଅନୁଗୋଳ ମେଡିକାଲର ପୂର୍ବ ସୁନାମ ହ୍ରାସ ପାଇବାରେ ଲାଗିଛି।

ରାଜ୍ୟରେ ଥିବା ମେଡିକାଲଗୁଡ଼ିକ କେତେ ସ୍ୱଚ୍ଛ, ପ୍ରତିବର୍ଷ ତାହାର ସର୍ଭେ କରାଯାଉଛି। ରାଜ୍ୟସ୍ତରୀୟ ଟିମ୍ ଏହା ବୁଲି ଦେଖିବା ପରେ କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରି ନମ୍ବର ପ୍ରଦାନ କରୁଛି। ସେହି ଆଧାରରେ ହିଁ ୧ନଂ. ହୋଇଥିବା ଚିକିତ୍ସାଳୟକୁ ମୋଟା ଆକାରର ଅର୍ଥ ପୁରସ୍କାର ବାବଦରେ ମିଳୁଛି। ୨୦୧୯ରେ କାୟାକଳ୍ପ ପୁରସ୍କାର ହାତେଇବାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ବେଶ୍ ଉଦ୍ୟମ କରିଥିଲେ। ପରିଦର୍ଶନକାରୀ ଟିମ୍ ପହଞ୍ଚିବା ପୂର୍ବରୁ ମେଡିକାଲ ପରିବେଶରେ ଆଖିଦୃଶିଆ ପରିବର୍ତ୍ତନ ଆଣିଥିଲେ। ନର୍ସରୀରୁ ଗଛ ଆଣି ପରିସରକୁ ସବୁଜ ସୁନ୍ଦର କରିବା ସହ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରିଥିଲେ। ପରିମଳ ବ୍ୟବସ୍ଥା ଉପରେ ବେଶ୍ ଧ୍ୟାନ ଦେଇଥିଲେ। ଫଳରେ ୨୦୧୯ରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର ମିଳିଥିଲା। ବିଳମ୍ବରେ ହେଲେ ମଧ୍ୟ ପୁରସ୍କାର ବାବଦରେ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେଥିରୁ ୧୨ ଲକ୍ଷ ୫୦ ହଜାର ଟଙ୍କା ଡାକ୍ତର, ଆଟେଣ୍ଡାଣ୍ଟ, ସଫେଇ କର୍ମଚାରୀଙ୍କ ସହ ମେଡିକାଲ କାର୍ଯ୍ୟରେ ଜଡ଼ିତ କର୍ମଚାରୀଙ୍କୁ ଇନ୍‌ସେନ୍‌ଟିଭ ଭାବେ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାପରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପୁରସ୍କାର ଭୋକ ଯେପରି ମରିଯାଇଥିଲା। କାରଣ ଅବଶିଷ୍ଟ ଟଙ୍କା ପଡ଼ିରହିଥିଲେ ମଧ୍ୟ ସୌନ୍ଦର୍ଯ୍ୟକରଣ କି ପରିମଳ ବାବଦରେ ତାହା ଖର୍ଚ୍ଚ କରାଯାଇ ନ ଥିଲା। ୨୦୨୦ରେ କାୟାକଳ୍ପ ଓ ଲକ୍ଷ୍ୟ ପୁରସ୍କାର ପାଇଁ ବିଭିନ୍ନ ପର୍ଯ୍ୟାୟରେ କମିଟି ଏହି ମେଡିକାଲକୁ ଆସିଥିଲେ। ହେଲେ ସେପରି ଆଖିଦୃଶିଆ ଉନ୍ନତି ଦେଖିପାରି ନ ଥିଲେ। ଫଳରେ ସ୍ୱଚ୍ଛ ତାଲିକାରେ ଅନୁଗୋଳ ସ୍ଥାନ ପାଇପାରି ନ ଥିଲା। ଉକ୍ତ ସର୍ଭେର ଦୀର୍ଘମାସ ପରେ ବି ଜିଲା ମୁଖ୍ୟ ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ ଓ ପରିମଳ ଦିଗରେ ସେପରି କାର୍ଯ୍ୟ କରାଯାଇ ନାହିଁ। ଏଥିଯୋଗୁ ପୂର୍ବରୁ ହୋଇଥିବା କାର୍ଯ୍ୟ ଏବେ ନଷ୍ଟ ହେବାକୁ ବସିଛି। ଫୁଲ ଗଛଗୁଡ଼ିକ ମରିଯାଉଥିବା ବେଳେ ତାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ପଡ଼ିରହୁଥିବା ଆବର୍ଜନା ଉଠାଯାଉ ନାହିଁ। ଏହାକୁ ନେଇ ରୋଗୀ ମହଲରେ ଅସନ୍ତୋଷ ଦେଖାଦେଇଛି।

**ସଫେଇ କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି**


"ଉପଯୁକ୍ତ ଯତ୍ନ ନିଆ ନ ଯିବାରୁ କୁଣ୍ଡରେ ଲଗାଯାଇଥିବା ଗଛ ଗୁଡ଼ିକ ନଷ୍ଟ ହେଉଛି। ଠିକା ସଂସ୍ଥା ଦାୟିତ୍ୱ ନେଇଥିଲେ ମଧ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏଥିସହ ନିର୍ମଳ ଯୋଜନାରେ ପରିମଳ କାର୍ଯ୍ୟ ଠିକା ସଂସ୍ଥାକୁ ଦିଆଯାଇଛି। କିନ୍ତୁ ସଫେଇ କର୍ମଚାରୀମାନେ କର୍ଣ୍ଣପାତ କରୁନାହାନ୍ତି।
-ଦେବାଶିଷ ଦାସ, ମେଡିକାଲ ପରିଚାଳକ

**ଲିଖିତ ଭାବେ ଦିଆଯାଇନାହିଁ**


"ମେଡିକାଲ ପରିସରରେ ଲଗାଯାଇଥିବା ଗଛର ଦାୟିତ୍ୱ ଆମର ନୁହେଁ। ସଂସ୍ଥା ନିକଟରେ ମାଳୀ ନାହିଁ। ଏ ନେଇ କେହି ନିଯୁକ୍ତି ମଧ ହୋଇନାହାନ୍ତି। କର୍ତ୍ତୃପକ୍ଷ ଲିଖିତ ନୁହେଁ, କେବଳ ମୌଖିକ ଭାବେ ଗଛ ଗୁଡ଼ିକର ଯତ୍ନ ନେବାକୁ କହିଛନ୍ତି। ଆମେ ତାହା କରୁଛୁ। ସଫେଇ କାର୍ଯ୍ୟ ଠିକ୍ ଚାଲିଛି।
-ଶାନ୍ତନୁ ସ୍ୱାଇଁ, ଠିକା ସଂସ୍ଥା ସୁପରଭାଇଜର

**ସ୍ଥାୟୀ ବ୍ୟବସ୍ଥା କରାଯିବ**


"ମେଡିକାଲର ପରିମଳ ବ୍ୟବସ୍ଥା ଠିକ୍ ନାହିଁ। ଏ ନେଇ ପୌରପାଳିକାକୁ କୁହାଯାଇଛି। ପୌର କର୍ମଚାରୀ ଆସି ଅଳିଆ ଉଠାଇବେ। କୁଣ୍ଡରେ ଲଗାଯାଇଥିବା ଗଛର ଯତ୍ନ ନିଆ ନ ଯିବାରୁ ସେଗୁଡ଼ିକ ମରି ଯାଇଛି। ଏ ନେଇ ଠିକା ସଂସ୍ଥାକୁ ତାଗିଦ୍ କରାଯାଇଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିପରି ଜାରି ରହିବ ତାହାର ସ୍ଥାୟୀ ପ୍ରତିକାର କରାଯିବ।
-ମାନସ ରଞ୍ଜନ ବିଶ୍ୱାଳ, ଏଡିଏମ୍‌ଓ (ମେଡିକାଲ)

**ସୁଧାର ଆସିବା ଆବଶ୍ୟକ**


"ମେଡିକାଲ ପରିସରରେ ଅଳିଆ ଆବର୍ଜନା ଗଦାହୋଇ ରହିଛି। ଏଥିରେ ସୁଧାର ଆସିବା ଆବଶ୍ୟକ। କରୋନା ମହାମାରୀ ସମୟରେ ପରିମଳ ଅବସ୍ଥା ଦେଖିଲେ ସେଠାରେ ପାଦ ଦେବାକୁ ଭୟ ଲାଗୁଛି। ଏପରି ସ୍ଥିତିରେ ରୋଗୀମାନଙ୍କ ଚିକିତ୍ସା କିପରି ଚାଲିଥିବ ଓ ସେମାନେ କେତେଶୀଘ୍ର ସୁସ୍ଥ ହେଉଥିବେ ତାହା ଜଣାପଡୁଛି।
-ସବିତା ଦାସ, ଅନୁଗୋଳବାସୀ

**ଆନ୍ତରିକତା ଅଭାବରୁ ବିପର୍ଯ୍ୟସ୍ତ**


"ପରିମଳ ବ୍ୟବସ୍ଥାରେ ସୁଧାର ସହ ଡ୍ରେନ୍ ପାଇଁ ମାଷ୍ଟର ପ୍ଲାନ ଦୁଇ ବର୍ଷ ପୂର୍ବରୁ ହୋଇସାରିଛି। କିନ୍ତୁ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହା ନୂଆ କଥା ନୁହେଁ। ସରକାରୀ ଅର୍ଥ ଖର୍ଚ୍ଚ କରି ଉନ୍ନୟନ କରିବାକୁ ଉଦ୍ୟମ କରାଗଲେ ମଧ କେତେଜଣ କର୍ମଚାରୀ ଏହାକୁ ବଦ୍‌ନାମ୍ କରିବାକୁ ଚେଷ୍ଟା ଜାରି ରଖିଛନ୍ତି।
-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

### ୨ ଅଭିଯୁକ୍ତଙ୍କୁ କାବୁକଲେ ଗ୍ରାମବାସୀ

ଛେଣ୍ଡିପଦା,୧୩ା୭ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ଗାଁର ଜଣେ ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଚମ୍ପଟ ମାରୁଥିବାବେଳେ ୨ ଜଣ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଧରି ନିର୍ଘୁମ ମାଡ଼ ମାରିଛନ୍ତି। ପରେ ଉଭୟଙ୍କୁ ଜରପଡ଼ା ପୋଲିସ ଜିମା ଦେଇଛନ୍ତି। ଦୁଇ ଅଭିଯୁକ୍ତଙ୍କ ଘର ଦେବଗଡ ଜିଲା ରିଆମାଳ ଥାନା ଅଞ୍ଚଳରେ। ପ୍ରକାଶ ଯେ, ଜରପଡା ଗାଁର ଜଣେ ମହିଳା ଗାଁ ରାସ୍ତାରେ ଯାଉଥିବା ବେଳେ ଦୁଇ ଅଭିଯୁକ୍ତ ଯୁବକ ମୋଟର ସାଇକେଲରେ ଆସି ମୋବାଇଲରେ ଏକ ଫଟୋ ଦେଖାଇ ଏକ ଠିକଣା ପଚାରିଥିଲେ। ମହିଳା ଜଣକ ମୋବାଇଲରେ ଫଟୋ ଦେଖୁଥିବା ବେଳେ ତାଙ୍କ ବେକରୁ ସେମାନେ ସୁନା ଚେନ ଛିଣ୍ଡାଇ ଚମ୍ପଟ ମାରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଗାଁ ଲୋକ ଫେରାର ହୋଇଯାଉଥିବା ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନେବା ସହିତ ମାଡ଼ ମାରିଥିଲେ। ଏହାପରେ ଜରପଡା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଦୁଇ ଅଭିଯୁକ୍ତଙ୍କୁ ଜିମା ଦେଇଥିଲେ। ଉଭୟଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୩ା୭(ଡି.ଏନ.ଏ.)

କିଶୋରନଗର ଥାନା ଚଟିଆମାଳ ଗ୍ରାମର ସୁଶାନ୍ତ ସାହୁଙ୍କୁ ସେହି ଗ୍ରାମର ଦୁଷ୍ମନ୍ତ ନାୟକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୁଶାନ୍ତ ଓ ଦୁଷ୍ମନ୍ତଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ସୋମବାର ସକାଳେ ସୁଶାନ୍ତ ସାଇକେଲରେ ଯାଉଥିବା ବେଳେ ଦୁଷ୍ମନ୍ତ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୧୦୫ /୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛି।

## ମିଣ୍ଡୋଳ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଅନୁଗୋଳ ଅଫିସ, ୧୩ା୭

କରୋନା ସମୟରେ ସରକାର ଦୁଇ ମାସ ମାଗଣା ଚାଉଳ ଯୋଗାଇଲେ। କିନ୍ତୁ ଡିଲର ଗୋଟିଏ ମାସର ଚାଉଳ ଦେଇ ଅବଶିଷ୍ଟ ଚାଉଳ ହଡପ୍ କରିନେଇଥିବା ଆଠମଲ୍ଲିକ ବ୍ଲକ ମିଣ୍ଡୋଳ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏଥିସହ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଅବଗତ କରାଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ସାନହୁଲା ଅଞ୍ଚଳରେ ଥିବା ଜଣେ ଡିଲର ଠିକ୍ ଭାବେ ଚାଉଳ ପ୍ରଦାନ କରୁନାହାନ୍ତି। ଲୋକଙ୍କ ରାଶନ କାର୍ଡରେ ଦୁଇ ମାସର ଚାଉଳ ଲେଖାଯାଉଥିବାବେଳେ ଗୋଟିଏ ମାସର ଦିଆଯାଉଛି। ଏଥିସହ କିରୋସିନ ପ୍ରଦାନ ନ କରି ଖାତାରେ ଲେଖା ଯାଉଛି। ସମ୍ପୃକ୍ତ ଡିଲରଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଡିଲରଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ୫୦ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୩ା୭

ଅନୁଗୋଳ ଜିଲାରୁ ମଙ୍ଗଳବାର ୫୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୧ ହଜାର ୮୦୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୧୦ ଜଣ, ଅନୁଗୋଳ ପୌରପାଳିକାରୁ ୬, ଛେଣ୍ଡିପଦା ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୫, ତାଳଚେର ବ୍ଲକରୁ ୮, କଣିହାଁ ବ୍ଲକରୁ ୭, ପାଲଲହଡ଼ା ବ୍ଲକରୁ ୨, ତାଳଚେର ପୌରାଞ୍ଚଳରୁ ୪, କିଶୋରନଗର ବ୍ଲକରୁ ୩ ଓ ଆଠମଲ୍ଲିକ ଏନ୍‌ଏସିରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୯୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଥିବାରୁ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୧୯୬ରେ ପହଞ୍ଚିଛି।

## ସାର ନ ପାଇ ଚାଷୀ ନିରାଶ

ଛେଣ୍ଡିପଦା,୧୩ା୭(ସ୍ୱ.ପ୍ର.)


ସମିତି ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡ଼ି ବାନ୍ଧିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ମଙ୍ଗଳବାର ସାର ନେବାକୁ ଚାଷୀମାନେ ପ୍ରବଳ ଭିଡ ଜମାଇଥିଲେ। ତେବେ ଆବଶ୍ୟକତା ମୁତାବକ ସାର ବଣ୍ଟନ କରା ନ ଯିବାରୁ ସେଠାରେ ପ୍ରବଳ ଭିଡ଼ ସହ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସୂଚନାଯୋଗ୍ୟ, ୟୁରିଆ ସାର ୫ଶହ ବସ୍ତା, ଡିଏପି ୪୨୦ ବସ୍ତା, ପଟାସ ସାର ୯୦ ବସ୍ତା ସମିତି ଗୋଦାମ ଗୃହରେ ରଖାଯାଇଛି। ହେଲେ ସାର ପାଇବାକୁ ପ୍ରାୟ ୧ ହଜାରରୁ ଅଧିକ ଚାଷୀ ବାଗଡିଆ ସମବାୟ ସମିତି ସମ୍ମୁଖରେ ଲାଇନ ଲଗାଇଥିଲେ। ଏତେ କମ୍ ପରିମାଣର ସାର କେମିତି ଚାଷୀ ପାଇବେ ତାହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲା। ଅଧିକ ପରିମାଣର ସାର ନ ଆସିବା ପର୍ଯ୍ୟନ୍ତ ବଣ୍ଟନ ବ୍ୟବସ୍ଥାକୁ ସ୍ଥଗିତ ରଖାଗଲା। ଆବଶ୍ୟକତା ଅନୁଯାୟୀ ସାର ଆସିଲେ ବଣ୍ଟନ କରାଯିବ ବୋଲି ସମିତି ସମ୍ପାଦକ ସନ୍ତୋଷ ପ୍ରଧାନ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ୬୭ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା,୧୩ା୭(ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରା ହାଇସ୍କୁଲ ପରିସରରେ ମଙ୍ଗଳବାର ଯୁବ ବିଜେଡି ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ଯୁବ ସମ୍ପାଦକ ସୁଶାନ୍ତ ସାହୁ, ସାଧାରଣ ସମ୍ପାଦକ ତାପସ କୁମାର ସାହୁ, ହିମିତିରା ସରପଞ୍ଚ ଜୁନା ସାହୁ, ବିଜେଡି ନେତା କାଳନ୍ଦୀ ଚରଣ ସାହୁ, ନଗେନ କୁମାର ପ୍ରଧାନ, ବ୍ଲକ ବିଜେଡି ସଭାପତି ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଏଥିରେ ମୋଟ୍ ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅଙ୍ଗପଡା ଡାକ୍ତର ବିନୋଦିନୀ ଗଡନାୟକ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନୁଗୋଳ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ।



ବିଧାୟକ ଓ ଅନ୍ୟମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ଛେଣ୍ଡିପଦା,୧୩ା୭(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମର ଏକ ଜୁଆ ଆଡ୍ଡା ଉପରେ ସୋମବାର ପୋଲିସ ଚଢ଼ାଉ କରି ଜଣେ ୫ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ମଳୟ ପ୍ରଧାନ, କାର୍ତ୍ତିକେଶ୍ୱର ସାହୁ, ନିଳକମଳ ସାହୁ, ଶଶଧର ସାହୁ, ରିତ ସାହୁ। ପୋଲିସ କହିଛି, ଏସ୍‌ଆଇ ଅଜୟ କୁମାର ସାହୁ ପାଟ୍ରୋଲିଂ କରୁଥିବାବେଳେ ଲକ୍ଷ୍ମୀ ଠାକୁରାଣୀ ମଣ୍ଡପରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇଥିଲେ। ସେଠାରେ ଚଢ଼ାଉ ବେଳେ କେତେଜଣ ଜୁଆଡି ଫେରାର ହୋଇଯାଇଥିଲେ। ୫ ଜଣଙ୍କୁ ଅଟକ ରଖାଯିବା ସହିତ ଘଟଣାସ୍ଥଳରୁ ଏକ ବାଇକ୍, ତାସ କାର୍ଡ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ଥାନା ଅଧିକାରୀ ସୁଶାନ୍ତ ସିଂ ଘଟଣାର ତଦନ୍ତ କରିବା ସହିତ ନଂ. ୩୨୮/୨୧ରେ ମାମଲା ରୁଜୁ କରିଛନ୍ତି।

# ଜମିକୁ ନିଅଣ୍ଟ ଜଳ

- ଆଷାଢ଼ରେ ପାଣି ଚିନ୍ତା
- ତଳି ବଞ୍ଚାଇବାକୁ ସଂଘର୍ଷ
- ଖରିଫ ଚାଷ ପ୍ରଭାବିତ ଆଶଙ୍କା

ବଇଣ୍ଡା, ୧୩ା୭(ପରିକ୍ଷିତ ସାହୁ)



ଜ୍ୟେଷ୍ଠ ସରିଲା। ଆରମ୍ଭ ହେଲାଣି ଆଷାଢ଼। ବିହନ ବୁଣି ଆକାଶକୁ ଅନାଇଛି ଚାଷୀ। ହେଲେ ନା ହେଉଛି ବର୍ଷା, ନା ରୋଇବା ପାଇଁ ଦେଉଛି ଅନୁକୂଳ ପାଗ। ଅନିୟମିତ ବୃଷ୍ଟିପାତ ଯୋଗୁ କେଉଁଠି ଗଜା ମରୁଡ଼ି ତ ଆଉ କେଉଁଠି ମରିବାକୁ ବସିଲାଣି କଅଁଳିଆ ଧାନତଳି। ଚାଷୀମାନେ ତଳି ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବାବେଳେ ସପ୍ତାହକ ଭିତରେ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗିନ ହୋଇପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚାଷୀକୁଳ।

କିଶୋରନଗର ବ୍ଲକର ୨୫ ହଜାର ୭୦୭ ହେକ୍ଟର ଚାଷ ଜମି ମଧ୍ୟରୁ ୮ ହଜାର ୪୩୨ ହେକ୍ଟରରେ ଧାନ ଏବଂ ୧୭ ହଜାର ୨୭୫ ହେକ୍ଟରରେ ଅଣଧାନ ଚାଷ ହେଉଛି। ଚଳିତବର୍ଷ ପାଣିପାଗ ବିଭାଗ ପକ୍ଷରୁ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ଅନୁମାନ କରାଯିବା ପରେ ଚାଷୀମାନେ ଉତ୍ସାହିତ ଥିଲେ। ଠିକ୍ ସମୟରେ ବିହନ ବୁଣା କାମ ସାରି ତଳି ରୋଇବା ପାଇଁ ଅପେକ୍ଷା କରିଥିଲେ। ହେଲେ ଧାନ ଗଜା ହୋଇ ତଳି ବଢ଼ିବା ବେଳକୁ ବର୍ଷା ହେଉନାହିଁ। ଫଳରେ ତଳି ବଞ୍ଚାଇବାକୁ ଚାଷୀକୁଳ ସଂଘର୍ଷ କରୁଛନ୍ତି। ବିକଳ୍ପ ନ ଥିବାରୁ ବାଧ ହୋଇ ନଳକୂଅ ଓ ଖୋଲା କୂଅରୁ ପାଣି ମଡ଼ାଉଛନ୍ତି। ସୂଚନାଯୋଗ୍ୟ, ବ୍ଲକରେ ଜୁନ୍‌ରେ ହାରାହାରି ୨୪୬. ୪ ମିଲିମିଟର ବର୍ଷା ଆବଶ୍ୟକ ଥିବାବେଳେ ହୋଇଛି ୯୧.୨୦ ମିମି, ଯାହା ଅଧାରୁ ମଧ କମ୍। ସ୍ୱଳ୍ପ ଏବଂ ଅନିୟମିତ ବୃଷ୍ଟିପାତ ଯୋଗୁ ୩୦% ଜମିରେ ହଳ ବୁଲିନାହିଁ। ଫଳରେ ଖରିଫ୍ ଧାନ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

ଅପରପକ୍ଷେ ଅଧିକାଂଶ ପଞ୍ଚାୟତରେ ବିହନ ଅଭାବ ଚାଷୀଙ୍କ ସମସ୍ୟା ବଢ଼ାଇଛି। ବ୍ଲକ ପାଇଁ ମୋଟ ୧୮୭୫ କୁଇଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ଯୋଗାଣ ହୋଇଛି ୭୫୯.୬୦ କୁଇଣ୍ଟାଲ। ରଣିଆକଟା, ହିମିତିରା, ଉରୁକୁଳା, ଅଙ୍ଗପଡା, ଲୁହାମୁଣ୍ଡା, ଧଉରାପାଲି, ଲୁହାମୁଣ୍ଡା, ହଣ୍ଡପା ସେବା ସମବାୟ ସମିତିକୁ ବିହନର ସୁଷମ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ହେଲେ ଆବଶ୍ୟକତା ଏବଂ ଯୋଗାଣ ମଧ୍ୟରେ ରହିଥିବା ତାରତମ୍ୟ ଯୋଗୁ ଚାଷୀଙ୍କ ନିକଟରେ ବିହନ ପହଞ୍ଚିପାରୁନାହିଁ। ଫଳରେ ବିକଳ୍ପ ଭାବେ ପୁରୁଣା ବିହନକୁ ଚାଷୀ ଭରସା କରୁଛନ୍ତି। ଏ ସଂକ୍ରାନ୍ତରେ ବଇଣ୍ଡା କୃଷି ଅଧିକାରୀ ଚଣ୍ଡୀପ୍ରସାଦ ମହାଲିକ କହିଛନ୍ତି, ଜୁନ୍ ରେ ଆବଶ୍ୟକତାଠାରୁ କମ୍ ବର୍ଷା ହୋଇଛି। ବିହନ ବୁଣିଥିବା ଚାଷୀ ଧାନତଳି ବଞ୍ଚାଇବାକୁ କୂଅପୋଖରୀରୁ ପାଣି ବୋହି ମଡ଼ାଉଛନ୍ତି। ବର୍ଷା ନ ହେଲେ ସମସ୍ୟା ବଢ଼ିବ ବୋଲି ସେ ସୂଚନା ଦେଇଛନ୍ତି।

**ସବ୍‌ସିଡିରେ ପାଣିପମ୍ପ ଯୋଗାଇ ଦିଆଯାଉ**


"ଧାନ ଚାଷ ପାଇଁ ଆବଶ୍ୟକ ପରିମାଣର ବର୍ଷା ହୋଇ ନାହିଁ। ଜମିରେ ପାଣି ନ ଥିବାରୁ ତଳି ଉଠିବାରେ ସମସ୍ୟା ହେଉଛି। ଚାଷୀଙ୍କୁ ସବ୍‌ସିଡି ମାଧ୍ୟମରେ ପାଣିପମ୍ପ ଯୋଗାଇ ଦିଆଯାଉ।
-କୃଷ୍ଣଚନ୍ଦ୍ର ଦ୍ୱାରି, ଚାଷୀ, ଇଚ୍ଛାପୁର

**ନିର୍ମାଣ ହେଉନି ସେଚ ପ୍ରକଳ୍ପ**


"କିଶୋରନଗର ବ୍ଲକରେ ପ୍ରସ୍ତାବିତ ସୁରେଶ୍ୱରୀ, ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନି। ପ୍ରକଳ୍ପ ନିର୍ମାଣ ହେଲେ ଅଧିକାଂଶ ପଞ୍ଚାୟତର ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେବ।
-ଦୀନବନ୍ଧୁ ପ୍ରଧାନ, ଚାଷୀନେତା, କିଶୋରନଗର

**ଆବଶ୍ୟକ ବିହନ ମିଳୁନାହିଁ**


"ବିହନ ଆବଶ୍ୟକତା ପୂରଣ ହେଉ ନ ଥିବାରୁ ଚାଷୀମାନେ ଗତବର୍ଷର ବିହନ ବ୍ୟବହାର କରିଛନ୍ତି। ସରକାରଙ୍କ କୃଷିଭିତ୍ତିକ ଯୋଜନା ଚାଷୀଙ୍କ ନିକଟରେ ନ ପହଞ୍ଚିବା ଦୁର୍ଭାଗ୍ୟଜନକ।
-ସୁଶାନ୍ତ ସାହୁ, ଚାଷୀ, ତୁରୁଡ଼ା

**ଜଳସେଚନ ବ୍ୟବସ୍ଥା ନାହିଁ**


"ଜଳସେଚନରୁ ବଞ୍ଚିତ ଚାଷୀମାନେ ପାଣି ଚିନ୍ତାରେ ଦିନ କାଟୁଛନ୍ତି। ବିନା ବର୍ଷାରେ ତଳି ବଞ୍ଚାଇବା ଲାଗି ସଂଘର୍ଷ କରିବାକୁ ପଡୁଛି। ଫଳରେ ଏକର ଏକର ଜମିରେ ପଡ଼ିଥିବା ବିହନ ନଷ୍ଟ ହୋଇଥିବା ଆଶଙ୍କା ସୃଷ୍ଟି ହୋଇଛି।
-ଚେରୁ ସାହୁ, ଚାଷୀ, ସଞ୍ଜମୁରା

**ଜମିକୁ ମାଡୁନି କେନାଲ ପାଣି**


"ଜୟଗଡ଼ ପ୍ରୋଜେକ୍ଟରୁ କେନାଲ ମାଧ୍ୟମରେ ଠେଲକନାଳି ପଞ୍ଚାୟତର ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ତେବେ କେନାଲ ପୋତି ହୋଇଯାଇଥିବାରୁ ଅନେକ ଜମିକୁ ପାଣି ମାଡ଼ିପାରୁନାହିଁ।
-କୁମୁଦିନୀ ସାହୁ, ଠେଲକନାଳି, ଗ୍ରାମବାସୀ

# ଆଥ୍‌ଲେଟଙ୍କ ତ୍ୟାଗକୁ ମୋଦିଙ୍କ ପ୍ରଶଂସା



ଆଥ୍‌ଲେଟଙ୍କ ସହ କଥାହେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟମାନେ।

## 'ଦୂତୀର ଅର୍ଥ ଚମକ'

**ଭୁବନେଶ୍ୱର, ୧୩।୭ (କ୍ରୀଡ଼ା ପ୍ରତିନିଧି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଭାରତୀୟ ଆଥ୍‌ଲେଟଙ୍କ ସହ ମଙ୍ଗଳବାର ଭର୍ଚୁଆଲ୍ ମୋଡ୍‌ରେ ଭାବର ଆଦାନପ୍ରଦାନ କରିଛନ୍ତି। ଏହି ଅବସରରେ ସେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦଙ୍କ ସହିତ ମଧ୍ୟ କଥା ହୋଇଛନ୍ତି। ଦୂତୀର ଅର୍ଥ ହେଉଛି ଚମକ, ଏହାର ଅନ୍ୟ ଏକ ଅର୍ଥ ଆଭା। ଆପଣ ଖେଳ ଜରିଆରେ ଚମକ ଦେଖାଇବାରେ ଲାଗିଛନ୍ତି। ଏବେ ଅଲିମ୍ପିକ୍ସରେ ପ୍ରଭାବୀ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଏତେବଡ଼ ପ୍ରତିଯୋଗିତାକୁ ଆପଣ କିପରି ଦେଖୁଛନ୍ତି ବୋଲି ଦୂତୀଙ୍କୁ ପ୍ରଶ୍ନ କରିଥିଲେ ପ୍ରଧାନମନ୍ତ୍ରୀ। ଉତ୍ତରରେ ଦୂତୀ କହିଥିଲେ ଯେ, ମୁଁ ଏକ ଗରିବ ପରିବାରରୁ ଆସିଛି। କ୍ୟାରିୟର ଆରମ୍ଭରୁ ମୁଁ ସଂଘର୍ଷ କରିଛି। ଭଲ ଖେଳିଲେ ମୁଁ ଦେଶକୁ ଗର୍ବିତ କରିପାରିବି ଏବଂ ମୋତେ ସରକାରୀ ଚାକିରି ମିଳିବ। ଫଳରେ ମୁଁ ପରିବାରର ଦାୟିତ୍ୱ ନେଇପାରିବି। ଏହି ଲକ୍ଷ୍ୟରେ ମୁଁ ଆଗକୁ ବଢୁଛି। ଖେଳ ପାଇଁ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛି ଏବଂ ପରିବାର ପାଇଁ କିଛି କରିପାରିଛି। ଏଥିପାଇଁ ମୁଁ ଆପଣଙ୍କୁ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଉଛି। ସମସ୍ତଙ୍କ ସମର୍ଥନ ଯୋଗୁ ମୁଁ ଆଗକୁ ବଢ଼ିବାରେ ସକ୍ଷମ ହୋଇପାରିଛି। ମୁଁ ଜୀବନରେ ଅନେକ ସମୟରେ ବିବାଦୀୟ ପରିସ୍ଥିତିର ସାମ୍ନା କରିଛି। ମାତ୍ର ସାହସର ସହିତ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ମୁଁ ଏବେ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଭାଗନେବାକୁ ଯାଉଛି। ପୂର୍ବରୁ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲି। ଟୋକିଓରେ ଶ୍ରେଷ୍ଠ ପ୍ରଦର୍ଶନ କରି ମୁଁ ଦେଶକୁ ଗର୍ବିତ କରିବାକୁ ଚେଷ୍ଟା କରିବି ବୋଲି ଦୂତୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆପଣଙ୍କ ବର୍ଷ ତମାମର ଫଳ କିଛି ସେକେଣ୍ଡରେ ଫଇସଲା ହୋଇଥାଏ। ହାରଜିତ୍‌ରେ କିଛି ସେକେଣ୍ଡର ଫରକ ରହିଥାଏ। ଏହାକୁ ସମ୍ମୁଖୀନ ହେବା କେତେ କଷ୍ଟକର ହୋଇଥାଏ। ପ୍ରତିକ୍ରିୟାରେ ଦୂତୀ କହିଥିଲେ ଯେ, ମୁଁ ୧୦୦ ଓ ୨୦୦ ମିଟରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ। ରେସ୍ ଷ୍ଟାର୍ଟରେ ତ୍ରୁଟି ରହିଲେ ଅଯୋଗ୍ୟ ହେବାକୁ ପଡ଼ିଥାଏ। ତେଣୁ ସବୁକୁ ଦୃଷ୍ଟିରେ ରଖି ଟ୍ରେନିଂ ସମୟରେ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ମୁଁ ମୋ ବ୍ୟକ୍ତିଗତ ଜୀବନରେ ଯେପରି ସାହସର ସହିତ ଲଢ଼େଇ କରିଛି ସେପରି ରେସ୍ ସମୟରେ ମଧ୍ୟ ସାହସ ଦେଖାଇଛି। ଫଳରେ ଅନେକ ସମୟରେ ସଫଳ ହୋଇଛି ଏବଂ ଦେଶ ପାଇଁ ପଦକ ଜିତିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦୂତୀ ଆପଣ ଦେଶ ପାଇଁ ଅନେକ ରେକର୍ଡ କରିଛନ୍ତି। ଏଥର ଅଲିମ୍ପିକ୍ ପୋଡିୟମ ମଣ୍ଡନ କରିବ ବୋଲି ଦେଶ ଆଶା ରଖିଛି। ଆପଣ ନିର୍ଭୀକ ଭାବେ ଖେଳରେ ଭାଗ ନିଅନ୍ତୁ। ପୂରା ଭାରତ ଏହାର ଅଲିମ୍ପିକ୍ ଖେଳାଳିଙ୍କ ସହିତ ରହିଛି। ମୁଁ ଆପଣଙ୍କୁ ଶୁଭକାମନା ଦେବା ସହିତ ଆପଣଙ୍କ ମାତାପିତାଙ୍କୁ ପ୍ରଣାମ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ ଯେ, ଟୋକିଓ ଅଲିମ୍ପିକ୍ସରେ ଓଡ଼ିଶାରୁ ଦୂତୀଙ୍କ ସମେତ ମହିଳା ହକି ଖେଳାଳି ଦୀପ୍ ଗ୍ରେସ୍ ଏକ୍କା, ପୁରୁଷ ହକି ତାରକା ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେହିପରି ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଖେଳିବେ।

**ନୂଆଦିଲ୍ଲୀ, ୧୩।୭ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ଆଥ୍‌ଲେଟମାନଙ୍କ ତ୍ୟାଗ ଓ ସଂଘର୍ଷମୟ ଜୀବନର ସେ ଉଚ୍ଚପ୍ରଶଂସା କରିଛନ୍ତି। ମଙ୍ଗଳବାର ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ସେ ଆଥ୍‌ଲେଟମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଥିଲେ ଆଇକନିକ ବକ୍ସର ଏମ୍.ସି. ମେରୀକମ୍, ପ୍ରମୁଖ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ, ପ୍ରତିଭାସମ୍ପନ୍ନ ଶୁଟର ସୌରଭ ଚୌଧାରୀ, ଇଲାଭେନିଲ ଭାଲାରିଭାନ, ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଏବଂ ଭେଟେରାନ ଟେବୁଲ ଟେନିସ ଖେଳାଳି ଶରଥ କମଲ। କୌଣସି ଆଶା ନ କରି ଟୋକିଓରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଅଲିମ୍ପିକ୍ସ ଲାଗି କ୍ରୀଡ଼ାବିତ୍‌ମାନଙ୍କ ପ୍ରସ୍ତୁତି ଏବଂ ବ୍ୟକ୍ତିଗତ କଥା ପଚାରି ବୁଝିଥିଲେ। ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁଙ୍କ ସହ କିଛି ମଜାଦାର କଥା ହୋଇଥିଲେ। ୨୦୧୬ ଅଲିମ୍ପିକ୍ସରେ ଆଇସ୍‌କ୍ରିମ ମନା ଥିଲା। ଟୋକିଓରେ ପୁଣି ଥରେ ସମାନ ପରିସ୍ଥିତି ସାମ୍ନା କରିବାକୁ ପଡ଼ିବ। ଉତ୍ତରରେ ସିନ୍ଧୁ କହିଥିଲେ, ସେ ତାଙ୍କ ଖାଦ୍ୟପାନୀୟ ନେଇ ଖୁବ୍ ଯତ୍ନବାନ। ଅଲିମ୍ପିକ୍ସରେ ୫ ବର୍ଷ ପୂର୍ବେ ସେ ରୌପ୍ୟ ଜିତିଥିଲେ, ଏଥର ସେ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ରହିଥିବା କହିଥିଲେ। ସିନ୍ଧୁଙ୍କୁ ଜଣେ ସଫଳ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଗଢିତୋଳିବା କ୍ଷେତ୍ରରେ ଅସୀମ ତ୍ୟାଗ ପାଇଁ ମୋଦି ତାଙ୍କ ମାତାପିତାଙ୍କର ଖୁବ୍ ପ୍ରଶଂସା କରିଥିଲେ।

ମୋଦି ଆଥ୍‌ଲେଟମାନଙ୍କୁ ନୂଆ ଭାରତର ପ୍ରତିଫଳନ ବୋଲି କହିଥିଲେ। ଗେମ୍ସ ପୂର୍ବରୁ ସେମାନେ ଦୃଢ଼ମନା, ଆତ୍ମବିଶ୍ୱାସୀ ଓ ସକାରାତ୍ମକ ମନେ ହେଉଛନ୍ତି। ସରକାରଙ୍କ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ଅବସରରେ ମୋଦି କହିଥିଲେ, ଆପଣମାନଙ୍କ ସହ ସମଗ୍ର ଦେଶର ଆବେଗ ଜଡ଼ିତ ରହିଛି। ଦେଶବାସୀଙ୍କ ଆଶୀର୍ବାଦ ଓ ସଦିଚ୍ଛା ମଧ୍ୟ ରହିଛି। ସେସନ ଆରମ୍ଭରେ କ୍ରୀଡ଼ା ମହୋତ୍ସବ ପୂର୍ବରୁ କ୍ରୀଡ଼ାବିତ୍‌ମାନଙ୍କର ଅଭିଳାଷ ଓ ଚ୍ୟାଲେଞ୍ଜ ବିଷୟରେ ଜାଣିବାକୁ ଚାହିଁଥିଲେ ପ୍ରଧାନମନ୍ତ୍ରୀ। ବାର୍ତ୍ତାଳାପ ସେସନରେ ନବନିଯୁକ୍ତ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଓ ତାଙ୍କ ଡେପୁଟି ନୀତିଶ ପରମାଣିକ ଏବଂ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ବର୍ତ୍ତମାନର ଆଇନ ମନ୍ତ୍ରୀ କିରନ ରିଜିଜୁ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ସରକାରଙ୍କ ଖେଲୋ ଇଣ୍ଡିଆ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଥିଲେ।




## ୧୯୮୩ ବିଶ୍ୱକପ୍ ହିରୋ ଯଶପାଲଙ୍କ ପରଲୋକ


ଯଶପାଲ ଶର୍ମା

**ନୂଆଦିଲ୍ଲୀ, ୧୩।୭:** ଭାରତର ୧୯୮୩ ବିଶ୍ୱକପ୍ ହିରୋ ତଥା ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଯଶପାଲ ଶର୍ମା ପରଲୋକ ଗମନ କରିଛନ୍ତି। ମଙ୍ଗଳବାର ୬୬ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ପାଖରେ ସ୍ତ୍ରୀ, ୨ ଝିଅ ଓ ଏକମାତ୍ର ପୁଅ ଉପସ୍ଥିତ ଥିଲେ। ଏ ନେଇ ତାଙ୍କ ପରିବାର ତରଫରୁ ପ୍ରଥମେ ସୂଚନା ଦିଆଯାଇଥିଲା।

ସକାଳେ ମର୍ନିଂୱାକ୍‌ରୁ ଫେରିବା ପରେ ଯଶପାଲ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋଧିରୋଡ୍ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ତାଙ୍କ ପୂର୍ବତନ ଟିମ୍‌ମେଟ ତଥା ରାଜନେତା କୀର୍ତ୍ତି ଆଜାଦ ଉପସ୍ଥିତ ଥିଲେ। ନିଜର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୩୭ ଟେଷ୍ଟ ଖେଳି ୩୩.୪୫ ରନ୍ ହାରରେ ୧୬୦୬ ରନ୍ ସଂଗ୍ରହ କରିଥିଲେ। ଏଥିରେ ଦୁଇଟି ଶତକ ଓ ୯ଟି ଅର୍ଦ୍ଧଶତକ ସାମିଲ ଥିଲା। ସେହିପରି ସେ ୪୨ଟି ଦିନିକିଆ ମ୍ୟାଚ ଖେଳି ୨୮.୪୮ ରନ୍ ହାରରେ ୮୮୩ ରନ ସଂଗ୍ରହ କରିଥିଲେ। ଏଥିରେ ୪ଟି ଅର୍ଦ୍ଧଶତକ ସାମିଲ ରହିଥିଲା। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ସେ ଗୋଟିଏ ଲେଖାଏ ଉଇକେଟ ମଧ୍ୟ ହାସଲ କରିଥିଲେ।

୧୯୫୪ ଅଗଷ୍ଟ ୧୧ ତାରିଖରେ ପଞ୍ଜାବର ଲୁଧିଆନାରେ ଜନ୍ମିତ ଯଶପାଲ ନିଜର ଉଗ୍ର ସ୍ୱଭାବ ପାଇଁ ସେ ପରିଚିତ ଥିଲେ। ୧୯୮୩ ବିଶ୍ୱକପ୍‌ରେ ଓ୍ୱାର୍ଲ୍ଡ ଟ୍ରାଫର୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ଧୂଆଁଧାର ଅର୍ଦ୍ଧଶତକ ହାସଲ କରି ସେ ବେଶ୍ ଜଣାଶୁଣା ଥିଲେ ଓ କ୍ରିକେଟ ପ୍ରଶଂସକ ତାଙ୍କୁ ଏହି ଅର୍ଦ୍ଧଶତକୀୟ ଇନିଂସ ପାଇଁ ଏବେ ବି ମନେ ରଖିଛନ୍ତି। ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ହାସଲ କରିଥିଲା। ଏହି ଚାମ୍ପିୟନ ଦଳ ଚୟନରେ ମଧ୍ୟ ତାଙ୍କ ଭୂମିକା ଥିଲା। ସେ ଚୟନ କମିଟିର ସଦସ୍ୟ ଥିଲେ।

୨୦୦୩ରୁ ୨୦୦୬ ମଧ୍ୟରେ ସେ ମଧ୍ୟ ଜାତୀୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ଧୋନୀଙ୍କୁ ଚୟନ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

## କୋନାର୍ଡ ଜିତିଲେ ୧୬ତମ ଷ୍ଟେଜ୍




**ପ୍ୟାରିସ୍, ୧୩।୭:** ଅଷ୍ଟ୍ରିଆର ୨୯ ବର୍ଷୀୟ ପ୍ୟାଟ୍ରିକ୍ କୋନାର୍ଡ (ବୋରା-ହାନ୍ସଗ୍ରୋହେ) ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୬ତମ ଷ୍ଟେଜ୍ ବିଜେତା ହୋଇଛନ୍ତି। ଜଣେ ପ୍ରଫେସନାଲ ରାଇଡର ହିସାବରେ ଏହା ହେଉଛି ତାଙ୍କର ପ୍ରଥମ ଷ୍ଟେଜ୍ ବିଜୟ। ପାସ୍ ଡି' ଲା କାସେଠାରୁ ସେଣ୍ଟ ଗଡେନ୍ସ ପର୍ଯ୍ୟନ୍ତ ୧୬୯ କିଲୋମିଟର ବିଶିଷ୍ଟ ରେସ୍‌କୁ ସେ ୪ଘଣ୍ଟା ୧ ମିନିଟ୍ ୫୯ ସେକେଣ୍ଡରେ ଶେଷ କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସୋନି କୋଲବ୍ରେଲି ଓ ମାଇକେଲ ମାଥ୍ୟୁସ୍ ରହିଥିଲେ। ପାଇରେନିଜ୍ (୨,୪୦୯ ମିଟର)ର ସର୍ବୋଚ୍ଚ ଗିରିପଥ ପୋର୍ଟ ଡି'ଏନଭାଲିରା ନିକଟବର୍ତ୍ତୀ ପାସ୍ ଡି' ଲା କାସା ସାଇକେଲ ଚାଳକମାନଙ୍କର ବେଶ୍ ଜଣାଶୁଣା। ଏହି ଅଞ୍ଚଳରେ ୧୦ମ ଥର ଟୁର୍ ଡି ଫ୍ରାନ୍ସର ଏକ ଷ୍ଟେଜ୍ ଅନୁଷ୍ଠିତ ହୋଇଥିଲା। ଜେନେରାଲ କ୍ଲାସିଫିକେସନ ଷ୍ଟାଣ୍ଡିଂରେ ସ୍ଲୋଭେନିଆର ଟାଡେଜ୍ ପୋଗାକାର (ଟିମ୍ ଏମିରେଟ୍ସ) ପ୍ରଥମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ କଲମ୍ବିଆର ରିଗୋବର୍ଟୋ ଉରାନ ଓ ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ ରହିଥିଲେ।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Letter No.- 1974 Dt- 13.07.21

**TENDER CALL NOTICE FOR SUPPLY OF CONSUMABLES FOR FULLY AUTOMATIC BIOCHEMISTRY ANALYZER**

**No.E-221:-** Sealed tender is invited from the registered suppliers/ farms/Distributors for **supply of consumables for fully automatic biochemistry analyzer for the year 2021-22 for the Dhenkanal District Health Institution**. The last date for receiving the tender document to the office of the undersigned **on or before 28.07.21 upto 5.00 P.M.** and will be opened **on 29.07.21 at 11.00 A.M.** The detail terms & condition can be downloaded from the website: **www.dhenkanal.nic.in**

**Sd./- CDM&PHO Cum District Mission Director, Dhenkanal**

OIPR-10059/11/0003/2122

**OFFICE OF THE CHIEF DISTRICT MEDICAL OFFICER, JAGATSINGHPUR**

**TENDER CALL NOTICE**

**Advt. No. 2748, DPMU, Jagatsinghpur** **Date: 09.07.2021**

**No. E-218:-** Sealed tenders are invited from interested / bonafied / registered printing agency for supply of various printing materials on annual rate contract basis to C.D.M & P.H.O, Jagatsinghpur. The details regarding specifications, terms and conditions may be downloaded from district website **www.jagatsinghpur.nic.in**. The bids in sealed envelope should reach the office of the undersigned by 27.07.2021 till 4.00 PM. The tender will be opened at 4.30 P.M on 28.7.2021 in presence of bidders or their authorized representatives. Incomplete tender documents in any form and tenders received after due date & time will be rejected and the undersigned is not responsible for postal delay. The authority reserves all the rights to cancel or reject the tender without assigning any reason thereof.

**Sd./- CDM&PHO-cum-DMD, Jagatsinghpur**

OIPR-10043/11/0008/2122

**No.CAD-610**

**No. IDCO/HO/P&A/A-10218/2020/V-1-11218** **Dt.09.07.2021**

**ADVERTISEMENT FOR RECRUITMENT TO THE POST OF DEPUTY MANAGER (CIVIL/PH) IN IDCO THROUGH GATE - 2019, 2020 & 2021 ON THE BASIS OF HIGHEST VALID GATE SCORE OF PRECEDING THREE YEARS.**

IDCO, a Golden Category Corporation of Govt. of Odisha, having its Corporate Office at IDCO Towers, Janapath, Bhubaneswar - 751022 invites applications from the intending applicants for recruitment to the Post of Deputy Manager (Civil/PH) 22 Nos. in IDCO as per Odisha Industrial Infrastructure Development Corporation (Method of Recruitment and Conditions of Service) Regulations, 2019.

Name of Post & Scale of Pay: Deputy Manager (Civil/PH), Level-12 (Rs.56,100-1,77,500/-) of pay matrix under ORSP Rules, 2017.

Total No. of Posts = 22 Nos. (Women - 7, PWD - 1, Ex-Servicemen - 1). ST - 05 (W-2), SC - 04 (W-1), SEBC - 02, UR - 11 (W-4).

Age and Educational Qualification: See detail advertisement.

The details informations like how to apply, Age & Educational Qualification of Deputy Manager (Civil/PH), Cost of application fees, reservation of posts etc. are available in IDCO website: **www.idco.in**.

Online submission of applications: From 15.07.2021 to 14.08.2021.

IDCO reserves the right to cancel the advertisement without assigning any reason thereof.

**By order of CMD**
**Sd./- Chief General Manager (P&A)**
**OIPR-14003/11/0040/2122**

**GOVERNMENT OF ODISHA** No. C-566

**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID- sephcbam@gmail.com

**NATIONAL COMPETITIVE BIDDING THROUGH e-Procurement**

**Invitation for bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **Balance work of repair and rehabilitation of 4.5 Million Gallon (20 ML) capacity Clear water Reservoir at Kaliabali** | Identification No. ACEPHCBAM 15/2021-22 Dt. 08.07.2021 | **130.13** | 10 (Ten) Calendar Months | 11.00 Hrs. of **15.07.2021** | 17.30 Hrs. of **31.07.2021** | Addl. Chief Engineer, P.H. Circle, Berhampur |

The technical bid shall be opened on **dt.02.08.2021 at 11.30 A.M.**

Further details can be seen from the e-Procurement portal **http://tendersodisha.gov.in**

**OIPR-13004/11/0004/2122** **Sd./- ADDITIONAL CHIEF ENGINEER (PH)**

**Office of the Panchayat Samiti, Patrapur, Ganjam**

**Ph. No.: 0680-2642224(O), Mail ID: ori-patrapur@nic.in**

Letter No. 2337 **TENDER CALL NOTICE:- 02/2021-22 DATED 09.07.2021** Date: 09.07.2021

No. i-103:- The Block Development Officer, Patrapur, Ganjam, Odisha invites sealed Percentage rate bid tender on behalf of Governor of Odisha from registered and eligible Civil Contractors 'C' & 'B' of the State PWD (R&B)/Water Resources/Rural Works/M.I./C.P.W.D. for the following works for tender value as mentioned against each work in column no 3 eventually to be drawn up in the PWD-P1 form in conformity with the Detailed Tender Call Notice.

| Sl. No. | Name of the Project | Approx. Cost of Project in Rs. | Cost of tender Schedule in Rs. | EMD @ 1% Rs. | Stipulated period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Dining & Multipurpose hall at Gouduni Ashram School, Tumba. | 1605677.00 | 6000.00 | NIL | 6 (Six) calendar months |

The approved Tender Schedule along with DTCN will be available in the official website **http://www.ganjam.nic.in** from Dt.11.07.2021 to 26.07.2021 up to 5.30 P.M. and can be downloaded from the above website. The last date of receipt of Tender paper is upto 5.30 PM of dated 27.07.2021 through Registered Post/Speed Post only. The sealed tenders received through Registered/Speed Post will be opened on dated 28.07.2021 at 11.30 AM in presence of the contractors or their authorized representatives at Patrapur Block Office.

The authority reserves the right to reject any or all tenders without assigning any reason thereof.

OIPR-19098/11/0002/2122 **Sd./- Block Development Officer, Patrapur**

**OFFICE OF THE CHIEF ENGINEER & BASIN MANAGER**
**UPPER MAHANADI BASIN, BURLA, ODISHA, PIN - 768017**
**E-mail: cebmumbburla@rediffmail.com**

**Government of Odisha "e" Procurement Notice**

**Bid Identification No. UMB-02/2021-22**

No. A-291: Online tender is invited from prospective bidders for **"CONSTRUCTION OF BARRAGE-CUM-BRIDGE ACROSS RIVER KOEL NEAR VILLAGE HAMIRPUR ON "EPC-TURN KEY" BASIS INCLUDING POWER CONNECTIVITY SYSTEM AND OPERATION AND MAINTENANCE OF COMPLETE COMMISSIONED PROJECT FOR FIVE YEARS".**

1. Name of Work : "Construction of Barrage-cum-Bridge across river koel near village hamirpur on "epc-turn key" basis including power connectivity system and operation and maintenance of complete commissioned project for five years".
2. Period of Completion : 30 (thirty) calendar months including rainy session.
3. Date & time of availability of bid document in the portal : 15.07.2021, 4.00 P.M. to 30.08.2021 upto 05.00 P.M.
4. Time and date for pre-Bid Conference : 29.07.2021 at 11.00 A.M. through Virtual Mode
5. Last date/time for receipt of bids in the portal : 30.08.2021 upto 05.00 P.M.
6. Date and time of opening of Technical BId : 31.08.2021, 11.00 A.M.
7. Name & address of the Officer Inviting Bid : Chief Engineer & Basin Manager Upper Mahanadi Basin, Burla, PIN - 768017, Dist.- Sambalpur

Further details can be seen from the e-procurement portal **"https://tendersodisha.gov.in"**. Any addendum/corrigendum/cancellation to the above notice will be published in the Govt. website: **www.tenderodisha.gov.in**.

**Sd./- Chief Engineer & Basin Manager**
**Upper Mahanadi Basin, Burla**
**OIPR-32048/11/0003/2122**

**INVITATION FOR BIDS (IFB)**

**PANCHAYAT SAMITI MUNIGUDA, Dist.-RAYAGADA**

**TENDER CALL NOTICE NO. MNGD 0112021-22**

No. i-102: The Block Development Officer, Muniguda, District Rayagada on behalf of Governor of Odisha invites percentage rates bids for the construction of works as detailed below in the Table from ELIGIBLE contractors registered with the State Govt. and contractors of equivalent Grade/Class registered with Central Govt. for execution of Civil works on production of definite proof from the appropriate authority. Agreement is to be drawn in P1 form. The bidders may submit. Bids for the following works.

| Sl. No. | Name of the Work | Value of Works in (Rs.) | Bid Security EMD 1% (in Rs.) | Cost of Tender Paper (in Rs.) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Extension of Ambadala PHC of Muniguda Block | 35,73,681/- | 35,800/- | 6000/- | 09 (Six) Calendar Months | "B" & "C" |
| 2 | Extension of Jagadalpur PHC of Muniguda Block | 36,01,605/- | 36,100/- | 6000/- | 09 (Six) Calendar Months | "B" & "C" |
| 3 | New Construction of Kumudabali PHC of Muniguda Block | 35,73,681/- | 35,800/- | 6000/- | 09 (Six) Calendar Months | "B" & "C" |
| 4 | New Construction of Padamapur PHC of Muniguda Block | 35,73,681/- | 35,800/- | 6000/- | 09 (Six) Calendar Months | "B" & "C" |

1. Bid documents consisting of plans, specification, the schedule of quantities and the set of terms and conditions of contract and other necessary documents can be seen in the office of undersigned during the office hour everyday except Sunday and public holidays till last date of sale and receipt of the tender papers. Interested bidder may obtain further information at the same address.
2. The Sale and Receipt of the Bid documents shall starts from Dt. 14.07.2021. and close on Dt 26.07.2021 during office hours (Except Sunday and Holiday) on payment of cost of bid documents either in shape of cash or Demand Draft (non-refundable) issued from any Nationalized Bank drawn in favour of the Block Development Officer, Muniguda payable at Muniguda.
3. The sealed,signed and duly filled bid documents are to be dropped in the tender box having Identification No. B.D.O. (Muniguda.) - 01/2021-22 containing signed DTCN, attested copy of Registration Certificate, PAN Card, valid GST clearance certificate, valid Labour License, affidavit regarding authentication of documents, no relation certificate and documents required as per the relevant clauses of the DTCN and special condition if any required, Amount of EMD in shape of NSC/ KVP/POTD/ Bank deposit receipt of any Nationalized Bank duly pledged in favour of Block Development Officer, Muniguda without which bid will not be considered. The tenderer can also send their tender papers through Registered Post/Speed Post only to Block Development Officer, Muniguda. Such bids must be received on or before stipulated date & time as mentioned above. The bids received late will not be considered. The authority will not be held responsible for the postal delay if any or non-receipt of tender documents. The bidders are not required to write their name on the outer cover of the bid except the name of work with name of office from which bid document was issued.
4. The Engineering contractor desiring of having EMD exemption benefit must have to produce an affidavit to the effect that, they have not availed such exemption for more than three times during this financial year. Also the engineering contractor will produce his/her Original license at the time of opening of tender so that the tender opening authority will enter the exemption of EMD in his/her license failing which tender liable for rejection.
5. The tenderers are required to submit the experience certificate of same nature of work executed during last Three year.
6. The bid received will be opened on 27.07.2021 at 11.00 am in the office of the Block Development Officer, Muniguda in the presence of bidder or there authorized agents wish to attend. .If the office happens to be closed on the date or receipt/ opening of the bids as specified, the bids will be received / opened on the next working day at the same time & venue.
7. Other details can be had in the bid documents.
8. Special clause : Additional performance security in case of ABL bids- An amount of 50% (difference between estimated cost put to tender and bid amount ) shall be deposited if the tender value remains less between 5% to 10% .150% of (difference between estimated cost put to tender and bid amount) shall be deposited if the tender value remains less between 10% and above. No performance security shall be deposited for the bid amount less than 5% by the bidder as additional performance security in shape of fixed deposit receipt of Schedule Bank/Kissan Vikas Patra/ Post office saving bank Account / N.S.C. / Post Office Time Deposit, dully pledged in favour of Block Development Office, Muniguda, Self attested copy of Caste Certificate issued by competent authority in case of SC, ST Contractor deserving of preference shall be submitted along with the bid document failing which the preference shall not be considered.
9. The authority reserves the right to reject any or all the bids without assigning any reason thereof.
10. The work should be completed within the stipulated time period of completion & in no case the time extension will be allowed except the reasons not attributable to contractors.
11. In order to ensure that the envelopes are properly sealed, the contractor can seal them with superglue & also add tamper proof tapes as additional precaution. The tender submitted for the wrong works shall not be taken into consideration.

**Sd./- Block Development Officer, Muniguda**
**OIPR-19042/11/0004/2122**

**No.CAD-609**

**No. IDCO/HO/P&A/A-10219/2020/V-1-11210** **Dt.09.07.2021**

**ADVERTISEMENT FOR RECRUITMENT TO THE POST OF DEPUTY MANAGER (ELECTRICAL) IN IDCO THROUGH GATE - 2019, 2020 & 2021 ON THE BASIS OF HIGHEST VALID GATE SCORE OF PRECEDING THREE YEARS.**

IDCO, a Golden Category Corporation of Govt. of Odisha, having its Corporate Office at IDCO Towers, Janapath, Bhubaneswar - 751022 invites applications from the intending applicants for recruitment to the Post of Deputy Manager (Electrical) 5 Nos. in IDCO as per Odisha Industrial Infrastructure Development Corporation (Method of Recruitment and Conditions of Service) Regulations, 2019.

Name of Post & Scale of Pay: Deputy Manager (Electrical), Level-12 (Rs.56,100-1,77,500/-) of pay matrix under ORSP Rules, 2017.

Total No. of Posts = 5 Nos. (Women - 1, Ex-Servicemen - 0). ST - 01 SC - 01, SEBC - 0, UR - 03 (W-1).

Age and Educational Qualification: See detail advertisement.

The detail informations like how to apply. Age & Educational Qualification of Deputy Manager (Electrical), Cost of application fees, reservation of posts etc. are available in IDCO website: **www.idco.in**.

Online submission of applications: From 15.07.2021 to 14.08.2021.

IDCO reserves the right to cancel the advertisement without assigning any reason thereof.

**By order of CMD**
**Sd./- Chief General Manager (P&A)**
**OIPR-14003/11/0039/2122**

**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

**No. 8818** **Dated: 09.07.21**

**Bid Identification No. MC/RMC/29/2021**

No. C-557: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online Mode. Bid Identification No. MC/RMC/29/2021 for 04 Nos. Civil work with value of Rs.50.94 lakhs to Rs.88.13 lakh.

1. Bid documents will be available in website **www.tendersorissa.gov.in** from 09.07.2021.
2. Bids must be submitted on "Online" on or before 26.07.2021 by 17.00 hours.
3. Bids shall be opened at 11.00 hours on 27.07.2021 in the office of the undersigned in the presence of the bidders or their authorized agents.
4. Other details will be available in the wesbite **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
**OIPR-13131/11/0019/2122**

**NATIONAL HYDROLOGY PROJECT (NHP)**
**STATE PROJECT MANAGEMENT UNIT (SPMU), ODISHA**
**H.P. Building, Unit-VIII, Delta Square, Bhubaneswar-12**
**e-mail: dddapbbsr@gmail.com**

**REQUEST FOR PROPOSAL**
**INVITATION FOR BIDs (RFP)**
**e-Procurement Notice (Double Envelope Bidding Process)**
**Loan No.-8725-IN**

**No.- 652** **Date: 09.07.2021**

**BID REFERENCE: NHP/RFP-4 OF 2021-22**

**No. A-287:-** Deputy Director, Data Archiving & Publishing & Procurement Officer (SW), SPMU, NHP-Odisha, HP Administrative Building, Delta Square, Bhubaneswar-751012 invites tenders through e-Procurement platform online from eligible bidders for the work- **Selection of "Consultancy for Architectural Design, Drawing & Supervision for renovation and furnishing of State Hydrological Data Centre (SHDC), Odisha"**. Bidding documents are available online on **www.tenderodisha.gov.in** which is free of cost. The bidder shall be responsible for downloading and incorporating any addendum uploaded in the e-Procurement portal.

| | | | |
|---|---|---|---|
| (a) | Start Date of availability of RFP documents (for download from e-Procurement portal) | : | 14.07.2021, 10.00 Hrs. |
| (b) | Last Date of availability of RFP documents (for download from e-Procurement portal) | : | 03.08.2021, 16.30 Hrs. |
| (c) | Start Date of e-Bid submission | : | 23.07.2021, 16.30 Hrs. |
| (d) | Last Date of e-Bid submission | : | 03.08.2021, 16.30 Hrs. |
| (e) | Time and date of opening of bids in the portal | : | 03.08.2021, 16.30 Hrs. |

Further details can be seen from the e-Procurement portal www.tenderodisha.gov.in

**Sd./- DD, DA&P & Procurement Officer (SW)**
OIPR-32407/11/0002/2122 **SPMU, NHP-Odisha**

**ଲୋକେ ସ୍ୱାସ୍ଥ୍ୟ, ଗ୍ରସେରି ଖର୍ଚ୍ଚ କମାଉଛନ୍ତି**

କରୋନା କାଳରେ ଅହେତୁକ ତେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି। ଫଳରେ ଲୋକମାନେ ଗ୍ରସେରୀ, ସ୍ୱାସ୍ଥ୍ୟ ଏବଂ ୟୁଟିଲିଟି ଭଳି କ୍ଷେତ୍ରରେ ଖର୍ଚ୍ଚ କମାଉଥିବା ଏସ୍‌ବିଆଇ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏଭଳି ସମସ୍ୟାକୁ ଧ୍ୟାନରେ ରଖି ସରକାର ତେଲ ଉପରେ ଲାଗୁ ହେଉଥିବା ଟିକସ କମାଇବା ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଏସ୍‌ବିଆଇ ଗ୍ରୁପର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ କହିଛନ୍ତି।

## ସଂକ୍ଷେପରେ

### ହିରୋ ପରିବାରରେ ବିବାଦ

**ନୂଆଦିଲ୍ଲୀ,୧୩।୭:** ଇ-ଯାନ ଲାଗି ହିରୋ ବ୍ରାଣ୍ଡ ବ୍ୟବହାରକୁ ନେଇ ମୁଞ୍ଜଲ ପରିବାରରେ ନବୀନ ଏବଂ ପବନଙ୍କ ମଧ୍ୟରେ ବିବାଦ ବଢ଼ିଥିବା ଜଣାପଡ଼ିଛି। ହିରୋ ଇଲେକ୍ଟ୍ରିକର ପରିଚାଳନା ନିର୍ଦ୍ଦେଶକ ନବୀନ ମୁଞ୍ଜଲ କହିଛନ୍ତି, ଯଦି ଇ-ଯାନ କ୍ଷେତ୍ରରେ ହିରୋର ନାମ ବ୍ୟବହାରକୁ ନେଇ କୌଣସି ସମସ୍ୟା ଉପୁଜେ ତେବେ ସେ ଦାଦା ପବନ ମୁଞ୍ଜାଲଙ୍କ ନେତୃତ୍ୱାଧୀନ ହିରୋମୋଟୋକର୍ପ ବିରୋଧରେ ଆଇନଗତ ମାମଲା ଲଢ଼ିବା ଲାଗି ପ୍ରସ୍ତୁତ ଅଛନ୍ତି। ଏହି ୨ କମ୍ପାନୀ ନିଜ ନିଜ କ୍ଷେତ୍ରରେ ବର୍ତ୍ତମାନ ବଜାର ଲିଡର ରହିଛନ୍ତି। ଭାରତରେ ୨ ଚକିଆ ଯାନର ସବୁଠାରୁ ବଡ ନିର୍ମାତା ହିରୋମୋଟୋକର୍ପ ଚଳିତ ଆର୍ଥିକ ବର୍ଷ ଇଲେକ୍ଟ୍ରିକ ଟୁହ୍ୱିଲର୍ସ କ୍ଷେତ୍ରରେ ପ୍ରବେଶ ଲାଗି ଯୋଜନା ରଖିଛି। ବର୍ତ୍ତମାନ ଇ-ଦୁଇଚକିଆ ଯାନ କ୍ଷେତ୍ରରେ ହିରୋ ଇଲେକ୍ଟ୍ରୋନିକ୍ସ ବଜାର ଲିଡର ରହିଛି। ହିରୋମୋଟୋକର୍ପର ପ୍ରବେଶକୁ ବ୍ଲକ କରିବା ଲାଗି ଅନ୍ୟ କମ୍ପାନୀ ଏବେ ଅଡି ବସିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ହିରୋ ଇଲେକ୍ଟ୍ରିକର ପରିଚାଳନା ନିର୍ଦ୍ଦେଶକ ନବୀନ ମୁଞ୍ଜାଲ କହିଛନ୍ତି, ହିରୋ ମୋଟୋକର୍ପ ହିରୋ ବ୍ରାଣ୍ଡ ସହ ଇ-ଯାନ ବିକ୍ରି କରିବା ନିଷ୍ପତ୍ତି ସମ୍ପର୍କରେ ଘୋଷଣା ଆମକୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ସବୁ ପ୍ରକାର ବିକଳ୍ପକୁ ବିଚାର କରାଯିବ। ସେହିଭଳି ହିରୋମୋଟୋକର୍ପ ଅଧ୍ୟକ୍ଷ ପବନ ମୁଞ୍ଜାଲ କହିଛନ୍ତି, ଯୋଜନାରେ ଯଦି କୌଣସି ବ୍ୟକ୍ତି ବିଶେଷ ଦଖଲ ଦିଅନ୍ତି ତେବେ ସେଥିଲାଗି ଆବଶ୍ୟକ ଆଇନଗତ ବିକଳ୍ପକୁ ଧ୍ୟାନରେ ରଖାଯିବ।

### ସଭରେନ ରେଟିଂ 'ବିବିବି-'ରଖିଲା ଏସ୍ ଆଣ୍ଡ ପି

**ନୂଆଦିଲ୍ଲୀ, ୧୩।୭:** ଗ୍ଲୋବାଲ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ(ଏସ୍ ଆଣ୍ଡ ପି) ଭାରତର ସଭରେନ ରେଟିଂକୁ ବିବିବି-ରଖିଛି। ସେହିଭଳି ଆଉଟଲୁକ୍‌କୁ ଏହା ସ୍ଥିର ରଖିଥିବା ଜଣାପଡ଼ିଛି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧାର ପଥକୁ ଫେରୁଥିବାରୁ ଏହା ଆଉଟଲୁକ୍‌କୁ ସ୍ଥିର ରଖିଛି। ଆଗାମୀ ଦିନଗୁଡ଼ିକରେ ଭାରତର କ୍ରେଡିଟ ପ୍ରୋଫାଇଲ ସ୍ଥିତାବସ୍ଥାକୁ ଆସିବ ବୋଲି ଏସ୍ ଆଣ୍ଡ ପି ଏହାର ରିପୋର୍ଟରେ କହିଛି।

# ୩୫ ହଜାର କୋଟିର ଟିକସ ଠକେଇ

**ନୂଆଦିଲ୍ଲୀ, ୧୩।୭**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧିକାରୀମାନେ ୩୫ ହଜାର କୋଟି ଟଙ୍କାର ଟିକସ ଠକେଇ ଠାବ କରିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ଏହି ମାମଲା ସବୁକୁ ଧରିବାରେ କର୍ତ୍ତୃପକ୍ଷ ସଫଳତା ପାଇଛନ୍ତି। ଜିଏସ୍‌ଟି ବ୍ୟବସ୍ଥାରେ ରହିଥିବା ଇନ୍‌ପୁଟ ଟାକ୍ସ କ୍ରେଡିଟ(ଆଇଟିସି)ର ବେଆଇନ ବ୍ୟବହାର ଦ୍ୱାରା ଏଭଳି ଠକେଇ ହୋଇଥିବା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ସିଜିଏସ୍‌ଟି ଜୋନ ଏବଂ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ( ଡିଜିଜିଆଇ) ୮ ହଜାର ଜାଲ୍ ଆଇଟିସି ବ୍ୟବହାର ମାମଲା ଦାୟର କରିଛି। ଏହି ମାମଲାଗୁଡ଼ିକରେ ମୋଟ ୩୫ ହଜାର କୋଟି ଟଙ୍କାର ଟିକସ ଫାଙ୍କି ହୋଇଥିବା କେନ୍ଦ୍ରୀୟ

### ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ ବ୍ୟବହାର ହେଉଛି




ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ସୂଚନା ମିଳିଛି।

ଉତ୍ପାଦନ ବେଳେ ଟିକସ ପ୍ରଦାନ ବେଳେ ଆଇଟିସି ଦ୍ୱାରା ସଂସ୍ଥାଗୁଡ଼ିକ ଟିକସ କମ୍ ପ୍ରଦାନ କରିଥାନ୍ତି। କାରଣ ସାମଗ୍ରୀ କିଣିବା ବେଳେ ପୂର୍ବରୁ ସେମାନେ କିଛି ପରିମାଣର ଟିକସ ଦେଇଥାନ୍ତି। ମାତ୍ର ଜାଲ୍ ବିଲ୍ କରି ସାମଗ୍ରୀ କିଣିବା ସହ ଏହାକୁ ଟିକସ ଫାଙ୍କିବାରେ ଲୋକମାନେ ବ୍ୟବହାର କରୁଛନ୍ତି। ଆଇଟିସି ସୁବିଧାକୁ ବେଆଇନ ଭାବେ ବ୍ୟବହାର କରି ଲୋକମାନେ ଟିକସ ଫାଙ୍କୁଥିବା ସିବିଆଇସି ପକ୍ଷରୁ କୁହାଯାଇଛି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରଠାରୁ ଏଭଳି ଠକେଇ ମାମଲା ଠାବ କରିବାରେ ବିଭାଗ ଉଦ୍ୟମ ଜାରି ରଖିଛି। ୨୦୨୦ ଏପ୍ରିଲରୁ ମାର୍ଚ୍ଚ ୨୦୨୧ ଯାଏ ୪୨୬ ବ୍ୟକ୍ତି ବିଶେଷ ଏବଂ ୧୪ ପ୍ରଫେସନାଲ ଗିରଫ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଆଇନଜୀବୀ ଏବଂ ନିର୍ଦ୍ଦେଶକ ରହିଥିବା ଜଣାପଡ଼ିଛି।

ଆଇଟିସି ଅପବ୍ୟବହାର ବଢ଼ୁଥିବା ବେଳେ ଏହା ଉପରେ ରୋକ ଲଗାଇବା ଲାଗି ସାରା ଦେଶରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଛି। ଏହା ଗତବର୍ଷ ନଭେମ୍ବର ୯ରୁ ଆରମ୍ଭ କରାଯାଇଥିଲା। କୋଭିଡ୍ ଯୋଗୁ ଏହା କିଛିଟା ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ଏହାକୁ ପୁଣି ଥରେ ତ୍ୱରାନ୍ୱିତ କରାଯାଉଥିବା ସିବିଆଇସି ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷରେ ଏଭଳି ୫୦୦ ମାମଲା ଦାୟର ହୋଇଛି। ଏଥିରେ ୧୨ ଶହ ସଂସ୍ଥା ଜଡ଼ିତ ଥିବା ବେଳେ ୨୪ ଜଣ ଗିରଫ ହୋଇଛନ୍ତି।

# ପଟିଆରେ ପୁମାର ସ୍ୱତନ୍ତ୍ର ଷ୍ଟୋର



**ଭୁବନେଶ୍ୱର,୧୩।୭**

ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଉପକରଣ ବିକ୍ରେତା ପୁମା ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ପଟିଆ ଛକଠାରେ ଏକ ସ୍ୱତନ୍ତ୍ର ଷ୍ଟୋର ଖୋଲାଯାଇଛି। ଏହି ଷ୍ଟୋର ଶ୍ରୀସାଇ ଏଜେନ୍ସି ସହାୟତାରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଜାତୀୟ କ୍ରୀଡ଼ାବିତ ତଥା ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁମା ଇଣ୍ଡିଆର ବିକ୍ରି ମୁଖ୍ୟ ରାହୁଲ କପୁର ଏବଂ ଶ୍ରୀ ସାଇ ଏଜେନ୍ସିର ମୁଖ୍ୟ ଜିତେନ୍ଦ୍ର ପ୍ରସାଦ ସିଂହ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟୋର ମୁଖ୍ୟ କହିଥିଲେ, ଉଦ୍‌ଘାଟନୀ ଅବସରରେ ସ୍ପୋର୍ଟ୍ସ ଉପକରଣର ଟି-ସାର୍ଟ, ଟ୍ରାକ୍ ସୁଟ୍ (ପ୍ୟାଣ୍ଟ) ଭଳି ବିଭିନ୍ନ ସାମଗ୍ରୀ ଉପରେ ୪୦% ରିହାତି ରହିଛି ବୋଲି କପୁର ସୂଚନା ଦେଇଛନ୍ତି।

# ମାରୁତି ସୁଜୁକିର ସ୍ମାର୍ଟ ଫାଇନାନ୍ସ

**ଭୁବନେଶ୍ୱର,୧୩।୭:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ଗ୍ରାହକମାନେ ଏବେ ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ ମାରୁତି ସୁଜୁକି ସ୍ମାର୍ଟ ଫାଇନାନ୍ସ ସହିତ ନିଜ କାର୍ ପାଇଁ ଅନ୍‌ଲାଇନରେ ଋଣ ପାଇପାରିବେ। ଏହି ସୁବିଧା ଏବେ ଆରେନା ସମେତ ନେକ୍ସା ଗ୍ରାହକଙ୍କ ପାଇଁ ସର୍ବଭାରତୀୟ ସ୍ତରରେ ଉପଲବ୍ଧ ହେଉଛି। ଏହା ଏକ ବିବିଧ ଶୃଙ୍ଖଳାର ଗ୍ରାହକଙ୍କ ଚାହିଦାକୁ ପୂରଣ କରିବା ପାଇଁ ବିସ୍ତୃତ ରେଞ୍ଜର ପ୍ରୋଫାଇଲ୍‌କୁ ଅନ୍ତର୍ଭୁକ୍ତ କରୁଛି ବୋଲି ମାରୁତି ସୁଜୁକି ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲ୍‌ସ) ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି। ମାରୁତି ସୁଜୁକି ଡଟ୍ କମ୍ ଏବଂ ନେକ୍ସା ଏକ୍ସପେରିଏନ୍ସ ଡଟ୍ କମ୍‌ରେ ଉପଲବ୍ଧ ହେବ। ଏହା ହେଉଛି ଏକ ୱାନ୍-ଷ୍ଟପ୍ ଅନ୍‌ଲାଇନ ଫାଇନାନ୍ସ ପୋର୍ଟାଲ। ଏକାଧିକ ବିକଳ୍ପ ସହିତ ଗ୍ରାହକଙ୍କୁ ସେମାନଙ୍କର କାର୍ କିଣିବାର ଅନୁଭୂତିକୁ ରୂପାନ୍ତରିତ କରିବା ପାଇଁ ସଶକ୍ତ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହି ବିକଳ୍ପଗୁଡ଼ିକରେ ଠିକ୍ ଋଣ ସହଯୋଗୀ ଚୟନ କରିବା, ସର୍ବୋତ୍ତମ ଉପଯୁକ୍ତ ଋଣ ବାଛିବା, ଋଣ ସମ୍ବନ୍ଧିତ ସମସ୍ତ ଆନୁଷ୍ଠାନିକତାକୁ ପୂରଣ କରିବା ଓ ଅନ୍‌ଲାଇନରେ ଋଣ ବିତରଣ କରିବା ଆଦି ସାମିଲ ରହିଛି। ମାରୁତି ସୁଜୁକି ସ୍ମାର୍ଟ ଫାଇନାନ୍ସରେ ଏକ ସମନ୍ୱିତ ବିନିମୟ ଗ୍ରାହକ ଯାତ୍ରା ରହିଛି। ରିପ୍ଲେସ୍‌ମେଣ୍ଟ କ୍ରୟ କ୍ଷେତ୍ରରେ ଗ୍ରାହକଙ୍କୁ ନିଜ ପୁରୁଣା କାର୍‌ର ଏକ ଆନୁମାନିକ ମୂଲ୍ୟ ପାଇବା ପାଇଁ ସଶକ୍ତ କରିବ। ଏହାସହିତ ଏହି ପ୍ଲାଟ୍‌ଫର୍ମ ଏବେ ଗ୍ରାହକ ପ୍ରୋଫାଇଲର ଏକ ବିସ୍ତୃତ ବର୍ଗକୁ କଭର୍ କରି କୋ-ଆପ୍ଲିକାଣ୍ଟ ଫାଇନାନ୍ସିଂର ବିକଳ୍ପ ମଧ୍ୟ ପ୍ରଦାନ କରୁଛି।

# ଭୁଟାନରେ ଭୀମ-ୟୁପିଆଇ ଲଞ୍ଚ

**ନୂଆଦିଲ୍ଲୀ, ୧୩।୭**

ଭୁଟାନରେ କ୍ୟୁଆର୍ କୋଡ୍ ଭିତ୍ତିକ ଭୀମ୍-ୟୁପିଆଇ ପେମେଣ୍ଟ ଶୁଭାରମ୍ଭ ହୋଇଛି। ଏଭଳି ପଦକ୍ଷେପ ୨ ପଡ଼ୋଶୀ ଦେଶରେ ସହଯୋଗକୁ ଆହୁରି ଦୃଢ଼ କରିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଭର୍ଚୁଆଲ ମୋଡ୍‌ରେ ଏହି ସେବାକୁ ସୀତାରାମନ ଆରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ଭାଗବତ ସିଂ କରାଡ, ଆର୍ଥିକ ସେବା ସଚିବ ଦେବାଶିଷ ପଣ୍ଡା ଏବଂ ଯୁଗ୍ମ ସଚିବ ମଦନେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ପଦକ୍ଷେପ ଦ୍ୱାରା ବାର୍ଷିକ ଭୁଟାନ ଯାତ୍ରା କରୁଥିବା ୨ ଲକ୍ଷ ପର୍ଯ୍ୟଟକ ଲାଭବାନ ହୋଇପାରିବେ। ୟୁପିଆଇ ପେମେଣ୍ଟ ସିଷ୍ଟମ ଲାଗୁ କରିବାରେ ଭୁଟାନ ପ୍ରଥମ ଦେଶ ବୋଲି ଜଣାପଡ଼ିଛି।

# ବଜାରରେ ମହିନ୍ଦ୍ରା 'ବୋଲେରୋ ନିଓ'

**ନୂଆଦିଲ୍ଲୀ,୧୩।୭**




ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ନୂଆ ବୋଲେରୋ ନିଓର ବଜାର ପ୍ରବେଶ କରାଯାଇଛି। ଜୁଲାଇ ୧୩ଠାରୁ ସମସ୍ତ ମହିନ୍ଦ୍ରା ଡିଲରଶିପ୍‌ରେ ଏହା ଉପଲବ୍ଧ ହେବ। ଏହାର ବଜାର ମୂଲ୍ୟ ୮.୪୮ଲକ୍ଷ ଟଙ୍କା (ଏକ୍ସ ଶୋ'ରୁମ୍) ଏନ୍୪ ଭାରିଆଣ୍ଟ ପାଇଁ ରହିଛି। ଏକ କଠିନ ଏବଂ ଅସଲି ତଥା ଆଧୁନିକ ଓ ଟ୍ରେଣ୍ଡି ଏସ୍‌ୟୁଭି ଚାହୁଁଥିବା ଉଦୀୟମାନ ଗ୍ରାହକଙ୍କ ଆବଶ୍ୟକତାକୁ ଏହି ନୂତନ ମଡେଲ ପୂରଣ କରିବ। ପୂର୍ବରୁ ଥିବା ବେଲୋରୋ ସହିତ ନୂଆ ବୋଲେରୋ ନିଓ ବିକ୍ରି ବଜାରରେ ଜାରି ରହିବ।

ଏ ସମ୍ପର୍କରେ ଏମ୍ ଆଣ୍ଡ ଏମ୍ ଲିମିଟେଡ୍‌ର ଅଟୋମୋଟିଭ୍ ଡିଭିଜନ, ସିଇଓ, ବିଜୟ ନାକ୍ରା କହିଛନ୍ତି, ଏହି ନୂଆ ବୋଲେରୋର ଡିଜାଇନ, ପ୍ରଦର୍ଶନ ଏବଂ ଇଞ୍ଜିନିୟରିଂରେ ଉନ୍ନତି ଯୁବ ଭାରତ ପାଇଁ ଏକ ଆଧୁନିକ ଏବଂ ଅସଲି ଏସ୍‌ୟୁଭିରେ ପରିଣତ କରିଛି। ଆମ ବ୍ରାଣ୍ଡ ପୋର୍ଟଫୋଲିଓରେ ନୂଆ ବୋଲେରୋ ନିଓକୁ ଯୋଡ଼ିବା ଆମକୁ ଦେଶର ଶ୍ରେଷ୍ଠ ୧୦ ବିକ୍ରି ହେଉଥିବା ଏସ୍‌ୟୁଭିରେ ବୋଲେରୋକୁ ରଖିବାରେ ସହାୟକ ହେବ। ଅପରପକ୍ଷରେ ଏମ୍‌ଆଣ୍ଡ ଏମ୍ ଲିମିଟେଡ୍ ଅଟୋମୋଟିଭ୍ ଡିଭିଜନ, ବିଶ୍ୱ ଉତ୍ପାଦ ବିକାଶ, ମୁଖ୍ୟ, ଭେଲୁସ୍ୱାମୀ ଆର୍ କହିଛନ୍ତି, ସ୍କର୍ପିଓ ଓ ଥର୍‌ରେ ବ୍ୟବହାର କରାଯାଇଥିବା ତୃତୀୟ ପିଢ଼ିର ଚେଚିସ୍‌ରେ ତିଆରି କରାଯାଇଥିବା ବୋଲେରୋ ନିଓରେ ଶକ୍ତିଶାଳୀ ବୈଶିଷ୍ଟ୍ୟ ରହିଛି ଯାହା ଏହାକୁ ଅନ୍ୟମାନଙ୍କଠାରୁ ଅଲଗା କରିଛି। ନୂଆ ବୋଲେରୋ ନିଓରେ ଅଣାଯାଇଥିବା ଉନ୍ନତି କେବଳ ଡିଜାଇନ୍ ଦୃଷ୍ଟିରୁ ନୁହେଁ, ଏହାର ବଡି କ୍ଲାଡିଂ,ଏହାର ୧୦୦୦ ଏଚ୍‌ପି ଏମ୍ ହକ୍ ଇଞ୍ଜିନ, କଠିନ ଭାବେ ନିର୍ମାଣ କରାଯାଇଥିବା ବଡି ଏବଂ ଯେକୌଣସି ସ୍ଥାନକୁ ଯିବାକୁ ପ୍ରସ୍ତୁତ ଥିବା ବ୍ୟବସ୍ଥାରେ ମଧ୍ୟ ପ୍ରତିଫଳିତ ହୋଇଛି।

ନୂଆ ବୋଲେରୋ ନିଓ ୭ ସିଟ୍ ବିଶିଷ୍ଟ ସହିତ ୩ଟି ଭାରିଆଣ୍ଟ ଓ ୭ଟି ରଙ୍ଗରେ ୨୦୨୧ ଜୁଲାଇ୧୩ରୁ ସାରା ଦେଶରେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ମଲ୍‌ଟି ଟରେନ୍ ପ୍ରଯୁକ୍ତି (ମାନୁଆଲ୍ ଲକ୍ ଡିଫରେନ୍ସିଆଲ୍) ସୁବିଧା ଥିବା ଏକ ବିକଳ୍ପ ଭାରିଆଣ୍ଟ ଏନ୍୧୦ (ଓ)କୁ ଉନ୍ମୋଚନ କରାଯିବ ବୋଲି ଯୋଜନା ରହିଛି।

## ଫୁରସତ୍

# କିଣା ହୁଅନ୍ତି କନିଆ

**କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ, ପୃଥିବୀରେ କେବଳ ପାଳନ ହୋଇଥାଏ ବିଧି। ତେବେ ବିବାହ ସମୟରେ କନ୍ୟା ପରିବାରଠାରୁ ଦାବି କରାଯାଉଥିବା ଯାନିଯୌତୁକ ଭଳି କୁତ୍ସିତ ମାନସିକତାକୁ ନେଇ ଅନେକ ସମୟରେ ସୃଷ୍ଟି ହେଉଛି ବିତର୍କ। ଆଜି ବି ଭାରତୀୟ ସମାଜରେ ଏଭଳି ମାନସିକତା ଦୃଷ୍ଟିଗୋଚର ହୁଏ। ହେଲେ ବିବାହ ପାଇଁ କନିଆ କିଣା ହେବା ଏବଂ ଏଥିପାଇଁ ହାଟ ବସିବା ଭଳି ଆଶ୍ଚର୍ଯ୍ୟଜନକ ପରମ୍ପରା ଦେଖିବାକୁ ମିଳେ ୟୁରୋପର ଅନ୍ୟତମ ପ୍ରାଚୀନ ସହର ଦେଶ ବୁଲ୍‌ଗେରିଆର 'ଷ୍ଟାରା ଜାଗୋରା'ରେ।**



**ସୋଫିଆ:** ବିବାହ ଲାଗି ଯୁବତୀଙ୍କୁ ବିକ୍ରି କରିବା ସବୁଠାରୁ ଘୃଣ୍ୟ ପରମ୍ପରା ବୋଲି ବିବେଚନା କରାଯାଏ। ହେଲେ ବୁଲ୍‌ଗେରିଆ 'ଷ୍ଟାରା ଜାଗୋରା'ରେ ବସୁଥିବା 'ବ୍ରାଇଡ୍ ବଜାର' ଏହାର ବ୍ୟତିକ୍ରମ। ନିଜ ବିବାହଯୋଗ୍ୟା ଅଲିଅଳ ଝିଅକୁ ମା'ବାପା ଏଠାରେ ବିକ୍ରି କରିଥାଆନ୍ତି। ଏଥିପାଇଁ ନିଲାମ ଡାକରା ହୁଏ। ସର୍ବାଧିକ ମୂଲ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଝିଅଙ୍କୁ ହସ୍ତାନ୍ତର କରିଦିଆଯାଏ। ତେବେ ଏହି ସୁଯୋଗ କେବଳ ନିଜ ସମ୍ପ୍ରଦାୟର ଯୁବକଙ୍କୁ ମିଳୁଥିବାବେଳେ ହାଟରେ ବାହାର ଲୋକଙ୍କ ଲାଗି ପ୍ରବେଶ ଅନୁମତି ନାହିଁ।

'ଷ୍ଟାରା ଜାଗୋରା'ରେ ବାର୍ଷିକ ୪ ଥର କନିଆ ହାଟ ବସିଥାଏ। ଏଠାରେ ଜଣେ ଯୁବକ ନିଜ ଇଚ୍ଛା ଅନୁଯାୟୀ କନ୍ୟା ଚୟନ କରି ବିବାହ କରିପାରିବେ। ହେଲେ ଏହା ନିଃଶୁଳ୍କ ନୁହେଁ, ଏଥିଲାଗି ପକେଟରୁ ଖର୍ଚ୍ଚ କରିବାକୁ ପଡ଼ିବ ମୋଟା ଅଙ୍କର ଟଙ୍କା। ବିଶେଷକରି ବୁଲଗେରିଆର ରୋମା କମ୍ୟୁନିଟିରେ ଏହି ପ୍ରଥା କେଉଁ ଆବହମାନକାଳରୁ ପ୍ରଚଳିତ। ରୋମା ସମ୍ପ୍ରଦାୟରେ ଜଣେ ବାଳିକା ୧୪ ବର୍ଷ ଯାଏ ପାଠ ପଢ଼ିପାରିବେ। ଏହାପରେ ସେମାନଙ୍କୁ ବିଦ୍ୟାଳୟରୁ ବାହାର କରିଦିଆଯାଏ। ସେମାନଙ୍କୁ କଲେଜରେ ପାଠପଢ଼ିବାର ସୁଯୋଗ ମିଳେନାହିଁ। କାରଣ 'କନିଆ ବଜାର'ରେ ସେମାନଙ୍କର ଦୁଇଟି ଯୋଗ୍ୟତା ମାନଦଣ୍ଡକୁ ଗୁରୁତ୍ୱ ଦିଆଯାଏ। ପ୍ରଥମତଃ ନାବାଳିକା ବା ଯୁବତୀ ଜଣକ ଘରକରଣା କାର୍ଯ୍ୟରେ ସିଦ୍ଧହସ୍ତା କି ନୁହେଁ ଏବଂ ଦ୍ୱିତୀୟତଃ ସେ କୁଆଁରୀ ହୋଇଥିବା ଜରୁରୀ। ତେଣୁ ଶିକ୍ଷାକୁ ନେଇ ଏହି ସମ୍ପ୍ରଦାୟରେ ସଚେତନତା ନାହିଁ କହିଲେ ଚଳେ।

ବୁଲଗେରିଆରେ ରୋମା ସମ୍ପ୍ରଦାୟର ଜନସଂଖ୍ୟା ସେତେ ଅଧିକ ନୁହେଁ। ତେବେ ଶୋଚନୀୟ ଆର୍ଥିକ ଅବସ୍ଥା ଏବଂ ମାନସିକତା ବଦଳୁ ନ ଥିବାରୁ ସେମାନେ କନିଆ ବିକ୍ରି କରିବା ଭଳି କୁପ୍ରଥାରୁ ମୁକୁଳିପାରୁନାହାନ୍ତି। ଅନ୍ୟପଟେ ଏଭଳି ପରମ୍ପରାକୁ

### ବୁଲ୍‌ଗେରିଆର ବ୍ରାଇଡ୍ ବଜାର

ବିରୋଧ କରିବା ବଦଳରେ ଝିଅମାନେ ମଧ୍ୟ ସମର୍ଥନ ଜଣାଇଥାଆନ୍ତି। କାରଣ ସେମାନେ ଜନ୍ମରୁ ହିଁ ଏଥିଲାଗି ମାନସିକସ୍ତରରେ ପ୍ରସ୍ତୁତ ହୋଇ ରହିଥାଆନ୍ତି। ସେମାନେ ପରିବାର ବ୍ୟତୀତ ଅନ୍ୟ କୌଣସି ବିଷୟରେ ଭାବିବା ପାଇଁ ସମୟ ପାଇନାହାନ୍ତି, ଅଥବା ସେମାନଙ୍କୁ ଏଥିଲାଗି ସୁଯୋଗ ମିଳି ନ ଥାଏ। କନିଆ ବଜାରରେ ଆଶାୟୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଝିଅମାନେ ଭଲଭାବେ ସଜେଇ ହୋଇ ଆସିଥାଆନ୍ତି। ବ୍ରାଇଡ୍ ବଜାରରେ ବିକ୍ରି ହେବାକୁ ଆସୁଥିବା ଅଧିକାଂଶ ନାବାଳିକାଙ୍କ ମୂଲ୍ୟ ୩୦୦ରୁ ୪୦୦ ଡଲାର ମଧ୍ୟରେ ରହିଥାଏ।

### ବରପକ୍ଷ ଦିଅନ୍ତି ଯୌତୁକ

ବ୍ରାଇଡ୍ ବଜାରରେ ମନପସନ୍ଦର କନ୍ୟା ମିଳିବା ପରେ ଭାବୀସ୍ୱାମୀ ତାଙ୍କୁ ସ୍ତ୍ରୀ ଭାବେ ମାନିନିଅନ୍ତି। ଏହାପରେ ପରିବାର ଲୋକଙ୍କୁ ସମସ୍ତ ବିଷୟରେ ଅବଗତ କରାଇଥାଆନ୍ତି। ଏହାପରେ ପାଳି ଆସେ ଟଙ୍କା ନେଣଦେଣର। ଦାବି ଅନୁଯାୟୀ ବରପକ୍ଷ ନିର୍ଦ୍ଧାରିତ ଯୌତୁକ ଅର୍ଥ ଦେବାପରେ କନ୍ୟାଙ୍କୁ ବିବାହ କରି ନିଜ ସାଥିରେ ଆଣିଥାଆନ୍ତି।

# ଅନନ୍ୟାଙ୍କ ପ୍ରଶଂସାରେ ମୁମ୍ବାଇ ପୋଲିସ



ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ନାୟିକା ଅନନ୍ୟା ପାଣ୍ଡେ ନିଜର ଅଭିନୟକୁ ନେଇ ନବାଗତା ଭାବେ ବଲିଉଡରେ ସୃଷ୍ଟି କରିଛନ୍ତି ଭିନ୍ନ ପରିଚୟ। ଏବେ ଏହି ଅଭିନେତ୍ରୀଙ୍କ ପ୍ରଶଂସକ ପାଲଟି ଯାଇଛି ମୁମ୍ୱଇ ପୋଲିସ। ଅନନ୍ୟା ଏବେ ମୁମ୍ବାଇ ସାଇବର ପୋଲିସ ସହ ମିଶି ସାଇବର କ୍ରାଇମ ଉପରେ ସଚେତନତା ସୃଷ୍ଟି କରିବା ଆରମ୍ଭ କରିଛନ୍ତି। ନିକଟରେ ସେ ମୁମ୍ବାଇ ପୋଲିସର ସାଇବର ଅପରାଧ ଶାଖାର ଏସିପି ସନ୍ଦିପ କାର୍ତ୍ତିକ, ପିଏସ୍‌ଆଇ ଦତ୍ତାତ୍ରେୟ ଜ୍ଞାନେଶ୍ୱର ଭୋଜନେ ତଥା ପିଏସ୍‌ଆଇ ଅଜୟ କାଶୀନାଥ ପାଟିଲଙ୍କ ସହ ଏକ ଭର୍ଚୁଆଲ ମିଟିଂ କରିଥିଲେ। ସାଇବର ଅପରାଧରୁ କିପରି ବର୍ତ୍ତିହେବ, ସେ ନେଇ ସୋସିଆଲ ମିଡିଆରେ ୟୁଜର୍ସଙ୍କୁ ସଚେତନ କରାଉଛନ୍ତି। ଅନନ୍ୟାଙ୍କ ଏହି କାମ ମୁମ୍ବାଇ ପୋଲିସକୁ ଖୁବ୍ ପସନ୍ଦ ଆସିଛି।

# ପାଟିରୁ ବାହାରିଲା ୮୨ ଦାନ୍ତ



**ପାଟନା:** ସାଧାରଣ ମନୁଷ୍ୟ ଶରୀରରେ ୩୨ ଦାନ୍ତ ଥିବା କଥା ସମସ୍ତେ ଜାଣନ୍ତି। ହେଲେ ଯଦି ଆପଣଙ୍କୁ ୮୨ ଦାନ୍ତ ଥିବା କୁହାଯାଏ, ତେବେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବିହାରର ପାଟନାରୁ ଏଭଳି ଏକ ବିରଳ ମାମଲା ସାମ୍ନାକୁ ଆସିଛି। ଜଣେ ଯୁବକ ୫ ବର୍ଷ ଧରି ବିରଳ ଟ୍ୟୁମରରେ ପୀଡ଼ିତ ଥିବାବେଳେ ୩ ଘଣ୍ଟାର ଅପରେଶନ ପରେ ତାଙ୍କ ପାଟିରେ ଥିବା ମାଢ଼ିରୁ ୮୨ଟି ଦାନ୍ତକୁ ବାହାର କରାଯାଇଛି। ୧୭ ବର୍ଷୀୟ ନୀତିଶଙ୍କ ମାଢ଼ିରେ ଏକ ଜଟିଳ ଟ୍ୟୁମର ହୋଇଥିଲା। ଟ୍ୟୁମର ହଟାଇ ମୁହଁର ଆକାର ବଦଳାଇବାକୁ ତାଙ୍କୁ ଏକ ଅପରେଶନ କରିବାକୁ ପଡ଼ିଥିଲା। ମାଢ଼ି ନିକଟରେ ଥିବା ଦୁଇଟି ଥଳିରୁ ମୋଟ ୮୨ ଦାନ୍ତ ବାହାରିଥିଲା। ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ଡାକ୍ତର ତାଙ୍କ ଅପରେଶନ କରିଥିଲେ।

# ହାଇଟେକ୍ ଟଏଲେଟ୍‌ରେ ଅଧିକ ସଂକ୍ରମଣ

**ନୂଆଦିଲ୍ଲୀ:** ହାଇଟେକ୍ ଟଏଲେଟରେ ସଂକ୍ରମଣର ସମ୍ଭାବନା ବହୁତ ଅଧିକ। ଏହି ପ୍ରକାରର ଟଏଲେଟ୍‌ରେ ଭୟଙ୍କର ବ୍ୟାକ୍ଟେରିଆ ସୁପରବଗ୍ ମଧ୍ୟ ସୃଷ୍ଟି ହୋଇପାରେ ବୋଲି ସୂଚନା ଦେଇଛନ୍ତି ବୈଜ୍ଞାନିକମାନେ। ତେବେ ଚିନ୍ତାଜନକ କଥା ହେଉଛି ଏହି ବ୍ୟାକ୍ଟେରିଆ ସଂକ୍ରମଣ ହେଲେ ଆଣ୍ଟିବାୟୋଟିକ୍ ମଧ୍ୟ କାମ କରି ନ ଥାଏ।

ଟଏଲେଟରେ ଭୟଙ୍କର ବ୍ୟାକ୍ଟେରିଆ ସୁପରବଗ୍‌ର ସମ୍ଭାବନା ଥିବା କଥା କହିଛନ୍ତି ଜାପାନର ବୈଜ୍ଞାନିକମାନେ। ଅନେକ ଦିନ ରିସର୍ଚ୍ଚ କରିବା ପରେ ଏବେ ଏହି ତଥ୍ୟ ପ୍ରକାଶ କରିଛନ୍ତି। ତେଣୁ ସୁପରବଗ୍‌ର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଟଏଲେଟ୍‌କୁ ଭଲଭାବେ ସଫା କରିବା ନିହାତି ଆବଶ୍ୟକ ବୋଲି



ବୈଜ୍ଞାନିକମାନେ ଜଣାଇଛନ୍ତି। ଜାପାନର ୮୦ ପ୍ରତିଶତ ଘରେ ହାଇଟେକ୍ ଟଏଲେଟ୍ ବ୍ୟବହାର କରାଯାଏ। ଏହା ସହିତ ଏବେ ବିଭିନ୍ନ ଅଞ୍ଚଳରେ ବି ହାଇଟେକ୍ ଟଏଲେଟ୍ ବ୍ୟବହାର କରାଯାଉଛି। ଟୋକିଓ ମେଡିକାଲ ୟୁନିଭର୍ସିଟି ହସ୍‌ପିଟାଲର ବୈଜ୍ଞାନିକମାନେ ରିସର୍ଚ୍ଚ କରି କହିଛନ୍ତି, ଟଏଲେଟର ୱାଟର ଜେଟ୍‌ରେ ହିଁ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଏବଂ ଏହି ବ୍ୟାକ୍ଟେରିଆ ଖୁବ୍‌ଶୀଘ୍ର ସଂକ୍ରମଣ ସୃଷ୍ଟି କରିଥାନ୍ତି। ତେଣୁ ଟଏଲେଟକୁ ଇନ୍‌ଫେକ୍‌ସନମୁକ୍ତ କରିବା ପାଇଁ ସବୁ ସ୍ଥାନରେ ସଫାସୁତୁରା ଉପରେ ଅଧିକ ଧ୍ୟାନ ଦେବା ଉଚିତ୍। ୨୦୨୦ ଡିସେମ୍ବର ମାସରୁ ଟୋକିଓର ବୈଜ୍ଞାନିକମାନେ ଏହା ଉପରେ ରିସର୍ଚ୍ଚ ଚଳାଇଥିଲେ। ବୈଜ୍ଞାନିକମାନଙ୍କର ଟିମ୍ ଏହି ଟଏଲେଟରୁ ନମୁନା ନେଇ ବାରମ୍ବାର ପରୀକ୍ଷା କରିଥିଲେ। ବ୍ୟାକ୍ଟେରିଆ ଥିବା ଟଏଲେଟକୁ ଯେଉଁମାନେ ବ୍ୟବହାର କରିଥିଲେ, ସେମାନେ ବିଭିନ୍ନ ପ୍ରକାରର ରୋଗର ଶିକାର ହୋଇଥିଲେ। ତେଣୁ ଟଏଲେଟକୁ ସଫା ରଖି ଏହି ବ୍ୟାକ୍ଟେରିଆର ସଂକ୍ରମଣକୁ ରୋକା ଯାଇପାରିବ ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି।

# ୨୦ ଇଞ୍ଚର ଗାଈ

**ଢାକା:** ବାଂଲାଦେଶର ଏକ ବିରଳ ଗାଈ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଗାଈଟିକୁ ଦେଖିବାକୁ ତା' ମାଲିକଙ୍କ ଘରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ ଲାଗୁଛି। ୨୦ ଇଞ୍ଚ ଉଚ୍ଚତାର ଏହି ଗାଈ ରାଣୀ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହାର ଉଚ୍ଚତା ମାତ୍ର ୫୧ ସେଣ୍ଟିମିଟର ବା ପାଖାପାଖି ୨୦ ଇଞ୍ଚ। ଲାଞ୍ଜରୁ ନେଇ ମୁଣ୍ଡ ପର୍ଯ୍ୟନ୍ତ ଲମ୍ବ ୨୬ ଇଞ୍ଚ। ଏହାର ଓଜନ ୨୮ କିଲୋଗ୍ରାମ। ରାଣୀର ମାଲିକ ଦାବି କରନ୍ତି ଏହା ବିଶ୍ୱର ସବୁଠାରୁ ଛୋଟ ଗାଈ। ତାଙ୍କର କହିବା କଥା ହେଲା ଏ ପର୍ଯ୍ୟନ୍ତ ଗିନିଜ ୱାର୍ଲଡ ରେକର୍ଡସରେ ଯେଉଁ ଗାଈ ସ୍ଥାନ ପାଇଛି ତାହାଠାରୁ ଏହା ୪ ଇଞ୍ଚ ଛୋଟ। ରାଣୀ ବାଂଲାଦେଶର ରାଜଧାନୀ ଢାକା ନିକଟ ଚାରିଗ୍ରାମର



ଏକ ଫାର୍ମ ହାଉସରେ ରହୁଛି। ଏହି ଫାର୍ମ ହାଉସର ମ୍ୟାନେଜର କୁହନ୍ତି, ସେ ଗିନିଜ ୱାର୍ଲଡ ରେକର୍ଡ ପାଇଁ ରାଣୀର ନାମ ସବୁଠାରୁ ଛୋଟ ଗାଈ ଭାବେ ସ୍ଥାନ ଦେବାକୁ ଆବେଦନ କରିଛନ୍ତି। ବର୍ତ୍ତମାନ ରାଣୀର ବୟସ ପାଖାପାଖି ୨ ବର୍ଷ। କେରଳର ମାଣିକ୍ୟମ ନାମକ ଏକ ଗାଈ ଗିନିଜ୍ ୱାର୍ଲଡ ରେକର୍ଡରେ ସବୁଠାରୁ ଛୋଟ ଗାଈ ଭାବେ ସ୍ଥାନିତ ହୋଇଛି, ଯାହାର ଲମ୍ବ ୨୪ ଇଞ୍ଚ।

# ରାଶିରେ ସାର ପ୍ରୟୋଗ



ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହିତ ୬କିଗ୍ରା ଯବକ୍ଷାରଜାନ,୬କି.ଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

# ଢିପ ଜମିରେ ଡାଲି ଫସଲ



ଢିପ ଜମି ବା ଢିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ। ପଶ୍ଚିମ ଓଡ଼ିଶାରେ ତଥା କେନ୍ଦୁଝର, କୋରାପୁଟ ଓ ଫୁଲବାଣୀ ଜିଲାରେ ଖାଲି ପଡିଥିବା ନିଗିଡା ମଧ୍ୟମ କିସମ ଜମିରୁ ଛୁଇଁ, ମଟର ପାଇଁ ଉପଯୁକ୍ତ ଗ୍ରୀନ୍ ମଟର କିସମ ଲଗାନ୍ତୁ। ବୁଣିବାର ୭ ଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ ଏବଂ ବୁଣିବା ଦିନ ବୀଜାଣୁ କଲ୍ଚରରେ ଉପଚାର କରି ବୁଣନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡି ମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା କ୍ରିୟାଶୀଳ ଉପାଦାନ ହିସାବରେ ସିଞ୍ଚନ କରନ୍ତୁ।

# ସୂର୍ଯ୍ୟମୁଖୀ

ଜଳସେଚିତ ଫସଲ ବୁଣିବାର ୨୫-୩୦ଦିନର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ। ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସେଠାରେ ସୁସ୍ଥ ଓ ନୀରୋଗ ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ। ଏକର ପ୍ରତି ୩କି.ଗ୍ରା. ଯବକ୍ଷାରଜାନ ଓ ସଙ୍କର ଜାତୀୟରେ ୬କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ସାରକୁ ଗଛ ମୂଳଠାରୁ ୩-୪ଇଞ୍ଚ ଛଡାରେ ଏବଂ ୨-୩ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ। ବୁଣା ହୋଇ ନ ଥିଲେ ନଭେମ୍ବର ଶେଷ ସୁଦ୍ଧା ସୂର୍ଯ୍ୟମୁଖୀ ଲଗାଇବା କାମ ଶେଷ କରନ୍ତୁ।



# ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗ



ଡା. ବୀରକିଶୋର ପରିଡ଼ା



ଅଧିକାଂଶ ସମୟରେ ଦେଖାଯାଇଛି ଯେ ପ୍ରାଣୀପାଳକମାନେ ପ୍ରାଣୀଙ୍କ ଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗରେ ଯେପର୍ଯ୍ୟନ୍ତ ଜାଣତ ବା ଅଜାଣତରେ ପୀଡ଼ିତ ବା ସଂକ୍ରମିତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ଏହା ଉପରେ ଗୁରୁତ୍ୱାରୋପ କରି ନ ଥାନ୍ତି ବା ଚିନ୍ତାଶୀଳ ହୋଇ ନ ଥାନ୍ତି। ଯେଉଁ ପ୍ରାଣୀପାଳକମାନେ ଗୃହପାଳିତ ପ୍ରାଣୀ ଯଥା - ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁର, ବିରାଡ଼ି, କୁକୁଡ଼ା, ବତକ ଆଦି ପ୍ରାଣୀ ପାଳନ କରୁଛନ୍ତି, ସେମାନେ ଏହି ସବୁ ରୋଗ ବିଷୟରେ ଜ୍ଞାନ ଉପଲବ୍ଧ କରିବା ନିହାତି ଆବଶ୍ୟକ। ସେଥିପାଇଁ ରାଜ୍ୟ, ଦେଶ ଓ ବିଶ୍ୱସ୍ତରରେ ପ୍ରାଣୀ ଚିକିତ୍ସକ, ପ୍ରାଣୀ ବିଶେଷଜ୍ଞ, ଅଧ୍ୟାପକ, ବୈଜ୍ଞାନିକମାନଙ୍କୁ ନେଇ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ଏକ ଓ ଅଭିନ୍ନ ବା ୱାନ୍ ହେଲ୍ଥ ସଂପର୍କିତ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା କରିବା ସହିତ ଏହାର ନିର୍ଯାସ ବାହାର କରିଛନ୍ତି। ତେଣୁ ପ୍ରାଣୀପାଳକମାନେ ପ୍ରାଣୀଙ୍କଠାରୁ ମନୁଷ୍ୟଙ୍କୁ ବ୍ୟାପୁଥିବା ରୋଗ ବିଷୟରେ ପ୍ରାଣୀ ଚିକିତ୍ସକ ବା ବିଶେଷଜ୍ଞଙ୍କଠାରୁ କିଛି ଧାରଣା ଗ୍ରହଣ କରିବା ଜରୁରୀ; ଯାହାଫଳରେ ଏହି ରୋଗ ସଂକ୍ରମିତ ହେଲେ କିମ୍ବା ରୋଗ ହେବା ପୂର୍ବରୁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିପାରିବେ।

ରୋଗ ଆଗରୁ ରହିଥିବା କିମ୍ବା ନୂତନ ସଂକ୍ରମଣ ପ୍ରାଣୀଙ୍କଠାରେ ପ୍ରାୟତଃ ୭୫ ପ୍ରତିଶତ ଉତ୍ପନ୍ନ ହୋଇଥାଏ। ସେଗୁଡ଼ିକ ମଧ୍ୟରେ ଜଳାତଙ୍କ, ଇବୋଲା, ଯାଦୁ, କୃମି ଆଦି ରୋଗ ପ୍ରାଣୀଙ୍କଠାରୁ ଆସିଥାଏ। ଯେତେବେଳେ ମନୁଷ୍ୟଠାରୁ ପ୍ରାଣୀଙ୍କୁ ରୋଗ ସଂକ୍ରମଣ କରିଥାଏ, ସେତେବେଳେ ଏହାକୁ ରିଭରସ୍ ଜୁନୋସିସ୍ ବା ଆନ୍ଥ୍ରୋପୋନୋସିସ୍ ବୋଲି କୁହାଯାଏ।

ପ୍ରାଣୀଙ୍କଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗକୁ ଆୟତ୍ତ କରିବା ବା ରୋକିବା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକଙ୍କର ବା ପ୍ରାଣୀ ସଂପଦ ବିକାଶ ବିଭାଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟ ତଥା ଦେଶରେ ବିଗତ କେତେ ବର୍ଷଧରି ବାର୍ଡ ଫ୍ଲୁ, ଜାପାନିଜ୍ ଏନ୍‌ସେଫାଲାଇଟିସ୍, ସ୍ୱାଇନ୍ ଫ୍ଲୁ, ଜଳାତଙ୍କ, ବ୍ରୁସେଲୋସିସ୍, ଆନ୍ଥ୍ରାକ୍ସ ଆଦି ରୋଗକୁ ନିୟନ୍ତ୍ରଣ ଓ ସୀମିତ କରିବାରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ପ୍ରଶଂସନୀୟ। ମାରାତ୍ମକ କରୋନା ଭୂତାଣୁ ସଂକ୍ରମଣ ସମୟରେ ପ୍ରାଣୀ ଚିକିତ୍ସା ସେବାରେ ନିଜକୁ ନିୟୋଜିତ କରି ଅନବରତ ଭାବେ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦ୍ୱାରା ପ୍ରାଣୀଙ୍କଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗଗୁଡ଼ିକୁ ନିୟନ୍ତ୍ରଣାଧୀନ କରିବାରେ ସକ୍ଷମ ହୋଇଛନ୍ତି। ସେଥିପାଇଁ ଅନେକ ପ୍ରାଣୀଚିକିତ୍ସକ,

**ପ୍ରାଣୀଙ୍କଠାରୁ ମନୁଷ୍ୟଙ୍କୁ ବ୍ୟାପୁଥିବା ଜଳାତଙ୍କ, ଇବୋଲା, ଯାଦୁ, କୃମି ଆଦି ରୋଗ ବିଷୟରେ ଜାଣିବା ଜରୁରୀ। କାରଣ ଏହି ରୋଗ ସଂକ୍ରମିତ ହେବା ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିପାରିବେ।**

ପ୍ରାଣୀଧନ ନିରୀକ୍ଷକ ତଥା ବିଭାଗୀୟ କର୍ମଚାରୀଙ୍କ ମଧ୍ୟ ଜୀବନହାନି ଘଟିଛି। ବିଶ୍ୱର ସର୍ବୋଚ୍ଚ ପ୍ରାଣୀ ସ୍ୱାସ୍ଥ୍ୟ ସଂଗଠନ ବା ଓ.ଆଇ.ଇ ପ୍ରାଣୀଙ୍କଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗ ମଧ୍ୟରୁ କେତୋଟିକୁ ମୁଖ୍ୟ ରୋଗ ଭାବେ ଦର୍ଶାଇଛନ୍ତି। ସେ ବିଷୟରେ ଏଠାରେ ସୂଚନା ଦିଆଯାଉଛି-

**ବାର୍ଡ ଫ୍ଲୁ :** ଏହା ଏକ ମାରାତ୍ମକ ଭୂତାଣୁଜନିତ ରୋଗ; ଯାହା କି ବିଭିନ୍ନ ବନ୍ୟପ୍ରାଣୀଙ୍କଠାରୁ କୁକୁଡ଼ା, ବତକ ଆଦି ପକ୍ଷୀଙ୍କୁ ସଂକ୍ରମିତ କରିଥାଏ। ପରବର୍ତ୍ତୀ ସମୟରେ ଏମାନଙ୍କଠୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ଏହି ରୋଗ ଦମନ ପାଇଁ ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁସରଣ କରି ପଦକ୍ଷେପ ଗ୍ରହଣ କରିଥାଆନ୍ତି। ତେଣୁ କୁକୁଡ଼ା ଓ ବତକ ଫାର୍ମକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ କୁକୁଡ଼ାଙ୍କୁ ନିୟମିତ ରାଣୀକ୍ଷେତ ରୋଗର ଟିକା ଦେବା ଆବଶ୍ୟକ। ସାଧାରଣତଃ ଏହି ରୋଗ ଶୀତଋତୁର ଶେଷଭାଗ ଆଡ଼କୁ ଦେଖାଦେଇଥାଏ।

**ଆନ୍ଥ୍ରାକ୍ସ :** ଏହା ଏକ ଜୀବାଣୁ ଜନିତ ରୋଗ ଏବଂ ଏହା ଗୋରୁ, ମଇଁଷି, ଛେଳି, ମେଣ୍ଢା, ଓଟ, ଘୋଡ଼ା ଓ ଘୁଷୁରି ଆଦି ପ୍ରାଣୀଠାରେ ଦେଖାଦେଇଥାଏ। ଏହି ଜୀବାଣୁର ସ୍ପୋରଗୁଡ଼ିକ ମନୁଷ୍ୟର ଚର୍ମର କ୍ଷତ କିମ୍ବା ପାଟି କିମ୍ବା ନାକର ପ୍ରଶ୍ୱାସ ବାୟୁ ମାଧ୍ୟମରେ ମନୁଷ୍ୟକୁ ସଂକ୍ରମିତ କରିଥାଏ। ଫଳରେ ମନୁଷ୍ୟଙ୍କଠାରେ ଜ୍ୱର, ଘୋଳାବିନ୍ଧା, ହାତର ପାପୁଲି ଓ କାନ୍ଧରେ ଗଭୀର କଳାରଙ୍ଗର ଘା' ସୃଷ୍ଟି ହୋଇ ପୂଯପାଣି ବାହାରେ। ଶେଷରେ ଚିକିତ୍ସିତ ନ ହେଲେ ମୃତ୍ୟୁମୁଖରେ ପଡନ୍ତି। ବିଶେଷକରି ଆମ ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ସଂକ୍ରମିତ ପ୍ରାଣୀଙ୍କ ମାଂସ ଭକ୍ଷଣ କରିବା ଯୋଗୁ ଏହି ରୋଗରେ ପୀଡ଼ିତ ହେବାର ଦେଖାଯାଏ। ସେଥିପାଇଁ ଆନ୍ଥ୍ରାକ୍ସ ପ୍ରବଣ ଅଞ୍ଚଳରେ ପ୍ରାଣୀଙ୍କୁ ବର୍ଷକୁ ୨ଥର ଆନ୍ଥ୍ରାକ୍ସ ସ୍ପୋର ଟିକା ପ୍ରଦାନ କରାଯିବା ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଅଛି।

**ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.) :** ଏହା ଏକ ଭୂତାଣୁଜନିତ ରୋଗ। ବଗଠାରୁ ଘୁଷୁରି ଓ ତା'ପରେ ମନୁଷ୍ୟକୁ ମଶା, ଡାଆଁଶ, କୀଟପତଙ୍ଗ ଆଦି ମାଧ୍ୟମରେ ବିଶେଷକରି ଛୋଟ ଶିଶୁମାନଙ୍କୁ ସଂକ୍ରମିତ କରି ମୃତ୍ୟୁମୁଖକୁ ଠେଲିଦିଏ। ଧାନଗଛର ବୃଦ୍ଧି ସମୟରେ କ୍ୟୁଲେକ୍ସ ମଶା ଦ୍ୱାରା ଏହି ମାରାତ୍ମକ ଭୂତାଣୁ ପ୍ରାଣୀଠାରୁ ମନୁଷ୍ୟକୁ ସହଜରେ ବ୍ୟାପିଥାଏ। ବର୍ତ୍ତମାନ ସେଥିପାଇଁ ସରକାରଙ୍କ ତରଫରୁ ଏହିରୋଗ ବିରୋଧରେ ପ୍ରତିଷେଧକ ଟିକାର ବ୍ୟବସ୍ଥା କରାଯାଇପାରିଛି।

**ଜଳାତଙ୍କ :** ଏହା ଏକ ମାରାତ୍ମକ ଭୂତାଣୁଜନିତ ରୋଗ। କୁକୁର, ନେଉଳ, ମୂଷା ଆଦି ପ୍ରାଣୀ ମନୁଷ୍ୟକୁ କାମୁଡ଼ିବା ଦ୍ୱାରା ଏହି ରୋଗର ଭୂତାଣୁ ଲାଳ ମାଧ୍ୟମରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରାଇଥାଆନ୍ତି। ଏହି ଜଳାତଙ୍କ ରୋଗର ଭୂତାଣୁ ଶରୀରରେ ପ୍ରବେଶ କରିବା ଦିନଠାରୁ ଲକ୍ଷଣ ପ୍ରକାଶ ପାଇବା ଅଳ୍ପଦିନରୁ ଆରମ୍ଭ କରି ବର୍ଷ ବର୍ଷ ଧରି ସମୟ ଲାଗେ। ଏହି ରୋଗର ଲକ୍ଷଣ ୧ରୁ ୨ ସପ୍ତାହ ପର୍ଯ୍ୟନ୍ତ ପ୍ରକାଶ ପାଇବା ପରେ ମନୁଷ୍ୟ ବା ପ୍ରାଣୀର ମୃତ୍ୟୁ ଆଶଙ୍କା ବଢିଯାଇଥାଏ। ଯଦି କୁକୁର କୁକୁରକୁ କାମୁଡ଼ିଲା କିମ୍ବା କୁକୁର ଗୋରୁ, ଛେଳିମେଣ୍ଢା ବା ଅନ୍ୟାନ୍ୟ ପ୍ରାଣୀକୁ କାମୁଡ଼ିଲା ତେବେ ତୁରନ୍ତ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ୦,୩,୭,୧୪,୨୮,୯୦ ମାସ ଆଦି ବ୍ୟବଧାନରେ ଦେବା ଆବଶ୍ୟକ। ନେଉଳ ଏହି ଭୂତାଣୁର ବାହକ ହୋଇଥିବାରୁ କାମୁଡ଼ିଲେ ଟିକା ନେବା ଜରୁରୀ। କୁକୁର କାମୁଡ଼ିଥିବା ଗାଈର କ୍ଷୀରକୁ ସିଝାଇ ଖାଇବା ଦରକାର ଏବଂ ଗାଈକୁ କୁକୁର କାମୁଡ଼ିବା ପରେ ପ୍ରତିଷେଧକ ଟିକା ଦେବା ଆବଶ୍ୟକ।

**ଲେପ୍ରୋସୀ :** ଏହା ଏକ ଜୀବାଣୁ ଜନିତ ରୋଗ ଏବଂ ମାଙ୍କଡ଼, ଠେକୁଆ ଓ ମୂଷାଙ୍କଠାରେ ବିଶେଷ ଭାବେ ଦେଖାଦେଇଥାଏ। ତେଣୁ ସେମାନଙ୍କ ସଂସ୍ପର୍ଶରେ ଆସିଲେ କିମ୍ବା ସେମାନଙ୍କ ମାଂସ ଭକ୍ଷଣ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଆନ୍ତି।

*-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର*
*ମୋ : ୯୪୩୭୬୦୭୩୧୨*






# ବୈଜ୍ଞାନିକ ପଦ୍ଧତିରେ ନଳିତା ଚାଷ



ଡ. ପରେଶ କୁମାର ପଣ୍ଡା

ଆମ ରାଜ୍ୟ ଉପକୂଳବର୍ତ୍ତୀ ଓ ଅନ୍ୟ ଜିଲାମାନଙ୍କରେ ନଳିତା ଚାଷ ବେଶ୍ ଲୋକପ୍ରିୟ। ସାଧାରଣତଃ ନଳିତା ଦୁଇ ପ୍ରକାର-ମଧୁର ନଳିତା ଏବଂ ପିତା ନଳିତା। ପିତା ନଳିତାର ଝୋଟ ଧଳା ରଙ୍ଗର ଓ ମଧୁର ନଳିତା ତୁଳନାରେ ଉଚ୍ଚତା ବିଶିଷ୍ଟ। ମାତ୍ର ମଧୁର ନଳିତାର ଝୋଟ ରଙ୍ଗ ହଳଦିଆ ବା ଧୂସର ହୋଇ ସମ୍ପୂର୍ଣ୍ଣ ଆଲୋକ ସମ୍ବେଦନଶୀଳ ଅଟେ। ଅର୍ଥାତ୍, ନିର୍ଦ୍ଦିଷ୍ଟ ଅବଧିର ସୂର୍ଯ୍ୟାଲୋକ ପାଇବା ପରେ ଛୋଟ ଦିନରେ ଏହାର ଫୁଲ ଆସିଥାଏ। ମଧୁର ନଳିତା ଝୋଟକୁ 'ତୋସା ଝୋଟ' କୁହାଯାଏ। ଉନ୍ନତ ବିହନ ଓ ଅନୁମୋଦିତ ଉତ୍ପାଦନର କୌଶଳ ଅବଲମ୍ବନ କଲେ ନିଶ୍ଚିତ ରୂପେ ଅନ୍ୟୁନ ୨୦ ପ୍ରତିଶତ ଅଧିକ ଅମଳ ମିଳିବା ସହ ଆଶାନୁରୂପ ଲାଭ ମିଳିପାରିବ। ପିତା ନଳିତାର ଅମଳ ସମୟ ୧୨୫ରୁ ୧୩୫ ଦିନ ହୋଇଥିବା ବେଳେ ମଧୁର ନଳିତାର ଅବଧି ପ୍ରାୟ ସମାନ ବା ୫ ଦିନ ଅଧିକ। ମାତ୍ର ବିହନ ଉତ୍ପାଦନ କ୍ଷେତ୍ରରେ ଏହାର ଅବଧି ୧୮୦ ଦିନ (ଛଅ ମାସ) ହୋଇଥାଏ। ଉନ୍ନତ ତଥା ଅଧିକ ଅମଳକ୍ଷମ ପିତା ନଳିତା କିସମଗୁଡିକ ହେଲା- ଶ୍ୟାମଳୀ (ଜେଆରସି ୭୪୪୭), ୟୁପିସି-୯୪ (ରେଶ୍ମା), ପଦ୍ମା, ଜେଆରସି-୬୯୮ (ଶ୍ରାବନ୍ତୀ ହ୍ୱାଇଟ୍ ପିବିସି-୬), ବିଧାନ ପାଟ-୧, ବିଧାନ ପାଟ-୨, ବିଧାନ ପାଟ-୩, ଜେଆରସି-୮୦, ଜୟଦେବ (କେସି-୧), ବଳଦେବ (ଜେଆରସି-୪୪୪), ଶ୍ରେଷ୍ଠା (ଜେଜସି-୭) ଇତ୍ୟାଦି। ମଧୁର ନଳିତାର ଉନ୍ନତ କିସମଗୁଡିକ ହେଲା-ନବୀନ (ଜେଆରଓ-୫୨୪), ଚୈତାଳୀ ତୋଷା (ଜେଆରଓ-୮୭୮), ବୈଶାଖୀ ତୋଷା (ଜେଆରଓ-୬୩୨), ରେବତୀ (ଜେଓଏମ-୬୨), ବାସୁଦେବ(ଜେଆରଓ ୭୮୩୫), ଜେଆରଓ ୩୬୯୦ (ସାବିତ୍ରୀ), ଜେଆରଓ-୬୬ (ଗୋଲ୍ଡେନ ଜୁବୁଲି ତୋଷା), ଜେଆରଓ-୧୨୮ (ସୂର୍ଯ୍ୟ), ମହାଦେବ (ଟିକେ-୪୦), ସବୁଜ (ଏସ-୯), ଶକ୍ତି ତୋଷା (ଜେଆରଓ-୮୪୩୨), ସୁବଳ (ଏସ-୯) ଓ ଜେଆରଓ-୨୦୪ (ସୁରେନ୍) ଅନ୍ୟତମ।

**ବିହନ ପରିମାଣ, ବୁଣିବା ଓ ଦୂରତା**

ନଳିତା ଫସଲର ଚେର ଗଭୀରକୁ ପ୍ରବେଶ କରୁଥିବାରୁ ଓ ମଞ୍ଜି ଛୋଟ ଥିବାରୁ ଜମିକୁ ୫-୬ ଥର ଭଲ ଭାବରେ ଗୁଣ୍ଡ କରି ପ୍ରସ୍ତୁତ କରିବା ଦରକାର। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ପ୍ରାୟ ୨୦ କୁଇଣ୍ଟାଲ ଖତ ପ୍ରୟୋଗ କରିବା ଭଲ। ଏକର ପ୍ରତି ଧାଡି ବୁଣାରେ ୪ କିଗ୍ରା ବିହନ ଦରକାର ହେଉଥିବା ବେଳେ ମଧୁର ନଳିତ କ୍ଷେତ୍ରରେ ଯଥାକ୍ରମେ ୨ କିଗ୍ରା ଓ ୩ କିଗ୍ରା ବିହନ ଦରକାର ପଡିଥାଏ। ସର୍ବଦା ଧାଡିବୁଣା ପ୍ରତି ଗୁରୁତ୍ୱ ଦେବା ଉଚିତ। କାରଣ ଧାଡି ବୁଣାରେ ଗଛ ଠିକ୍ ଭାବରେ ଉଠିବା ସହ ବିନା ପ୍ରତିଯୋଗିତାରେ ଭଲ ରୂପେ ବଢ଼ିଥାଏ। ଗଛ ପତଳା କରିବା ବ୍ୟତୀତ ଅନ୍ତଃଚାଷ ଯଥାରୂପେ କରିବା ସହ ସହଜ ଓ ଅମଳ ଅଧିକ ହୋଇଥାଏ। ଧାଡିକୁ ଧାଡି ପିତା ନଳିତା ପାଇଁ ୨୫ ସେମି (୧୦ ଇଞ୍ଚ) ଓ ମଧୁର ନଳିତା ପାଇଁ ୩୦ ସେମି (୧୨ ଇଞ୍ଚ) ଦୂରତାରେ ବିହନ ବୁଣାଯାଏ। ସରକାରୀ ସହାୟତାରେ ମଞ୍ଜି ବୁଣା ଯନ୍ତ୍ର କିଣି ତାହା ସହାୟତାରେ ବିହନ ବୁଣିଲେ ବିହନରୁ ଠିକ୍ ଗଛ ମିଳିଥାଏ।

**ଖତ ସାର ପ୍ରୟୋଗ**

ଏକର ପ୍ରତି ପିତା ନଳିତା ପାଇଁ ୨୪-୧୨-୧୨ କିଗ୍ରା ଯବକ୍ଷାରଜାନ-ଫସଫରସ-ପଟାସ ସାର ଦିଆଯାଏ। ମାତ୍ର ମଧୁର ନଳିତା ପାଇଁ ଅନୁମୋଦିତ ସାର ଏକର ପ୍ରତି ହେଲା ୧୬-୮-୮। ଶେଷ ଓଡ ଚାଷ ସମୟରେ ସମୁଦାୟ ଫସଫରସ ଯଥା ଡି.ଏ.ପି. ସାର ଓ ପଟାସ ସାର ଦିଆଯାଏ। ଯବକ୍ଷାରଜାନ (ୟୁରିଆ) ସାରକୁ ତିନି ଥରରେ ଫସଲରେ ଦିଆଯାଏ (୩ୟ, ୫ମ ଓ ୮ମ ସପ୍ତାହ ବେଳକୁ ଗଛ ବଢ଼ିବା ସମୟରେ ଘାସ ବଛା ଓ କୋଡାଖୁସା ସାରି)। ୟୁରିଆ ବଦଳରେ ଆମୋନିୟମ ସଲ୍‌ଫେଟ୍ ବା କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସାର ଦେଲେ ଝୋଟର ଗୁଣାତ୍ମକ ମାନ ବୃଦ୍ଧି ପାଇଥାଏ।



*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ଚିନାବାଦାମ ଚାଷରେ କୋଡ଼ାଖୁସା

ଆଗରୁ ଲଗାଯାଇଥିବା ଚିନାବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା' ପରେ ଏକର ପ୍ରତି ୧୦୦ କିଗ୍ରା ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦ କିଗ୍ରା ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡେ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ - ୨୪, ସ୍ମୃତି କିମ୍ବା ଜେ.ଏଲ୍ - ୨୪ ଆଦି ବ୍ୟବହାର କରନ୍ତୁ।



# ଗେଣ୍ଡୁ ଫୁଲର ଉନ୍ନତ କିସମ

ଗେଣ୍ଡୁଫୁଲର ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡିକୁ ଧାଡି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।



# ଓମ୍ ଆଦିତ୍ୟ ଚାମ୍ପିୟନ




**ଭୁବନେଶ୍ୱର, ୧୩।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍‌ଲାଇନ୍ ଓପନ ଚେସ୍‌ରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ସାମଲ, ଅବିନାଶ ବଳିୟାରସିଂ, ହର୍ଷିତ ରଞ୍ଜନ ସାହୁ, ଅଭୟ କୁମାର ଦାଶ, ସୌମ୍ୟ ରଞ୍ଜନ ମିଶ୍ର, ରବୀନ୍ଦ୍ର କୁମାର ଓଝା, ଦେବୀ ପ୍ରସାଦ ନାୟକ, ବିକାଶ କୁମାର ଲେଙ୍କା ଓ ନିପୁନ ଆଦିତ୍ୟ ମହାନ୍ତି ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ଭିତ୍ତିରେ ନରେନ୍ଦ୍ର ଅଗ୍ରୱାଲ, ଅକ୍ଷଜ ନାୟକ, ସୌମ୍ୟ ଶାଶ୍ୱତ ରଥ, ଆଦିତ୍ୟ ଜେନା, ସିଦ୍ଧାର୍ଥ ମିଶ୍ର, ସାଇ ଶକ୍ତି ପଣ୍ଡା, ବିଭୋର ଅଦକ, ନମସ୍ୟ ନଳିନୀ, ମନୀଷା ସାହୁ, ସୌମ୍ୟ ରଞ୍ଜନ ଜେନା, ନବନୀତା ପଟ୍ଟନାୟକ, ନିୟତି ନିହାରିକା ମହାପାତ୍ର ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ୬୬ ବର୍ଷୀୟ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଛନ୍ତି। ବଡଗଡ ବ୍ରିଟ କଲୋନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରିନ୍ସିପାଲ ଗିରିଜା କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ଓ ସଂଯୋଜକ ସୀତେନ୍ଦୁ ରାଜଗୁରୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଦ୍ୱିତୀୟ ରାଉଣ୍ଡରେ ପଦ୍ମିନୀ

## ଚେସ୍ ବିଶ୍ୱକପ

**ସୋଚି (ରୁଷିଆ), ୧୩।୭ (ପି.ଟି.)** ଅନ୍ତର୍ଜାତୀୟ ମାଷ୍ଟର ଓଡ଼ିଶାର ପଦ୍ମିନୀ ରାଉତ ଏଠାରେ ଚାଲିଥିବା ଚେସ୍ ବିଶ୍ୱକପର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପଦ୍ମିନୀ ଆଜରବୈଜାନର ଉଲଭିୟା ଫତସାଲିୟେଭାଙ୍କୁ ୨-୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ଇରାନର ସରସାଦତ ଖାଦେମାଲଶରେଙ୍କୁ ଭେଟିବେ। ପଦ୍ମିନୀଙ୍କ ସାଥି ଖେଳାଳି ଆର. ବୈଶାଳୀ ଓ ଭକ୍ତି କୁଲକର୍ନୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବାରୁ ଡି. ହାରିକା ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୁରୁଷ ବର୍ଗରେ ଆର. ପ୍ରଜ୍ଞାନନ୍ଦ, ନିହାଲ ସରିନ ଓ ପି.ଇନିୟାନ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଜ୍ଞାନନ୍ଦ ଫିଲିପାଇନ୍ସର ପାଉଲୋ ବେର୍ଷାମିନାଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରିଛନ୍ତି। ୧୫ ବର୍ଷୀୟ ପ୍ରଜ୍ଞାନନ୍ଦ ଦ୍ୱିତୀୟ ରାଉଣ୍ଡରେ ଆର୍ମେନିଆର ଗାବ୍ରିଏଲ ସର୍ଗିସିଆନଙ୍କୁ ଭେଟିବେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ